

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୫ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 5 JANUARY 2024
Vol.No. 34 ■ No. 5 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ବଳ ଗୋଟାଉଛି କଂଗ୍ରେସ

## ଦିଲ୍ଲୀରେ ନ୍ୟାୟ ଯାତ୍ରା ପାଇଁ ବୈଠକ, ଏପଟେ କଂଗ୍ରେସରେ ମିଶିଲା ୱାଇଏସ୍ଆର ତେଲେଙ୍ଗାନା ପାର୍ଟି



ନୂଆଦିଲ୍ଲୀ, ୪/୧ : ୨୦୨୪ ଲୋକସଭା ରଣନୀତି ନେଇ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ । ଇଣ୍ଡିଆ ମେଂଟ ସହ ଆସନ ଭାଗବଂଟା ନେଇ ପିସିସି ସଭାପତି ଓ ସାଧାରଣ ସମ୍ପାଦକଙ୍କ ସହ ଆଲୋଚନା କରିଛନ୍ତି କେନ୍ଦ୍ରୀୟ ନେତୃତ୍ୱ । ଆଗାମୀ ଭାରତ ନ୍ୟାୟ ଯାତ୍ରାରେ ଶକ୍ତି ପ୍ରଦର୍ଶନ କରିବାକୁ ଯୋଜନା କରିଛି ଦଳ । ଦିଲ୍ଲୀ ମୁଖ୍ୟାଳୟରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ମଲ୍ଲିକାର୍ଜୁନ୍ ଖଡଗେଙ୍କ ଅଧକ୍ଷତାରେ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ ନେତା ମାନେ ଏହି ବୈଠକରେ ସାମିଲ ହୋଇଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଆସନ ଭାଗବଂଟା ନେଇ ଆଲୋଚନା କରାଯିବା ସହିତ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରା ନେଇ ମଧ ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି । ରାହୁଲ ଗାନ୍ଧୀ ଏହି ଯାତ୍ରାରେ ଯେଉଁ ୧୪ଟି ରାଜ୍ୟରେ ପଦଯାତ୍ରା କରିବେ ଏସମସ୍ତ ରାଜ୍ୟର ପ୍ରଭାରୀ ମାନଙ୍କ ସହ ଆଜି ଆଲୋଚନା କରାଯାଇଛି । ଆସନ୍ତା ୧୪ ଜାନୁଆରୀରୁ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଆରମ୍ଭ କରିବେ ରାହୁଲ ଗାନ୍ଧୀ । ଏହି ଯାତ୍ରା ମଣିପୁରରେ ଆରମ୍ଭ ହୋଇ ୨୦ ମାର୍ଚ୍ଚରେ ମୁମ୍ବାଇରେ ଶେଷ ହେବ । ଏହି ସମୟରେ ୧୪ଟି ରାଜ୍ୟର ୮୫ଟି ଜିଲ୍ଲା ଦେଇ ପାଖାପାଖି ୬ହଜାର ୨୦୦ କିଲୋମିଟର, ରାହୁଲ ନ୍ୟାୟ ଯାତ୍ରା କରିବେ । ହାତ ଧରିଲେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଭଉଣୀ । ୱାଇଏସ୍ଆର ତେଲେଙ୍ଗାନା ପାର୍ଟିର ପ୍ରତିଷ୍ଠାତା ତଥା ୱାଇଏସ୍ଆର କଂଗ୍ରେସ ମୁଖ୍ୟ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ୱାଇ ଏସ୍ ଶର୍ମିଲା ଆଜି କଂଗ୍ରେସରେ ମିଶିଛନ୍ତି । କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧିଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି । ଗତ କିଛି ଦିନ ହେବ ଶର୍ମିଲା କଂଗ୍ରେସରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା । ଏହାରି ଭିତରେ ବୁଧବାର ରାତିରେ ଦିଲ୍ଲୀ ପହଞ୍ଚିଥିଲେ ଶର୍ମିଲା । ଆଜି ସକାଳେ କଂଗ୍ରେସ ମୁଖ୍ୟାଳୟରେ ପହଞ୍ଚି ସେ ହାତ ଧରିଛନ୍ତି । ଏହାପୂର୍ବରୁ ମଙ୍ଗଳବାର ହାଇଦ୍ରାବାଦରେ ଶର୍ମିଲା ନିଜ ଦଳର ବୈଠକର ଅଧକ୍ଷତା କରିଥିଲେ । ଏହି ବୈଠକରେ ଜାନୁଆରୀ ୪ ତାରିଖରେ ଦିଲ୍ଲୀ ଯାଇ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧିଙ୍କୁ ଭେଟିବା ସହ ଏକ ମହତ୍ୱପୂର୍ଣ୍ଣ ଘୋଷଣା କରିବେ ବୋଲି କହିଥିଲେ। ▶▶ପୃଷ୍ଠା ୭

## ରାସ୍ତା ମଝିରେ ଫରେଷ୍ଟ ଗାର୍ଡଙ୍କୁ ମାଡି ବସିଲା ଭିଜିଲାନ୍ସ



ନବରଙ୍ଗପୁର, ୪/୧ (ନି.ପ୍ର): ରାସ୍ତା ମଝିରେ ଫରେଷ୍ଟ ଗାର୍ଡଙ୍କୁ ମାଡି ବସିଲା ଭିଜିଲାନ୍ସ । ତାଙ୍କଠାରୁ ଦେଢ ଲକ୍ଷରୁ ଅଧିକ ଟଙ୍କା ଜବତ କରି ଉଚରା ଉଚରା କରୁଛି । ହେଲେ ସନ୍ତୋଷ ଜନକ ଉତ୍ତର ପାଇନଥିବାରୁ ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ୍ ଓ ଘରେ ଚଢ଼ଉ କରିଛି । ଆଜି ଏପରି ଖବର ନବରଙ୍ଗପୁରରୁ ଆସିଛି । ନନ୍ଦାହାଣ୍ଡି ବ୍ଲକ୍ ଜଗନ୍ନାଥପୁର ବିଟର ଫରେଷ୍ଟ ଗାର୍ଡ ବିନାୟକ ଚନ୍ଦ୍ର ସୋରି ଆଜି ଏକ ଲକ୍ଷ ୫୩ ହଜାର ଟଙ୍କା ଧରି ନିଜ ବାଇକ୍‌ରେ ରଖି ଯାଉଥିଲା । କୌଣସି ସୂତ୍ରରୁ ଖବର ପାଇ ନବରଙ୍ଗପୁର ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରିଥିଲା । ଖାତିଗୁଡ଼ା ନିକଟସ୍ଥ ଇନ୍ଦ୍ରାବତୀ ପୋଲ ନିକଟରେ ତାଙ୍କୁ ଅଟକାଇ ଥିଲା । ପରେ ତାଙ୍କୁ ଯାଞ୍ଚ କରିଥିଲେ ଭିଜିଲାନ୍ସ ଟିମ୍ । ସେହି ସମୟରେ ତାଙ୍କଠାରୁ ଏତେ ପରିମାଣର ଟଙ୍କା ପାଇଥିଲା । ସେ ଏତେ ଗୋଡାଏ ଟଙ୍କା କେଉଁଠୁ ଆଣିଲେ ତାଙ୍କୁ କିଏ ଟଙ୍କା ଦେଇଥିଲା ତା'ର ସନ୍ତୋଷ ଜନକ ଉତ୍ତର ସେ ଦେଇ ପାରିନଥିଲେ । ଯେଉଁଥିପାଇଁ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି । ଅନ୍ୟପକ୍ଷରେ ତାଙ୍କ ଘରେ ମଧ ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି ।

## ଚିଲିକାରେ ୧୧ ଲକ୍ଷ ୩୭ ହଜାର ପକ୍ଷୀ

ଚିଲିକା, ୪/୧ (ନି.ପ୍ର): ଚଳିତ ବର୍ଷ ଚିଲିକାରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଶେଷ ହୋଇଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ଶୀତର ପ୍ରକୋପ ଅଧିକ ଥିବା ସତ୍ତ୍ୱେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡିଛି । ଏଥର ଚିଲିକାକୁ ଆସିଛନ୍ତି ୫ ହଜାର ୮୩୦ ଅଧିକ ପକ୍ଷୀ । ଆଜି ପକ୍ଷୀ ଗଣନା ଶେଷ ହୋଇଥିବା ବେଳେ ଅଧିକ ସଂଖ୍ୟକ ପକ୍ଷୀ ଚିଲିକାକୁ ଆସିଥିବା ଜଣାପଡ଼ିଛି । ୧୮୭ ପ୍ରଜାତିର ୧୧ଲକ୍ଷ ୩୭ ହଜାର ୭୫୯ ପକ୍ଷୀ । ଗତବର୍ଷ ୧୮୪ ପ୍ରଜାତିର ୧୧ଲକ୍ଷ ୩୧ ହଜାର ୯୨୯ ପକ୍ଷୀ ଆସିଥିଲେ । ଏବର୍ଷ ନଳବଣରେ ୩ ଲକ୍ଷ ୪୨ ହଜାର ୮୯୭ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଛି । ଗଣନାରେ ନର୍ଦ୍ଦର୍ଣ୍ଣ ପିନଟେଲ୍ ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା ସର୍ବାଧିକ ରହିଛି । ଏମାନଙ୍କ ସଂଖ୍ୟା ହେଲା ୨ ଲକ୍ଷ ୧୮ ହଜାର ୬୫୦ । ସେହିପରି ୧୦ ବର୍ଷ ପରେ ଏଥର ପାଲାସ ଫିସ୍ ଇଗଲ ପକ୍ଷୀ ଚିଲିକାରେ ଦେଖାଦେଇଛି । ଏ ନେଇ ଚିଲିକା ବନ୍ୟପ୍ରାଣୀ ଡିଏଫଓ ଅମ୍ଳାନ ନାୟକ ସୂଚନା ଦେଇଛନ୍ତି ।

## ନିଲମ୍ବନ ହଟିବା ପରେ ବିଜେଡିରେ ମିଶିପାରନ୍ତି ଚିରଞ୍ଜିବ



ଭୁବନେଶ୍ୱର, ୪ /୧ (ନି.ପ୍ର): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଏବେ ନିଜର ବଳ ଗୋଟାଇବାରେ ଲାଗିଛି । ବିଭିନ୍ନ କାରଣରୁ ଦଳୀୟ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା ନେତାମାନଙ୍କୁ ଫେରାଇ ଆଣିବାକୁ ପ୍ରଦେଶ କଂଗ୍ରେସ ଏବେ ପ୍ରୟାସ ଆରମ୍ଭ କରିଛି । ଗତ ଜୁଲାଇ ମାସରେ ନିଲମ୍ବିତ ବିଧାୟକ ମହମ୍ମଦ ମୋକିମ୍ ଓ ବରିଷ୍ଠ ନେତା ଚିରଞ୍ଜିବ ବିଶ୍ୱାଳଙ୍କ ଉପରୁ ନିଲମ୍ବନ ଖୁବଶୀଘ୍ର ପ୍ରତ୍ୟାହାର କରାଯିବ ବୋଲି ଦଳ ସଙ୍କେତ ଦେଇଛି । ଆଉ ନିଲମ୍ବନ ହଟିବା ପରେ ଚିରଞ୍ଜିବ ବିଜେଡିରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ପ୍ରଦେଶ କଂଗ୍ରେସ କମିଟି(ପିସିସି) ଶୃଙ୍ଖଳା କମିଟି ଅଧକ୍ଷ ସନ୍ତୋଷ ସିଂ ସାଲୁଜା ଆଜି ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ▶▶ପୃଷ୍ଠା ୭

## ଦିଲ୍ଲୀରେ ଝଲସିବ ଓଡ଼ିଶାର ପ୍ରଜ୍ଞାପନ ମେଢ

ନୂଆଦିଲ୍ଲୀ, ୪/୧ : ଦିଲ୍ଲୀରେ ଝଲସିବ ଓଡ଼ିଶା ପ୍ରଜ୍ଞାପନ ମେଢ଼ । ଗଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀ କର୍ତ୍ତବ୍ୟପଥରେ ୩ ବର୍ଷ ପରେ ଏଥର ଓଡ଼ିଶା ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିବ । ସାଧାରଣତନ୍ତ୍ର ଦିବସ ପରେଡରେ ସ୍ଥାନ ପାଇଛି ଓଡ଼ିଆ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ଚିତାକର୍ଷକ ପ୍ରଜ୍ଞାପନ ମେଢ଼ । ଓଡ଼ିଶାର ପ୍ରଜ୍ଞାପନ ମେଢ଼ ମଡେଲ ମନୋନୀତ ହୋଇଥିବା ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଚିଠି ମିଳିଛି । ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସହ ଓଡ଼ିଶାର ମଡେଲ ଚୂଡ଼ାନ୍ତ ହୋଇଥିବା ଏବଂ ଏ ସଂପର୍କୀତ ଗାଇଡଲାଇନ ନେଇ ଚିଠିରେ ଉଲ୍ଲେଖ ରହିଛି । ଚଳିତ ବର୍ଷ ଓଡ଼ିଶା ପକ୍ଷରୁ ରଘୁରାଜପୁର ଶିଳ୍ପୀଗ୍ରାମ ଓ ମହିଳା ସଶକ୍ତୀକରଣ ମଡେଲ ପଠାଯାଇଥିଲା । ଏନେଇ ଏକ ସୁନ୍ଦର ଡିଜାଇନ୍ ପଠାଇଥିଲେ ଶିଳ୍ପୀ କୀର୍ତ୍ତି କିଶୋର ମହାରଣା । ବିଶିଷ୍ଟ ଚିତ୍ରଶିଳ୍ପୀ ଗଜେନ୍ଦ୍ର ସାହୁଙ୍କ ତତ୍ତ୍ୱବଧାନରେ ଏହି ମଡେଲ୍ ପ୍ରସ୍ତୁତ ହୋଇଛି ।

## ପୁଣି ଆନ୍ଦୋଳନକୁ ଓହ୍ଲାଇଲା ଡ୍ରାଇଭର ମହାସଂଘ



ଭୁବନେଶ୍ୱର, ୪ /୧ (ନି.ପ୍ର): ଆଜିଠୁ ପୁଣି ଥରେ ଆରମ୍ଭ ହୋଇଛି ଡ୍ରାଇଭରଙ୍କ ଦେଶବ୍ୟାପୀ ଆନ୍ଦୋଳନ । ନୂଆ ହିଟ୍ ଆଣ୍ଡ ରନ ଆଇନକୁ ବିରୋଧ କରି ଦୁଇ ଦିନ ତଳେ ପ୍ରତ୍ୟାହୃତ ହୋଇଥିବା ଆନ୍ଦୋଳନ ଆଜିଠୁ ପୁଣି ଥରେ ସମଗ୍ର ଦେଶରେ ଆରମ୍ଭ ହୋଇଛି । ଏଥିରେ ଓଡିଶାର ସମସ୍ତ ଡ୍ରାଇଭର ମଧ ସାମିଲ ହେବେ । ଆଗାମୀ ଦୁଇ ଦିନ ମଧରେ ସମଗ୍ର ରାଜ୍ୟର ଡ୍ରାଇଭର ନିଜ ଗାଡିକୁ ଘରେ କିମ୍ବା ନିଜ ମାଲିକଙ୍କ ଜିମା ଦେଇ ଆନ୍ଦୋଳନରେ ▶▶ପୃଷ୍ଠା ୭

## ଓଡିଶାରେ ଜେଏନ.୧ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୪/୧ (ନି.ପ୍ର): ଓଡିଶାରେ ଜେଏନ.୧ ଆକ୍ରାନ୍ତ ଚିହ୍ନଟ । କରୋନାର ନୂଆ ଭାରିଆଂଟ ଜେଏନ.୧ରେ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବୋଲି ଗୁରୁବାର ଜଣାପଡିଛି । ୨ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ସୁସ୍ଥ ଥିବା ବେଳେ ସେ ସୁନ୍ଦରଗଡର ବାସିନ୍ଦା । ଅନ୍ୟ ଜଣେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି । ଏନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ରଙ୍କ ପକ୍ଷରୁ ସୂଚନା ମିଳିଛି ।

## ଅଯୋଧ୍ୟା ନଯିବାକୁ ଘୋଷଣା କଲେ ପୁରୀ ଶଙ୍କରାଚାର୍ଯ୍ୟ



ପୁରୀ, ୪/୧ (ନି.ପ୍ର): ଜାନୁଆରୀ ୨୨ରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବ । ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ଏହି ସମାରୋହକୁ ଐତିହାସିକ ବନାଇବାକୁ ଉତ୍ତରପ୍ରଦେଶ ସରକାର ଓ ଅଯୋଧ୍ୟା ପ୍ରଶାସନ ପୁରା ଦମରେ ଲାଗିଛନ୍ତି । ଶ୍ରୀରାମ ମନ୍ଦିରର ପ୍ରଥମ ମହଲା ସମ୍ପୂର୍ଣ୍ଣ ହୋଇଥିବାବେଳେ ଏବେ ଏହାକୁ ସଜ୍ଜିତ କରାଯାଉଛି । ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟ ଯଜମାନ ଭାବେ ଚୟନ କରାଯାଇ ତାଙ୍କୁ ନିମନ୍ତ୍ରଣ କରାଯାଇଛି । ଏପରିକି ରାମଲାଲାଙ୍କ ଭବ୍ୟ ମୂର୍ତ୍ତିକୁ ମଧ ଗର୍ଭ ଗୃହ ସିଂହାସନରେ ଅଧିଷ୍ଠିତ କରାଇବା ଦାୟିତ୍ୱ ମଧ ମୋଦୀଙ୍କୁ ଦିଆଯାଇଥିବା ସୂଚନା ରହିଛି । କିନ୍ତୁ ଏହାକୁ ନେଇ ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ବିରୋଧ କରିଛନ୍ତି ଏବଂ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବୁଧବାର ରତଲାମରେ ଆୟୋଜିତ ଏକ ଧାର୍ମିକ ସମ୍ମିଳନୀରେ ଯୋଗ ଦେବା ଅବସରରେ ତାଙ୍କୁ ଏନେଇ ପଚରାଯାଇଥିଲା । ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶଙ୍କରାଚାର୍ଯ୍ୟ କହିଥିଲେ ଯେ, ' ଅଯୋଧ୍ୟା ଶ୍ରୀରାମମନ୍ଦିରକୁ ମୋଦୀଜୀ ଲୋକାର୍ପଣ କରିବେ । ମୂର୍ତ୍ତିକୁ ସ୍ପର୍ଶ କରି ପ୍ରତିଷ୍ଠା କରିବେ । ▶▶ପୃଷ୍ଠା ୭

## ବାଙ୍ଗିରିପୋଷି ଘାଟିରେ ଓଲଟିଲା ୨ ଟ୍ରକ୍: ଗୋଟିଏ ଗାଡ଼ି ସହ ଜଳିଗଲେ ଡ୍ରାଇଭର



ମୟୂରଭଞ୍ଜ, ୪/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଘାଟିରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବାଙ୍ଗିରିପୋଷି ଘାଟିରେ ଭାରସାମ୍ୟ ହରାଇ ୨ଟି ଟ୍ରକ୍ ୨୦ ଫୁଟ ତଳକୁ ଖସି ଯାଇଥିଲା । ଏହାପରେ ସେଥି ମଧ୍ୟରୁ ଗୋଟିଏ ଟ୍ରକ୍‌ରେ ନିଆଁ ଲାଗି ଡ୍ରାଇଭର ଜୀଅନ୍ତା ଜଳି ଯାଇଥିବା ଜଣାଯାଇଛି । ଅନ୍ୟ ଜଣେ ଡ୍ରାଇଭରଙ୍କ ପତ୍ତା ମିଳୁନି । ଆଜି ସକାଳ ପ୍ରାୟ ୮ଟା ପରେ ଏକ ତେଲ ବୋଝେଇ ଟ୍ରକ୍ ଓ ଏକ ଟ୍ୟାଙ୍କର କେନ୍ଦୁଝରରୁ ବାରିପଦା ଅଭିମୁଖେ ଆସୁଥିଲେ । ମାତ୍ର ବାଙ୍ଗିରିପୋଷି ଘାଟିରେ ତଳକୁ ଓହ୍ଲାଉଥିବା ବେଳେ ପାଖାପାଖି ଥିବା ୨ଟି ଗାଡ଼ି ଭାରସାମ୍ୟ ହରାଇ ବସି ୨୦ ଫୁଟ ତଳକୁ ଖସି ପଡ଼ିଥିଲେ । ଏହାପରେ ତତ୍କ୍ଷଣାତ ତେଲ ବୋଝେଇ ଟ୍ରକ୍‌ରେ ନିଆଁ ଲାଗି ଜଳିଯିବା ସହ ଡ୍ରାଇଭର ଜଳି ଯାଇଛନ୍ତି । ବିଶୋଇ ଓ ବାଙ୍ଗିରିପୋଷି ଅଗ୍ନିଶମ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ତେଲ ବୋଝେଇ ଟ୍ରକ୍‌ଟି ହୁତୁହୁତୁ ହୋଇ ଜଳୁଥିବାରୁ ସଙ୍ଗେସଙ୍ଗେ ନିଆଁକୁ କାବୁ କରିବା ସମ୍ଭବପର ହୋଇ ପାରିନି । ତେଣୁ ଟ୍ରକ୍ ଭିତରେ ଥିବା ମୃତଦେହକୁ ଉଦ୍ଧାର କରାଯାଇ ପାରିନି । ଏଥିସହ ଟ୍ରକ୍ ତଳେ ଅନ୍ୟ ଜଣେ ଡ୍ରାଇଭର ଚାପି ହୋଇଥିବା ଅନୁମାନ ▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ପୁଅ



ନୂଆଦିଲ୍ଲୀ, ୪/୧ : ତାମିଲନାଡୁର ମନ୍ତ୍ରୀ ତଥା ଡିଏମକେ ନେତା ଉଦୟନିଧି ଷ୍ଟାଲିନ ଆଜି ଦିଲ୍ଲୀ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ଉଦୟନିଧି ହେଉଛନ୍ତି ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ । ଜୁନିୟର ଷ୍ଟାଲିନ ଆଜି ମୋଦିଙ୍କୁ ଭେଟି ବନ୍ୟା ପ୍ରଭାବିତ ଜିଲ୍ଲାରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପାଣ୍ଠି ରିଲିଜ କରିବାକୁ କହିଛନ୍ତି । ଉଦୟନିଧି ନିଜ ସୋଶାଲ ମିଡିଆ ଆକାଉଣ୍ଟରେ କହିଛନ୍ତି, "ତାମିଲନାଡୁ ସରକାରଙ୍କ ତରଫରୁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ▶▶ପୃଷ୍ଠା ୭

## ଇଡି ସମନକୁ ନେଇ ବିଜେପିକୁ ଅରିବିନ୍ଦ କେଜ୍ରିୱାଲଙ୍କ ଟାର୍ଗେଟ



ଇଡି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିବା ନଇ ଟ୍ୱିଟ୍ କରି ଆଶଙ୍କା ପ୍ରକାଶ କରିଥିଲେ ଆପ୍ ନେତା ସୌରଭ ଭରଦ୍ୱାଜ ଓ ମନ୍ତ୍ରୀ ଅତିଶୀ । କିନ୍ତୁ ଇଡି ପକ୍ଷରୁ ସେଭଳି କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳିନଥିଲା ।

ନୂଆଦିଲ୍ଲୀ, ୪/୧ : ଗିରଫ ଆଶଙ୍କା ଭିତରେ ପୁଣି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ଦିଲ୍ଲୀ ଅବକାରୀ ମାମଲାରେ ପଚରାଉଚରା ପାଇଁ ହାଜର ହେବାକୁ ଇଡି ତିନି ଥର ସମନ ଜାରି କରିଥିଲେ ମଧ କେଜରିୱାଲ ହାଜର ହୋଇନାହାଁନ୍ତି । ଆଉ କହିଛନ୍ତି, ବିଜେପି ତାଙ୍କୁ ଇଡି, ସିବିଆଇ ଲଗାଇ ଗିରଫ କରିବାକୁ ଚାହୁଁଛି । ଦିଲ୍ଲୀରେ କୌଣସି ଅବକାରୀ ଦୁର୍ନୀତି ହୋଇନାହିଁ । ବିଜେପି ତାଙ୍କୁ ଆଗାମୀ ଲୋକସଭା ନିର୍ବାଚନ ପ୍ରଚାରରୁ ଦୁରେଇ ରଖିବାକୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି । ଯଦି ଆଇନଗତ ଭାବେ ସଠିକ୍ ସମନ ଜାରି କରାଯାଇଥାନ୍ତା ତେବେ ସେ ସହଯୋଗ କରିଥାନ୍ତେ । ଗତ ଡିସେମ୍ବର ୨୨ ତାରିଖରେ ତୃତୀୟ ଥର ଦିଲ୍ଲୀ ଇଡି କାର୍ଯ୍ୟାଳୟରେ ହଜାର ହେବାକୁ କେଜରୀୱାଲଙ୍କୁ ନୋଟିସ୍ କରିଥିଲା ଇଡି । ଜାନୁଆରୀ ୩ ତାରିଖ ଭିତରେ ହଜାର ହେବାକୁ ନିର୍ଦ୍ଦେଶ ରହିଥିଲା । କିନ୍ତୁ କେଜରୀୱାଲ ହଜାର ନହେବାକୁ ନେଇ ପ୍ରଶ୍ନ ଉଠାଇଛି ବିଜେପି । ଗିରଫ ଭୟରେ କେଜରୀୱାଲ ଇଡିରେ ହଜାର ହେଉନଥିବା ଅଭିଯୋଗ ଆଣିଛି ବିଜେପି । ସେପଟେ ପୁଣି ଥରେ କେଜରୀୱାଲଙ୍କୁ ନୂଆ ସମନ ଜାରି କରିବାକୁ ଇଡି ଯୋଜନା କରୁଥିବା କୁହାଯାଉଛି । ୨୦୨୪ ନିର୍ବାଚନ ପୂର୍ବରୁ ଇଡିର ନୋଟିସକୁ ନେଇ ପ୍ରଶ୍ନ ଉଠାଇଛି ଆପ୍ । ଗୁରୁବାର

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାର ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଉ: ଜୟନାରାୟଣ ମିଶ୍ର

ଭୁବନେଶ୍ୱର, ୦୪/୧ (ନି.ପ୍ର): ଓଡ଼ିଶାର ଅନ୍ୟତମ ପ୍ରଜ୍ଞାପୁରୁଷ ତଥା ଲକ୍ଷ ଲକ୍ଷ ଆଦିବାସୀମାନଙ୍କର ଆଶାର ପ୍ରାଣକେନ୍ଦ୍ର ଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକୁ ୧୫ବର୍ଷ ବିତିଗଲାଣି। କିନ୍ତୁ ବଡ ଆଶ୍ଚର୍ଯ୍ୟର ବିଷୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ତଦନ୍ତ କମିଶନ ରିପୋର୍ଟ ରାଜ୍ୟ ସରକାର ସାର୍ବଜନୀନ କରୁନାହାନ୍ତି। ଏହା ପଛରେ କେଉଁ ଅଜଣା କାରଣ ଅଛି ବା କେଉଁ ବିଶେଷ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ସେହି ତଦନ୍ତ କମିଶନ ରିପୋର୍ଟ ଚପାଇ ରଖିଛନ୍ତି, ତାହାର ଉତର ଦେବା ଦରକାର। ଆଜିବି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ମୁଖ୍ୟ ଷଡଯନ୍ତ୍ରକାରୀମାନେ ଖୁଲମଖୋଲା ବୁଲୁଛନ୍ତି ଏବଂ ସେମାନଙ୍କର ଆଦିବାସୀ ବିରୋଧୀ କାର୍ଯ୍ୟକଳାପ ଜାରୀ ରଖିଛନ୍ତି। କନ୍ଧମାଳ ସମେତ ଓଡ଼ିଶାର ଅନେକ ଜିଲ୍ଲାରେ ସେମାନେ ସରଳ ଆଦିବାସୀମାନଙ୍କୁ ପ୍ରଲୋଭିତ କରି ଧର୍ମାନ୍ତରୀକରଣ କରୁଛନ୍ତି। ରାଜ୍ୟ ସରକାର ତୁରନ୍ତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରନ୍ତୁ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଛନ୍ତି ଯେ, ଆଦିବାସୀମାନଙ୍କ ସାମାଜିକ, ଭାଷାଗତ ଉନ୍ନତିକୁ ଗଢ଼ି ତୋଳିବାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏନେଇ ବିଭିନ୍ନ ଦେଶ ବିରୋଧୀ ଅନୁଷ୍ଠାନ ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା କରିବାକୁ ଚକ୍ରାନ୍ତ କରିଥିଲେ। ୨୦୦୭ମସିହା ଡିସେମ୍ବର ୨୫ତାରିଖରେ ହତ୍ୟା ଉଦ୍ୟମ କରାଯାଇଥିଲା। ଏହାପରେ ରାଜ୍ୟ ସରକାର ତାଙ୍କୁ ସୁରକ୍ଷା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨୦୦୮ରେ ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା କରାଯାଇଥିଲା। ଆଶ୍ଚର୍ଯ୍ୟର ବିଷୟ ଯେଉଁ ଓଡ଼ିଶା ପୋଲିସ ତାଙ୍କୁ ସୁରକ୍ଷା ଦେଉଥିଲା ସେହିଦିନ ସେମାନେ ଛୁଟିରେ ଥିଲେ। ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସହ ତାଙ୍କର ୪ଜଣ ସହଯୋଗୀଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ଏନେଇ ୩ଟି ତଦନ୍ତ କମିଶନ ମଧ୍ୟ ବସିଥିଲା। ଜଷ୍ଟିସ ପାଣିଗ୍ରାହୀ କମିଶନ, ଜଷ୍ଟିସ ମହାପାତ୍ର ଓ ଜଷ୍ଟିସ ନାଇଡୁ କମିଶନ ଏହି ହତ୍ୟାକାଣ୍ଡ ଓ ଅନ୍ୟ ପ୍ରସଙ୍ଗରେ ତଦନ୍ତ କରୁଥିଲେ। ୨ଟି କମିଶନର ରିପୋର୍ଟ ସରକାରଙ୍କୁ ଦିଆଯାଇଥିଲେ ମଧ୍ୟ ଏଯାଏଁ କାହିଁକି ଏହାକୁ ସାର୍ବଜନୀନ କରାଯାଇ ନାହିଁ, ତାହାର ଉତର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଅନ୍ତୁ। ଏହି ରିପୋର୍ଟକୁ ସରକାର ତୁରନ୍ତ ସାର୍ବଜନୀନ କରନ୍ତୁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଦେବାଶିଷ ହୋତା ନାମକ ଜଣେ ବ୍ୟକ୍ତି ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ତଦନ୍ତଭାର ସିବିଆଇକୁ ଦିଆଯାଉ ବୋଲି ଦାବି କରିଥିଲେ। ଏହାପରେ ମାନ୍ୟବର ହାଇକୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କୁ ଏନେଇ ନୋଟିସ୍ କରିଛନ୍ତି। ଯଥାଶୀଘ୍ର ରାଜ୍ୟ ସରକାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ତଦନ୍ତଭାର ସିବିଆଇକୁ ଦିଅନ୍ତୁ। କାହିଁକି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯାଇଥିଲା ତାହାର ଉତର ଜାଣିବା ପାଇଁ ଆଜିବି ଓଡ଼ିଶାର କୋଟି କୋଟି ହିନ୍ଦୁ ଅପେକ୍ଷା କରିଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାମାଜିକ ଗଣମାଧ୍ୟମ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣିକୋଇଲି ମହୋତ୍ସବ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ

କୋରେଇ, ୦୪/୧ (ନି.ପ୍ର): ଚଳିତ ଜାନୁୟାରୀ ୫ ତାରିଖରୁ ପାଣିକୋଇଲି ମହୋତ୍ସବ ଆରମ୍ଭ ହୋଇ ୯ ତାରିଖ ଦିନ ଉଦଯାପନ ହେବ । ଚଳିତ ବର୍ଷ ମହୋତ୍ସବରେ ଆସାମର ବିହୁ ନାଚ,ପୁରୀର ଗୋଟିପୁଅ, ଖୋର୍ଦ୍ଧାର ପାଇକ ଆଖଡ଼ା, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ସହିତ ଭଜନ ସଂଧ୍ୟା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏଥି ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ମଙ୍ଗଳବାର ଦିନ ମହୋତ୍ସବ ପଡ଼ିଆରେ କମିଟିର ସଭାପତି ରାକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମହୋତ୍ସବକୁ ପରିଚାଳନା କରିବା ଲାଗି ବିଭିନ୍ନ କମିଟି ଗଠନ କରାଯାଇ ଉତ୍ସାହୀ ଯୁବକ ମାନଙ୍କୁ ଦାୟିତ୍ୱ ବଂଟନ କରାଯାଇଥିଲା। ଅର୍ଥ ପରିଚାଳନା କମିଟିରେରେ ପ୍ରଫୁଲ୍ଲ ବେହେରା, ପ୍ରଫୁଲ୍ଲ କୁମାର ଦାସ ଓ ପ୍ରଶାନ୍ତ ବିଶ୍ୱାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ପ୍ରମୋଦ ପଣ୍ଡା, ନିତ୍ୟାନନ୍ଦ ମଳିକ, ବିକାଶ ମଲ୍ଲିକ, ସନ୍ଦୀପ ନାୟକ,ରାଜୀବ ଲୋଚନ ସାହୁ, ସତ୍ୟଭାମା ମଲ୍ଲିକ, ପ୍ରିୟଙ୍କା ମଲ୍ଲିକ କଂଟ୍ରୋଲ ରୁମ ଦାୟିତ୍ୱରେ ରାଜ କିଶୋର ମଳିକ, ଆନନ୍ଦ ରଣା ଅଭ୍ୟର୍ଥନା ଦାୟିତ୍ୱରେ ଦେବେନ୍ଦ୍ର ସ୍ୱାଇଁ, କୈଳାସ ବିଶ୍ୱାଳ, ବିଜନ କୁମାର ଧଳ, ଶେଖ ଜହର ଅଲ୍ଲୀ, ପ୍ରଶାନ୍ତ ନାଥ, ରବିନ ଘଡ଼ାଇ, ମାନସ ରାୟ, ସନ୍ତୋଷ ରାୟ, ସୁଧାଂଶୁ ଶେଖର ନାୟକ, ସୁଶାନ୍ତ ପରିଡ଼ା, ନୀଳମଣୀ ମହାରଣା, ସରୋଜ ସାହୁ, ଜଗଦୀଶ୍ୱର ମଲ୍ଲିକ, ରମେଶ ସାହୁ ଓ ଅବଦୁଲ ସଏଦ ଖାଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଖାଦ୍ୟ ପରିବେଷଣ କମିଟିରେ କପିଳେଶ୍ୱର ରଣା,ରୋହିତ ପରିଡ଼ା, ପଙ୍କଜ ସାହୁ, ଅକ୍ଷୟ ସାହୁ ପ୍ରାଥମିକ ଚିକିତ୍ସା ଦାୟିତ୍ୱରେ ଡ଼ା ଦିଲ୍ଲିପ କୁମାର ରାଉତ, ଡ଼ା ବସନ୍ତ କୁମାର ପଣ୍ଡା,ରଶ୍ମି ରଂଜନ ପରିଡ଼ା,ବିକ୍ରମ କେଶରୀ ମଲ୍ଲିକ,ପଲ୍ଲବୀ ଦଳାଇ ଓ ପ୍ରିୟଙ୍କା ମଞ୍ଜରୀ ସାହୁ , ମୀନାବଜାର ଦାୟିତ୍ୱରେ ଅଜିତ କୁମାର ବାରିକ, କାର୍ତିକ ଚନ୍ଦ୍ର ବେହେରା, ପ୍ରତାପ କୁମାର ସାହୁ, ରଂଜିତ କୁମାର ପରିଡ଼ା ଓ ନଣ୍ଡା ମଳିକ, ବିଦ୍ୟୁତ ବଂଟନ ଦାୟିତ୍ୱରେ ରବିନ୍ଦ୍ର ନାୟକ, ଜିତେନ୍ଦ୍ର କୁମାର ସାହୁ ପ୍ରଚାର ଓ ପ୍ରସାର ଦାୟିତ୍ୱରେ ସଂଗ୍ରାମ କେଶରୀ ବିଶ୍ୱାଳ, ତାରିଣୀ କୁମାର ପଟ୍ଟନାୟକ,ଉପେନ୍ଦ୍ର ପାତ୍ର, ପ୍ରଦୀପ ମାଝୀ, ରାକେଶ କୁମାର ପଣ୍ଡା, ଅଶୋକ କୁମାର ଦାସ ଓ ରୁଦ୍ର ବେହେରା ଓ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ରବିନାରାୟଣ ପରିଡ଼ା, ନକୁଳ ବେହେରା, ଅଜିତ କୁମାର ସାହୁ, ଶରତ କୁମାର ସାହୁ, ମୁସ୍ତାକ ଅଲ୍ଲୀ ଖାନ, ସୁରେଶ କୁମାର ସ୍ୱାଇଁ, ପିତାମ୍ବର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ସଡ଼କ ଦୁର୍ଘଟଣାରେ ଜୀବନ ହାନି ଜାତି ଓ ସମାଜ ପାଇଁ ଅପୂରଣୀୟ କ୍ଷତି: ଜିଲ୍ଲାପାଳ

ସୁବର୍ଣ୍ଣପୁର, ୦୪/୧ (ନି.ପ୍ର): ସାରା ରାଜ୍ୟ ତଥା ଜିଲ୍ଲା ଗୁଡିକରେ ଜାନୁୟାରୀ ୦୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲାରେ ମଧ୍ୟ ଜିଲ୍ଲା ପରିବହନ ବିଭାଗ ଓ ପ୍ରଶାସନ ତରଫରୁ ଉପରୋକ୍ତ ଦିନଗୁଡିକରେ ସଡ଼କ ସୁରକ୍ଷା ନିମିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇ ଜନସାଧାରଣଙ୍କୁ ଗାଡି ଚଳାଚଳ ନିମନ୍ତେ ବ୍ୟବସ୍ଥିତ ଆଇନ, ଦାୟିତ୍ୱ ଓ କର୍ତବ୍ୟ ଉପରେ ସଚେତନତା କରାଯାଉଛି । ଆଜି ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ସଚେତନ ନାଗରିକ ଓ ପ୍ରଶାସନର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ ଭାବେ ଜିଲ୍ଲା ଗଠନ ପରେ ପରେ ସୋନପୁର ସହରର ଆଶାତିତ ବୃଦ୍ଧି ସହ କ୍ରମ ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରରେ ଥିବା ବିଭିନ୍ନ ସମ୍ବେଦନଶୀଳ ତଥା ଗହଳି ଛକ ଓ ଗହଳି ପୂର୍ଣ୍ଣ ବଜାର ଅଂଚଳଗୁଡିକର ମୁଖ୍ୟ ରାସ୍ତାଗୁଡିକରେ ବ୍ୟବସ୍ଥିତ ଟ୍ରାଫିକ ନିୟନ୍ତ୍ରଣ ର ବନ୍ଦୋବସ୍ତ ସହ ଜନସାଧାରଣଙ୍କ ଚଳପ୍ରଚଳକୁ ସୁଗମ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସହରର ବ୍ଲକ ଛକ, ବୁଢାରଜା ଛକରେ ସ୍ୱ ନିୟନ୍ତ୍ରଣ ଗୋଲେଇ ଛକ ପାଇଁ ଆବଶ୍ୟକ ଭିତିଭୂମି ପ୍ରସ୍ତୁତି ସହ ନିର୍ମାଣ ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ତତ ସହ ସହର ର ଅନ୍ୟ ସମସ୍ତ ସମ୍ବେଦନଶୀଳ ପତଭାଡ଼ି ସ୍ଥିତ ଛକ, ଆମ୍ବେଦକର ଛକ, ନଳିନୀ ଛକ, କୁଞ୍ଜ ହୋଟେଲ ଛକ ପ୍ରଭୁତି ଗୁଡିକରେ ମଧ୍ୟ ଅନୁରୂପ ପଦକ୍ଷେପ ପାଇଁ ଗୁରୁତ୍ୱାରୋପ କରାଯାଇଛି। ସହର ମଧ୍ୟରେ ରହିଥିବା ମୁଖ୍ୟ ରାସ୍ତା ରେ ଚାଲୁ ରହିଥିବା ପାଦ ଚଳା ରାସ୍ତା ର କାର୍ଯ୍ୟ କୁ ଅତିଶୀଘ୍ର ସମାପନ କରିବାକୁ ଜିଲ୍ଲାପାଳ ଉପସ୍ଥିତ ସମ୍ପୃକ୍ତ ପୌର ପରିଷଦ ଅଧିକାରୀ, ଏନ ଏଚ ଯନ୍ତ୍ରୀ, ପି ଡବ୍ଲୁ ଡି ଯନ୍ତ୍ରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ସହର ର ମୁଖ୍ୟ ରାସ୍ତା ସହ ବଜାର ଅଂଚଳରେ ଯାନ ବାହନ ପାର୍କିଙ୍ଗ ନିମନ୍ତେ ଆବଶ୍ୟକ ସ୍ଥାନ ନିରୂପଣ ଏବଂ ଚିହ୍ନଟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ଯାଇଥିବା ମୁଖ୍ୟ ଏନ ଏଚ ବିଭାଗ ଅଧିନସ୍ତ ରାସ୍ତା, ପୀଡବ୍ଲୁଡି ରାସ୍ତା ଗୁଡିକୁ ସଂଯୋଗ କରୁଥିବା ରାସ୍ତା ଗୁଡିକରେ ହମ୍ପ ଏବଂ ସ୍ପୀଡ୍ ବ୍ରେକର ଲଗାଇବା ଓ ରାସ୍ତା ଗୁଡିକରେ ଥିବା ସମ୍ବେଦନଶୀଳ ସ୍ଥାନ ପ୍ରଭୃତିରେ ରାସ୍ତା ସାଇନେଜ, ରେଡ଼ିଅମ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଟ୍ରାଫିକ ଆଇନ ର କଡାକଡି ଅନୁପାଳନ ସହ ଅମାନିଆଙ୍କୁ ଧାର୍ଯ୍ୟ ଜୋରିମାନା କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷ ଭାବେ ନାବାଳକଙ୍କୁ ଗାଡିଚାଳନା ପାଇଁ ପ୍ରୋତ୍ସାହିତ ନକରିବାକୁ ଜିଲ୍ଲାପାଳ ସମସ୍ତ ଅଭିଭାବକଙ୍କୁ ଅନୁରୋଧ କରିଛନ୍ତି। ଯେଉଁ ମାନେ ଏହାର ଖିଲାପ କରିବେ ଗାଡି ଜବତ ହେବା ସହ ଅଭିଭାବକଙ୍କ ଠାରୁ ଜୋରିମାନା ଅର୍ଥ ଆଦାୟ କରାଯିବ। ଯେକୌଣସି ଜୀବନ ହେଉଛି ଆମ ପାଇଁ ମୂଲ୍ୟବାନ, ଜୀବନ ହାନୀ ଜାତି, ସମାଜ ପାଇଁ ଅପୂରଣୀୟ କ୍ଷତି। ଏଣୁ ସହର ର ଜନସଂଖ୍ୟା ତଥା ଆୟତନ ର ଅହେତୁକ ବୃଦ୍ଧି ହେତୁ ଟ୍ରାଫିକ ନିୟଂତ୍ରଣ ଓ ଗାଡି ଚାଳନା ଉପରେ ସମସ୍ତେ ଯନ୍ତ୍ବାନ ହେବାକୁ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ ଶ୍ରୀ ରାୟ । ଏହି ପରିପ୍ରେକ୍ଷୀରେ ସହର ଭିତରକୁ ସକାଳ ୭ ଘଂଟାରୁ ୧୧ ଘଂଟା ଓ ଅପରାହ୍ନ ୪ ଘଂଟାରୁ ସନ୍ଧ୍ୟା ୭ ଘଂଟା ପର୍ଯ୍ୟନ୍ତ ଭାରି ଯାନ ଚଳା ଚଳ କରାଯିବା ଉପରେ ବିଶେଷ ଆଲୋଚନା ହୋଇ ଉପରୋକ୍ତ ସମୟ ଅବଧି ମଧ୍ୟରେ ଗାଡି ପ୍ରବେଶ କୁ ନିଷେଧ କରାଯିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି କ୍ଷ ଅଦ୍ୟ ବୈଠକରେ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ପୂର୍ବତନ ଅଧ୍ୟକ୍ଷ ପୌରପରିଷଦ ସୋନପୁର ପ୍ରକାଶ ଚନ୍ଦ୍ର ସାହୁ, ସଚେତନ ନାଗରିକ ମଣ୍ଡଳୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୀଡବ୍ଲୁ ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ, ପୌରପରିଷଦ ନିର୍ବାହୀ ଅଧିକାରୀ, ଏମ ଭି ଆଇ, ଏନ୍ଏଚ୍ ଯନ୍ତ୍ରୀ ତଥା ସାମ୍ବାଦିକ ବୃନ୍ଦ ପ୍ରଭୃତି ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମାଲକାନଗିରି ଜିଲ୍ଲାରେ ନୂଆ-ଓ ଏବଂ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍ଯାପିତ

ମାଲକାନଗିରି, ୦୪/୧ (ନି.ପ୍ର): ଯୁବପିଢୀଙ୍କ ଭିତରେ କ୍ରୀଡା, କଳା, ସାହିତ୍ୟ, ସଂସ୍କୃତି ଓ ସାମାଜିକ ସେବା କାର୍ଯ୍ୟର ଭାବଧାରା ଉଦ୍ରେକ କରି ଯୁବଶକ୍ତିକୁ ଆଗକୁ ଆଗେଇ ନେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ମୁଖ୍ୟ ଅତିଥି ଭାବେ ଯୁବ ସେବା ଓ କ୍ରୀଡା, ଆଇଟି ଓ ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦଘାଟନ କରିଛନ୍ତି । ସେ କହିଛନ୍ତି ଯୁବଶକ୍ତି ହେଉଛନ୍ତି ନୂଆ ଓଡ଼ିଶାର ବିଶ୍ୱକର୍ମା। ଏହା ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପରିକଳ୍ପନା ଯେଉଁଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇ ପରିପ୍ରକାଶ ହୋଇପାରିବ। ସଂସ୍କୃତି, କ୍ରୀଡା ଓ ସମାଜସେବା ମାଧ୍ୟମରେ ଯୁବଶକ୍ତି ନୂଆ ଓଡ଼ିଶା, ବିକଶିତ ଓଡ଼ିଶା ଓ ସମ୍ପୂର୍ଣ୍ଣ ଓଡ଼ିଶା ଗଠନ ରେ ସହାୟକ ହେବେ। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ଗଣ ଶିକ୍ଷା ମନ୍ତ୍ରୀ, ସୁଦାମ ମାରାଣ୍ଡି, ଲୋକସଭା ସାଂସଦ, ରମେଶ ଚନ୍ଦ୍ର ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା, ପ୍ରଦୀପ ମାଝୀ, ଚିତ୍ରକୋଣ୍ଡା ବିଧାୟକ, ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଲକାନଗିରି ଅଧକ୍ଷ, ଆଡମା ରାବା, ଜିଲ୍ଲାପାଳ, ବିଶାଲ ସିଂ ଓ ଆରକ୍ଷୀ ଅଧିକ୍ଷକ, ନୀତେଶ ୱାଧୱାନି ମଂଚରେ ଉପସ୍ଥିତ ଥିଲେ। ଏହି ଅବସରରେ ୫ଟି ଓ ନବୀନ ଓଡ଼ିଶା ଅଧକ୍ଷ ଭି କେ ପଣ୍ଡିଆନଙ୍କ ବାର୍ତାକୁ ପ୍ରଦର୍ଶନ କରଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ରାଶି ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରା ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୩୨ ଗୋଟି ମହାବିଦ୍ୟାଳୟରୁ ପ୍ରାୟ ୧୪ ହଜାର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉତ୍ସବକୁ ଆକର୍ଷଣ କରିବା ନିମନ୍ତେ ଓଲିଉଡ ଗାୟକ କୁଲଦୀପ ପଟ୍ଟନାୟକ, ଇଣ୍ଡିଆନ ଆଇଡଲ୍ ପ୍ରତିଯୋଗୀ ରହନ ବିଶ୍ୱାଳ, ହରିହର ଦାସ ଗ୍ରୁପ୍ ଓ କଲ୍କୀ ରାପରଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସେମାନଙ୍କ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ସମସ୍ତ ଛାତ୍ରଛାତ୍ରୀ ମନୋଭରି ଉପଭୋଗ କରିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ତଦାରଖରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତ୍ରିନାଥ ମାଝୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ , ଉପ ଜିଲ୍ଲାପାଳ ଡଃ ଅକ୍ଷୟ କୁମାର ଖେମୁଣ୍ଡୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ତପନ ନାରାୟଣ ରଥ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ପ୍ରୋଗ୍ରାମ ମାନେଜର, ମାନସ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ, ମାଧବ ପାଙ୍ଗିଙ୍କ ସମେତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ମହିଳାଙ୍କୁ ପ୍ରତାରଣା କରିଛି ଜୀବିକା ମିଶନ : କଂଗ୍ରେସ

ଭୁବନେଶ୍ୱର, ୦୪/୧ (ନି.ପ୍ର): ମିଶନ ଶକ୍ତିର ମହିଳାଙ୍କ ସଶକ୍ତିକରଣକୁ ନେଇ ରାଜ୍ୟ ସରକାରଙ୍କର ମିଥ୍ୟା ପ୍ରଚାରର ଅସଲ ଚେହେରାକୁ ଆଜି ପଦାରେ ପକାଇଛି କଂଗ୍ରେସ। ଜଳେଶ୍ୱର ବ୍ଲକ ଅଧିନସ୍ଥ ଚମାରଗାଁ ପଂଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଭ୍ୟାମାନେ ବାରମ୍ବାର ମିଶନଶକ୍ତି ଦ୍ୱାରା ପ୍ରତାରିତ ହେବାପରେ ଆଜି ସେମାନେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇ ଜଳେଶ୍ୱର ବ୍ଲକର ବିଡିଓ, ଜଳେଶ୍ୱର ବ୍ଲକ ଜୀବିକା ମିଶନର ପ୍ରୋଜେକ୍ଟ ମ୍ୟାନେଜର, ବାଲେଶ୍ୱର ଜିଲ୍ଲାପାଳ ଇତ୍ୟାଦିଙ୍କୁ ପକ୍ଷଭୁକ୍ତ କରିବା ପରେ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ମିଶନଶକ୍ତିର ପ୍ରବଂଚନାର ମହାଖୁଲାସା କରିଥିଲେ। ଜଳେଶ୍ୱରର କଂଗ୍ରେସ ନେତା ତଥା ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ଉପସ୍ଥିତିରେ ଚମାରଗାଁ ପଂଚାୟତର ମହିଳା ନେତ୍ରୀ ଅର୍ଣ୍ଣପୂର୍ଣ୍ଣା ଘୋଷ, ଭାରତୀ ଡିଣ୍ଡା ଓ ନବୀନ ପରିଡ଼ା ପ୍ରମୁଖ କହିଛନ୍ତି ମିଶନଶକ୍ତି ଅଧିନସ୍ଥ ମିଶନ ଶକ୍ତି ବିଭାଗ ଦ୍ୱାରା ଉନ୍ନତ ଗାଇଚାଷ ମାଧ୍ୟମରେ ମହିଳାମାନଙ୍କର ଆର୍ଥିକ ବିକାଶକୁ ଲକ୍ଷ୍ୟ ରଖି ୧୦ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ମିଶନଶକ୍ତି ବିଭାଗର ଗାଇଡଲାଇନ ଅନୁସାରେ ପ୍ରତି କ୍ଲଷ୍ଟରେ ୩୦ ଜଣ ମହିଳାଙ୍କୁ ଅର୍ନ୍ତଭୁକ୍ତ କରି ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୩୦ ହଜାର ଟଙ୍କାର ଗାଇ ଦିଆଯିବା କଥା। ଗାଇ ଗୁଡ଼ିକ ଉନ୍ନତମାନର ଜର୍ସି ସିନ୍ଧି ଗାଇ ହେବା ସହିତ ପ୍ରତିଟି ଗାଇର ସର୍ବନିମ୍ନ ଦୁଇଟି ବାଛୁରୀ ଥିବା ସହ ୮-୧୦ ଲିଟର କ୍ଷୀର ଦେଉଥିବା ବାଧ୍ୟତାମୂଳକ ବୋଲି ଗାଇଡଲାଇନରେ ଉଲ୍ଲେଖ ଅଛି। ମାତ୍ର ଜୀବିକା ମିଶନ ଏହି ମହିଳମାନଙ୍କୁ ଗାଇ ଦେଲାବେଳେ ଏସବୁ ମାନଦଣ୍ଡକୁ ଅଣଦେଖା କରାଯାଇଛି। ଏପରିକି ଅନେକ ଗାଇ ମଧ୍ୟ ଦିନକୁ ୧ ଲିଟର କ୍ଷୀର ଦେଉନାହନ୍ତି ଏବଂ ସେମାନଙ୍କର ବାଛୁରି ମଧ୍ୟ ନାହିଁ। ଏହି ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଆଜି ଲୋକାୟୁକ୍ତରେ ମହିଳାମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ କହିଛନ୍ତି ମିଶନଶକ୍ତି ମାଧ୍ୟମରେ ମହିଳା ଗ୍ରୁପକୁ ଋଣ ଦେବବେଳେ ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ସେମାନଙ୍କର ସୁଧ ଛାଡ଼ କରାଯିବ। ମାତ୍ର ଆଜିପର୍ଯ୍ୟନ୍ତ କୌଣସି ମହିଳା ଗ୍ରୁପ ନେଇଥିବା ଋଣର ସୁଧ ଛାଡ଼ କରାଯାଇନାହିଁ। ମହିଳାଗ୍ରୁପ ଗୁଡ଼ିକୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଆତ୍ମନିର୍ଭରଶୀଳ କରିବା ପରିବର୍ତେ ସେମାନଙ୍କୁ ମହାଜନୀ କାରବାରର ଏଜେଂଟ ଭାବରେ ନିୟୋଜିତ କରିଛନ୍ତି। ଏହା ଓଡ଼ିଶାର ମହିଳା ଓ ମହିଳାଗ୍ରୁପ ମାନଙ୍କ ପ୍ରତି ପ୍ରତାରଣା ବୋଲି ଶ୍ରୀ ଦାସ ଅଭିଯୋଗ କରିଥିଲେ। ପିସିସିର ବରିଷ୍ଠ ପ୍ରବକ୍ତା ରଜନୀ କୁମାର ମହାନ୍ତି ଓଡ଼ିଶାର ୭୦ଲକ୍ଷ ମହିଳା ଆତ୍ମ ନିର୍ଭରଶୀଳ ହେବା ଏକ ସରକାରୀ ପ୍ରବଂଚନା ବୋଲି କହିବା ସହିତ ମାତ୍ର ୬ଲକ୍ଷ ମହିଳା ଆତ୍ମନିର୍ଭରଶୀଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ।

# କେନ୍ଦ୍ରାପଡ଼ା ରାଜଶ୍ରୀର ପ୍ରମୁଖ କର୍ମକର୍ତ୍ତାମାନେ ଗୋଟିଏ ମଂଚରେ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୦୪/୧ (ନି.ପ୍ର): କେନ୍ଦ୍ରାପଡ଼ାର ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ପ୍ରମୁଖ କର୍ମକର୍ତାମାନଙ୍କୁ ରାଜ୍ୟର ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମାହାଙ୍ଗା ବଡଚଣା ସାହିତ୍ୟ ଓ ସଂସ୍କୃତି ପରିଷଦର ୩୦ତମ ବାର୍ଷିକ ଉତ୍ସବ ଅବସରରେ ଗୋଟିଏ ମଂଚରେ ସମ୍ବର୍ଦ୍ଧିତ ହେବା ଅନୁଷ୍ଠାନ ପାଇଁ ଗୌରବର ବିଷୟ। ବାଲିଚନ୍ଦ୍ରପୁର ସ୍ଥିତ ଶ୍ରୀ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ପ୍ରାୟୋଜିତ ସାରସ୍ୱତ ସମ୍ମିଳନୀରେ ସଭାପତି କବି ଭକ୍ତଚରଣ ସାହୁ ଅଧ୍ୟକ୍ଷତା କରି ଏକ ଐତିହାସିକ ଭବ୍ୟ ମଂଚ ସର୍ମର୍ପି ଦେଇଥିଲେ ନୂଆବର୍ଷକୁ ସ୍ୱାଗତ କରି। ଇତ୍ୟବସରରେ ରାଜଶ୍ରୀର କାର୍ଯ୍ୟକାରୀ ସଭାପତି କବି ମଞ୍ଜୁଳ ମଞ୍ଜୁଶ୍ରୀ ବରାଳ, ସହସମ୍ପାଦିକା କବି ସୁପ୍ରିୟା ସାହୁ, କାର୍ଯ୍ୟକାରୀ ସଦସ୍ୟା କବି ତାରକା ପ୍ରମୋଦା ମଞ୍ଜରୀ ବଳ ଏବଂ ଶୃଙ୍ଖଳା କମିଟି ସଦସ୍ୟା କବି ମୋନାଲିସା ସିଂହ ପ୍ରମୁଖଙ୍କୁ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ଘଡାଇ, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ, କବି ଅସୀତ ମହାନ୍ତି, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ କବି ମଧୁସୂଦନ ଦାସ, କବି ଡ. ସୁନୀତି ଦେବୀ, ଶିକ୍ଷାବିତ ଶଶଧର ପଣ୍ଡା ଏବଂ ଅଧ୍ୟାପକ ଡ. ଯତୀନ୍ଦ୍ର କୁମାର ରାଉତ ପ୍ରମୁଖ ଉକ୍ତ ସାରସ୍ୱତ ସମାବେଶରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜ୍ୟର ପାଂଚଶହରୁ ଉର୍ଦ୍ଧ୍ୱ କବି ସାହିତିକମାନେ ଉକ୍ତ କାର୍ଯ୍ୟକ୍ରମରେ ସମାଯୋଜିତ ହୋଇଥିଲେ। ଇତ୍ୟବସରରେ କବି ତାରକା ପ୍ରମୋଦା ମଞ୍ଜରୀ ବଳଙ୍କର କବିତା ସଂକଳନ 'ମୁଁ ଓ ମୋର କବିତା' ଏବଂ କବି ମୋନାଲିସା ସିଂହଙ୍କ କବିତା ସଂକଳନ 'ଚୂନା ଚୂନା ସୁନାଫୁଲ'କୁ ଅତିଥି ମାନେ ଲୋକାର୍ପିତ କରିଥିଲେ। ଏଥିପାଇଁ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କୁ ରାଜଶ୍ରୀର ଉପଦେଷ୍ଟା ତଥା ବିଧାନସଭା ସଚିବ ଦାଶରଥି ଶତପଥୀ, ପ୍ରାବନ୍ଧିକ ଡ. ଯୁଧିଷ୍ଠିର ଖଟୁଆ, ବିଶିଷ୍ଟ ପରିବେଶବିତ୍ ତଥା ରାଜଶ୍ରୀର ସଭାପତି କାଶୀନାଥ ରାଉତରାୟ, ମାର୍ଗଦର୍ଶକ କବି ସଞ୍ଜୟ କୁମାର ରଥ, ସମ୍ପାଦକ ଆଶୁକବି ହେମନ୍ତ ଜେନା, ଉପସଭାପତି ପ୍ରେମଲତା ଗିରି ଏବଂ ସୌଜନ୍ୟ ସମ୍ପାଦକ ବ୍ରଜସୁନ୍ଦର ସାହୁ ଆଦି ଅନେକ କର୍ମକର୍ତା ଅଭିନନ୍ଦନ ଜଣାଇଛନ୍ତି।

# ରାଜସ୍ୱ ବିଭାଗ ସାଂସ୍କୃତିକ ସଂସଦ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର, ୦୪/୧ (ନି.ପ୍ର): ରକ୍ତ ହିଁ ଜୀବନ। ଆପଦକାଳୀନ ସ୍ଥିତିରେ ଟୋପାଏ ରକ୍ତ ମଣିଷକୁ ବଂଚାଇଥାଏ। ଆମେମାନେ ସମସ୍ତେ ଏହାର ଗୁରୁତ୍ୱ ଉପଲବ୍ଧି କରିବା ଦରକାର। ସରକାର ଦୁର୍ଘଟଣା କ୍ଷେତ୍ରରେ ଶୂନ୍ୟ ମୃତ୍ୟୁ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଆମେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାନ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି।

ରାଜସ୍ୱ ବିଭାଗ ସାଂସ୍କୃତିକ ସଂସଦ ପକ୍ଷରୁ ଲୋକସେବା ଭବନ ପରିସରରେ ଆୟୋଜିତ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ କହିଲେ ଯେ ରାଜସ୍ୱ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଏହିଭଳି ଶିବିର ଆୟୋଜନ ମାଧ୍ୟମରେ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିଲେ ରକ୍ତସଂଗ୍ରହ ଅଭାବ ଦୂର ହୋଇପାରିବ ଓ ଆବଶ୍ୟକ ସମୟରେ ବହୁମୂଲ୍ୟ ଜୀବନଟିଏ ବଂଚାଯାଇ ପାରିବ। ରକ୍ତଦାନ ମହତ ଦାନ। ବିଭାଗ ପକ୍ଷରୁ ଆୟୋଜିତ ଏହି ମହତ କାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ବଜାୟ ରହିବ ବୋଲି ଶ୍ରୀ ସାହୁ ଆଶାବ୍ୟକ୍ତ କରିଥିଲେ । ଏହି ରକ୍ତଦାନ ଶିବିରରେ ୬୯ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିବାବେଳେ ରାଜସ୍ୱ ବିଭାଗ ସାଂସ୍କୃତିକ ସଂସଦର ସାଧାରଣ ସଂପାଦକ ମନୋରଞ୍ଜନ ପଟ୍ଟନାୟକ, ସଭାପତି ଶୁଭେନ୍ଦୁ ଆଚାର୍ଯ୍ୟ, ଉପସଭାପତି ସତ୍ୟବ୍ରତ ନାୟକ ରକ୍ତଦାନ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ୬ରୁ ୩ ଦିନିଆ ଓଡିଶା ଗସ୍ତରେ ଆସିବେ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର

ଭୁବନେଶ୍ୱର, ୦୪/୧ (ନି.ପ୍ର): ଓଡ଼ିଶାର ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ପୂର୍ବତନ ସାଂସଦ ଡ. ଅଜୟ କୁମାର ଙ୍କର ଆସନ୍ତା ଜାନୁଆରୀ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଡ. ଅଜୟ କୁମାର ୬ ତାରିଖ ଦିନ ୧୧ଟା ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ପଂହଚିବା ପରେ ତାଙ୍କୁ ବିମାନବନ୍ଦର ଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନ ପର୍ଯ୍ୟନ୍ତ ଅଣାଯିବ। ପରେ କଂଗ୍ରେସ ଭବନ ଠାରେ ଡ. କୁମାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏହାପରେ ପିସିସି କାର୍ଯ୍ୟାଳୟ ଠାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଏବଂ ଅପରାହ୍ନ ୪ ଘଂଟା ସମୟରେ ପିସିସି ପଲିଟିକାଲ ଆଫେୟାର୍ସ କମିଟି ବୈଠକ ଓ ସନ୍ଧ୍ୟା ୬ ଘଟିକା ସମୟରେ ୨୦୧୭ ଓ ୨୦୨୨ ନିର୍ବାଚନର ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ ଓ ଏନ୍.ଏ.ସି /ମ୍ୟୁନିସ୍ପାଲଟି/ ମହାନଗର ନିଗମର ନିର୍ବାଚିତ କାଉନ୍ସିଲର / କର୍ପୋରେଟର ମାନଙ୍କ ବୈଠକରେ ଡ. ଅଜୟ କୁମାର ଯୋଗଦେବେ। ସେହିପରି ଜାନୁଆରୀ ୭ ତାରିଖ ଦିନ ଡ. କୁମାର ଦିବା ୧୦ ଘଂଟା ସମୟରେ ପିସିସି ଇସ୍ତାହାର କମିଟି, ପ୍ରଚାର କମିଟି, ପ୍ରୋଗ୍ରାମ ଇମ୍ପ୍ଲିମେଂଟେସନ, ପବ୍ଲିସିଟି ଓ ପବ୍ଲିକେସନ କମିଟିର ଅଧ୍ୟକ୍ଷ ମାନଙ୍କର ବୈଠକରେ ଯୋଗଦେବେ। ୧୧.୦୫ ମି. ସମୟରେ ଡ. ଅଜୟ କୁମାର ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେବେ, ଘ. ୧୧.୩୦ମି. ସମୟରେ ଜିଲ୍ଲା,ବ୍ଲକ ଓ ନଗର କଂଗ୍ରେସ କମିଟି ସଭାପତି ମାନଙ୍କର ବୈଠକ, ୩ ଘଂଟା ସମୟରେ ରାଜ୍ୟ ସାମ୍ମୁଖ୍ୟ ସଂଗଠନର ମୁଖ୍ୟ, ୪ ଘଂଟା ସମୟରେ ସମସ୍ତ ପ୍ରଦେଶ କଂଗ୍ରେସ ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନଙ୍କ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ମାହାଙ୍ଗା ବ୍ଲକ କର୍ମଚାରୀଙ୍କ କ୍ୱାର୍ଟର ମରାମତି ନାମରେ ବ୍ୟାପକ ଅନିୟମିତତା : ତଦନ୍ତ ଦାବି

ସାଲେପୁର, ୦୪/୧ (ନି.ପ୍ର): ସରକାର ଦୁର୍ନୀତି ହଟାଇବା ପାଇଁ ଡିଣ୍ଡିମ ପିଟୁଥିଲା ବେଳେ ସାଲେପୁର ଓ ମାହାଙ୍ଗା ଅଂଚଳରେ ବିଭାଗୀୟ କର୍ମଚାରୀଙ୍କ ପାଇଁ ଖୁଲମ ଖୁଲା କାର୍ଯ୍ୟରେ ଅନୀୟମିତତା ହେଉଥିବା ଜଣାପଡିଛି । ସୂଚନା ତଥ୍ୟରୁ ମାହାଙ୍ଗା ବ୍ଲକର ଗୁମର ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । କିଭଳି ଭାବରେ ବ୍ଲକ ପ୍ରଶାସନ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାଟର ଗୁଡିକର ମରାମତି ନାମରେ ୧୭ଲକ୍ଷ ୧୬ ହଜାର ୨୩୫ଟଙ୍କା ଖର୍ଚ୍ଚ ଦର୍ଶାଇଛନ୍ତି ତାହା ତଦନ୍ତ ଯୋଗ୍ୟ । ଦୁଇ ମାସ ତଳେ ମାହାଙ୍ଗା ବ୍ଲକର ଜନୈକ କର୍ମଚାରୀ ନିଜ ନାମକୁ ଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ ବ୍ଲକ କର୍ମଚାରୀଙ୍କ କ୍ୱାଟର ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରାଯାଇଛି । ସେ ସଂପର୍କରେ ସୂଚନା ତଥ୍ୟ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟକୁ ମଗାଯାଇଥିଲା । ବ୍ଲକ କାର୍ଯ୍ୟାଳୟ ସୂଚନା ତଥ୍ୟ ନଂ ୯୬ ତା.୨୪.୧୧.୨୦୨୩ ରିଖରେ ଜଣାପଡିଲା ଯେ ବ୍ଲକ କର୍ମଚାରୀଙ୍କ ପାଇଁ ଉଦ୍ଧିଷ୍ଟ କ୍ୱାଟର ମରାମତି ପାଇଁ ୨୦୧୫-୧୬ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ଆସିଥିଲା । ୩ ଲକ୍ଷ ଟଙ୍କା ଖର୍ଚ୍ଚ ବି ହୋଇଛି। ସେହିଭଳି ୨୦୧୯-୨୦ ଆର୍ଥିକ ବର୍ଷରେ ୧ଲକ୍ଷ୧୬ହଜାର୨୩୫ ଟଙ୍କା ଅନୁଦାନ ଆସିଥିଲା। ତାହାବି କ୍ୱାଟର ମରାମତିରେ ଖର୍ଚ୍ଚ ହୋଇଛି । ସେହିଭଳି ୨୦୨୦-୨୧ ଆର୍ଥିକ ବର୍ଷରେ କ୍ୱାଟର ମରାମତି ପାଇଁ ୨୮ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା ସେଥିମଧ୍ୟରୁ ୧୬ଲକ୍ଷ ଟଙ୍କା କର୍ମଚାରୀଙ୍କ ପାଇଁ ଉଦ୍ଧିଷ୍ଟ ୧୨ଟି କ୍ୱାଟରର ମରାମତିରେ ଖର୍ଚ୍ଚ କରାଯାଇଛି । ବ୍ଲକ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ତଥ୍ୟ ନଂ ୯୭, ତା.୨୪.୧୧.୨୦୨୩ ରିଖ ତଥ୍ୟରୁ ଜଣାପଡିଲା ଯେ କର୍ମଚାରୀଙ୍କ ପାଇଁ ଉଦ୍ଧିଷ୍ଟ ୧୨ ଗୋଟି କ୍ୱାଟର ଭାଙ୍ଗିବା ପାଇଁ ତା. ୦୯.୦୩.୨୦୨୧ ମସିହାରେ ନୋଟିସ ନଂ ୮୧୧ରେ କୋଟେସନ ଡକା ଯାଇଥିଲା। ପ୍ରଶ୍ନଉଠେ ବ୍ଲକ ପ୍ରଶାସନ ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକ କର୍ମଚାରୀଙ୍କ ପାଇଁ ଉଦ୍ଧିଷ୍ଟ ୧୨ ଗୋଟି କ୍ୱାଟରର ମରାମତି ପାଇଁ ୧୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କଲେ । ମରାମତି ଶେଷ ପରେ କାହାନିର୍ଦ୍ଦେଶରେ ୧୨ଗୋଟି କ୍ୱାଟର ଭାଙ୍ଗିଲେ । ଯଦି କ୍ୱାଟର କର୍ମଚାରୀଙ୍କ ରହିବା ପାଇଁ ଉପଯୁକ୍ତ ନଥିଲା ତେବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବ୍ଲକ ପ୍ରଶାସନ କାହାସ୍ୱାର୍ଥରେ ମରାମତି କରୁଥିଲେ । ଅପରପକ୍ଷରେ ବ୍ଲକ ପ୍ରଶାସନ କ୍ୱାଟର ଭାଙ୍ଗିବା ପାଇଁ କୌଣସି ଅର୍ଥ ଖର୍ଚ୍ଚ କରିନାହିଁ । ଯାହାକି ସୂଚନା ତଥ୍ୟରୁ ଜଣାପଡିଛି। ତେବେ ଠିକାଦାର ଜଣକ ବିନା ଅର୍ଥରେ ୧୨ ଗୋଟି କ୍ୱାଟର ଭାଙ୍ଗିବାର ଭିତିରି ରହସ୍ୟ କ'ଣ ଥିଲା । ପୁଣି ସେହିଠିକାଦାର ବ୍ଲକ ପ୍ରଶାସନ ନିକଟରେ ୭୨ ହଜାର ଟଙ୍କା ଜମାକରି କ୍ୱାଟର ଭଙ୍ଗାଯିବା ପରେ ଅବ୍ୟବହୃତ ପୁରୁଣା ସାମଗ୍ରୀକୁ ନିଲାମରେ ନେଇଛନ୍ତି । ବ୍ଲକ ପ୍ରଶାସନ ସହିତ ଠିକାଦାରଙ୍କର ଭିତିରି ସଂପର୍କକୁ ନେଇ ପ୍ରଶ୍ନ ଉଠୁଛି । ଏବେ ସାଧାରଣରେ ଅଭିଯୋଗ ହେଉଛି ଯେ କ୍ୱାଟର ମରାମତି କରାନଯାଇ ମିଥ୍ୟାବିଲ୍ କରାଯାଇଥିଲା । ପ୍ରମାଣ ନଷ୍ଟ ପାଇଁ ବ୍ଲକ ପ୍ରଶାସନ ତରବରିଆ ଭାବେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାଟରକୁ ଭାଙ୍ଗିଛନ୍ତି । ସେହିପରି ସାଲେପୁର ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନରେ ଅନୀୟମିତତା ହେଉଥିବା ସହ ୫-ଟି ମାଧ୍ୟମରେ ହେଉଥିବା କାର୍ଯ୍ୟ ଅନୀୟମିତତା ହେଉଥିବା ଅଭିଯୋଗ ହୋଇଛି । ଉଭୟ ବ୍ଲକର ଉନ୍ନତି କରଣ ହେଉଥିବା କାମ ଉପରେ ଭିଜିଲାନ୍ସ ତଦନ୍ତ ହେଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଉଲ୍‌କାପିଣ୍ଡ ହିଁ ଡାଇନୋସରଙ୍କ ବିନାଶର କାରଣ



ସାଢ଼େ ଛ'କୋଟି ବର୍ଷ ପୂର୍ବେ ମହାକାଶରୁ ଖସିଥିବା ୪୦ କିଲୋମିଟରରୁ ଅଧିକ ଚଉଡା ବିଶିଷ୍ଟ ଏକ ବିଶାଳକାୟ ଉଲ୍‌କାପିଣ୍ଡ ଘଣ୍ଟାକୁ ୫୮ ହଜାର ମାଇଲ୍ ବେଗରେ ପୃଥିବୀ ଉପରେ ପଡିଥିଲା ଏବଂ ଡାଇନୋସରମାନଙ୍କ ଧ୍ୱଂସର କାରଣ ହୋଇଥିଲା । ଏହି ଘଟଣା ଭାରତର ପଶ୍ଚିମ ଉପକୂଳରେ ଘଟିଥିଲା ବୋଲି ଜଣେ ଭାରତୀୟ ବଂଶୋଦ୍ଭବ ପ୍ରଫେସର ପ୍ରକାଶ କରିଛନ୍ତି । ଓରେଗନ୍‌ର ପୋର୍ଟଲ୍ୟାଣ୍ଡ ଠାରେ ଜିଓଲଜିକାଲ ସୋସାଇଟି ଅଫ୍ ଆମେରିକାର ଏକ ସମ୍ମିଳନୀରେ ନିଜ ସନ୍ଦର୍ଭ ଉପସ୍ଥାପନ କରି ଟେକ୍ସାସ୍ ଟେକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶଙ୍କର ଚାଟାର୍ଜି କହିଛନ୍ତି ଯେ ଭାରତର ପଶ୍ଚିମରେ ସ୍ଥିତ ଜଳମଗ୍ନ ଶିବ ବେସିନ୍ ହିଁ ପୃଥିବୀରେ ଥିବା ସବୁଠାରୁ ବଡ ଗହ୍ୱର । ଖଣିଜ ତୈଳ ଏବଂ ପେଟ୍ରୋଲିୟମ୍ ଉତ୍ପାଦଗୁଡିକର ଏକ ବଡ କେନ୍ଦ୍ର 'ବମ୍ବେ ହାଇ' ଏହି ଶିବ ବେସିନ୍‌ରେ ଅଞ୍ଚଳକୁ ତନ୍ନ ତନ୍ନ ଭାବରେ ଅନୁଧ୍ୟାନ କରିଥବଲେ । ତେଲ ଓ ଗ୍ୟାସ୍ ଉତ୍ତୋଳନ ପାଇଁ ସେଠାରେ ଖୁବ୍ ଗଭୀର ଭାବରେ ଖନନ କରାଯାଇଥିଲା । ସେ କହିବାନୁସାରେ ସମ୍ଭବତଃ ବିଶ୍ୱରେ ଆଜି ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିଥିବା ଗହ୍ୱରମାନଙ୍କ ମଧ୍ୟରେ ଏହା ସବୁଠାରୁ ବଡ । ଏହାର ବ୍ୟାସ ପ୍ରାୟ ୪୦ କିଲୋମିଟର । ଏହି ଅଞ୍ଚଳରେ କାର୍ଯ୍ୟରତ କମ୍ପାନୀମାନଙ୍କ ଠାରୁ ମିଳିଥିବା ସୂଚନା ଏବଂ ଭାରତ ଓ ଆମେରିକାର ଅନୁସନ୍ଧାନୀ ଦଳଙ୍କ କାର୍ଯ୍ୟ ପ୍ରମାଣିତ କରିଛି ଯେ ଏଇଠି ହିଁ ଡାଇନୋସର ଧ୍ୱଂସକାରୀ ଉଲ୍‌କାପିଣ୍ଡ ପଡିଥିଲା । ଯାହା କୁହାଯାଉଛି ଯେ ପୃଥିବୀ ପୃଷ୍ଠରେ ମେକ୍ସିକୋ ନିକଟସ୍ଥ ୟୁକାଟନ ଉପଦ୍ୱୀପ ନିକଟରେ ଏକ ବିଶାଳକାୟ କ୍ଷୁଦ୍ରଗ୍ରହ ପଡିବା ଯୋଗୁ ଡାଇନୋସର ମରିଯାଇଥିଲେ ତାହା ସତ୍ୟ ନୁହେଁ । ମେକ୍ସିକୋରେ ଯାହା ପଡିଥିଲା ତାର ଚଉଡା ମାତ୍ର ଆଠରୁ ଦଶ କିଲୋମିଟର ଭିତରେ ବୋଲି କହିଛନ୍ତି ପ୍ରଫେସର ଚାଟାର୍ଜି ।

ଜିଓଲଜିକାଲ ସୋସାଇଟି ଅଫ୍ ଆମେରିକା ଅନୁସାରେ ଭୂଗର୍ଭସ୍ଥ ସାକ୍ଷ୍ୟ ସ୍ପଷ୍ଟରେ ବିସ୍ମୟକର । ଶିବ ବେସିନ୍‌ର ବାହ୍ୟ ପରିଧି ଆବଡା ଖାବଡା ଏବଂ ବ୍ୟାସ ପ୍ରାୟ ୫୦୦ କିଲୋମିଟର ହେବ । ଏହାର ମଝିରେ ଏକ ଉଚ୍ଚ ସ୍ଥାନ ରହିଛି । ଏହି ଶୀର୍ଷକୁ ବମ୍ବେ ହାଇ ବୋଲି କୁହାଯାଏ । ଗହ୍ୱରର ଏକ ବଡ ଭାଗ ଭାରତର ମହାଦ୍ୱୀପୀୟ ଅଞ୍ଚଳରେ ଜଗମଗ୍ନ ହୋଇ ଯାଇଥିବା ବେଳେ ଅନ୍ୟ ଅଂଶରେ ଉଚ୍ଚ ପ୍ରସ୍ତର, ଉଷ୍ମ ଝରଣା ଆଦି ରହିଛି । ଉକ୍ତ ଧକ୍କାରେ ଭାରତର ପଶ୍ଚିମ ତଟର ଭୂଗର୍ଭରେ ଥିବା ଗ୍ରାନାଇଟ୍‌ର ୪୮ କିଲୋମିଟର ଦୈର୍ଘ୍ୟ ବ୍ୟାପି ,କ ପରସ୍ତର ବଡ ଅଂଶ ନଷ୍ଟ ହୋଇଯାଇଛି । ଗହ୍ୱର ମଧ୍ୟରେ ଥିବା ଚଟାଣର ପରୀକ୍ଷଣ ର୍ପା ଚାଟାର୍ଜିଙ୍କ ଟିମ୍ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ଗସ୍ତରେ ଆସିପାରନ୍ତି । କିନ୍ତୁ ଏତେ ବଡ ଧକ୍କାରେ କିପରି ଏହି ବିଚିତ୍ର ବେସିନ୍‌ର ନିର୍ମାଣ ହୋଇଥିଲା ତାର ପ୍ରମାଣ ଦେବା ଖୁବ୍ କଷ୍ଟ ।



## ସ୍ୱାସ୍ଥ୍ୟ ପାଇଁ ହୋମ କରିବା ଲାଭପ୍ରଦ




ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ହୋମ ବାତାବରଣକୁ ପ୍ରଦୂଷଣ ମୁକ୍ତ କରିବା ସହିତ ଭଲ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଅଟେ । ହୋମ ଧୂଆଁରେ ପ୍ରାଣରେ ସଞ୍ଜିବନୀ ଶକ୍ତିର ସଞ୍ଚାର ହୋଇଥାଏ । ହୋମ ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ବୋଲି ଋକ୍‌ବେଦରେ ଅଛି । ହୋମ କରିବା ପାଇଁ ପବିତ୍ରତାର ଆବଶ୍ୟକତା ରହିଛି, ଯାହାଫଳରେ ସ୍ୱାସ୍ଥ୍ୟ ସହିତ ତାର ଆଧ୍ୟାତ୍ମିକ ଶକ୍ତିର ଶୁଦ୍ଧତା ବଢ଼ିଥାଏ । ହୋମ କରିବା ପୂର୍ବରୁ ସ୍ୱଚ୍ଛତା ଉପରେ ଧ୍ୟାନ ଦିଅନ୍ତୁ । ହୋମ ପାଇଁ ଆମ୍ବ, ବେଲ, ନିମ୍ବ, ଚନ୍ଦନ ଭଳି କାଠ ବ୍ୟବହାର କରିବା ସହିତ କର୍ପୂର, ଚାଉଳ, ବ୍ରାହ୍ମୀ, ଝୁଣା, ଶୁଦ୍ଧ ଘିଅ ଉପଯୋଗ କରାଯାଇଥାଏ । ହୋମ ନିଆଁରେ ଗୋବରରୁ ତିଆରି ଘଷି ମଧ୍ୟ ବ୍ୟବହାର କରାଯାଇଥାଏ । ହୋମ ଦ୍ୱାରା ୯୪ ପ୍ରତିଶତ ପର୍ଯ୍ୟନ୍ତ ଜୀବାଣୁ ନାଶ ହୋଇଥାନ୍ତି । ତେଣୁ ଘରର ଶୁଦ୍ଧି ତଥା ସ୍ୱାସ୍ଥ୍ୟ ପାଇଁ ପ୍ରତ୍ୟେକ ଘରେ ହୋମ କରିବା ଉଚିତ । ହୋମ କରିବା ହିତ ବିଭିନ୍ନ ମନ୍ତ୍ରର ଜପ କଲେ ସକାରାତ୍ମକ ଧ୍ୱନି ତରଙ୍ଗିତ ହୋଇଥାଏ । ଶରୀରରେ ଉର୍ଜା ସଞ୍ଚାର ହୋଇଥାଏ ।

## କାଗଜ ଖାଇବାର ସଉକ



ଇଟା, ପଥର, ବାଲି, ଚିପ୍ସ ଇତ୍ୟାଦି ଖାଇ ହଜମ କରୁଥିବା କଥା ଶୁଣିଥିଲ। ଏବେ ଆସନ୍ତୁ ଜାଣିବା ରୀତିମତ କାଗଜ ଖାଇ ବଞ୍ଚିଥିବା ଲୋକଟି ବିଷୟରେ। ବ୍ରିଟେନର ଜଣେ ମହିଳା କାଗଜ ଖାଇବାରେ ଓସ୍ତାଦ। ଏପରିକି ସେ ନୂଆ ନୂଆ ଭେରାଇଟିର କାଗଜ ଖାଇବାକୁ ଖୁବ୍ ପସନ୍ଦ କରନ୍ତି। ତେଣୁ ମହିଳା ଜଣକ ବ୍ୟାଗରେ କାଗଜର ଛୋଟ ଛୋଟ ଖଣ୍ଡ ରଖିଥାନ୍ତି। ସେ ଏହି କାଗଜ ଖଣ୍ଡ ଗୁଡିକୁ ନିୟମିତ ଅନ୍ତରାଳରେ ଖାଇଥାନ୍ତି। ତାଙ୍କ ମୁତାବକ ତାଙ୍କ ସଉକକୁ ପୂରା କରିବାକୁ ସେ ପ୍ରତିଦିନ ଏହିଭଳି କାଗଜ ଏକାଠି କରନ୍ତି, କାରଣ ବ୍ୟସ୍ତ ରହିବା ବେଳେ କିମ୍ବା ବଜାରରେ ବ୍ୟସ୍ତ ଥିଲାବେଳେ ମଧ୍ୟ ଏହାର ମଜା ନେଇପାରିବେ। କାଗଜ ବିଷୟରେ ମହିଳା ଜଣକ କୁହନ୍ତି ଯେ ପ୍ରତ୍ୟେକ କାଗଜର ଗୋଟେ ଭିନ୍ନ ସ୍ୱାଦ ରହିଛି।

## ନେଲ୍ ବ୍ରେସଲେଟ୍

ବିଭିନ୍ନ ରଙ୍ଗର ନେଲ୍ ପଲିସ୍ ଲଗାଇବା, ନଖରେ ସ୍ପ୍ରେ କରିବା, ନେଲ୍ ଆର୍ଟ କରିବା ପରି ଫ୍ୟାଶନ୍ ଏବେ ପୁରୁଣା ହୋଇଗଲାଣି। ଆଜିକାଲି ଟ୍ରେଣ୍ଡରେ ରହିଛି ନେଲ ବ୍ରେସଲେଟ୍। କୋରିଆରେ ଏହା ଖୁବ୍ ଲୋକପ୍ରିୟ ହେଉଛି। ସିଓଲର ୟୁନିଷ୍ଟେଲା ନେଲ୍ ସାଲୋନରେ ଏହାର ବିଭିନ୍ନ ପ୍ରକରର ଡିଜାଇନ୍ ଉପଲବ୍ଧ। ସେ ଅନୁସାରେ ନଖରେ ବିଭିନ୍ନ ପ୍ରକାର ମାଳି, ମଲଟିକଲର ଷ୍ଟୋନ, ରଙ୍ଗୀନ ବଲବ ଲଗାଯାଇ



ତାକୁ ବ୍ରେସଲେଟ୍ ଭଳି ଲୁକ୍ ଦିଆଯାଇଥାଏ। ବିଭିନ୍ନ ପ୍ରକାର ଅବସର ପାଇଁ ଭିନ୍ନ ଭିନ୍ନ ଡିଜାଇନ କରାଯାଇଥାଏ। ବାହାଘର ପରି ସ୍ୱତନ୍ତ୍ର ଉତ୍ସବ ପାଇଁ ସୁନାର ବଲବ ମଧ୍ୟ ବ୍ୟବହୃତ ହୁଏ। ନେଲ୍ ବ୍ରେସଲେଟ ପ୍ରସ୍ତୁତ କରିବା ଲାଗି ପାଖାପାଖି ଦୁଇରୁ ଅଢ଼େଇ ଘ[। ସମୟ ଲାଗିଥାଏ। ବନ୍ଧୁତାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବା ଫ୍ରେଣ୍ଡସିପ୍ ବ୍ରେସଲେଟ ଦ୍ୱାରା ପ୍ରଭାବିତ ହୋଇ ନଖରେ ଏଭଳି ଡିଜାଇନ୍ କରାଯାଉଛି ବୋଲି ଜଣେ ସୌନ୍ଦର୍ଯ୍ୟ ବିଶେଷଜ୍ଞ କହିଛନ୍ତି ।

## ଅଦା



ମେ ମାସ ଶେଷ ପର୍ଯ୍ୟନ୍ତ ଅଦା ଲଗାଇପାରିବେ। ଆମ ରାଜ୍ୟ ପାଇଁ: ସୁପ୍ରଭା, ସୁରୁଚି ଓ ସୁରଭି କିସମ ଉପଯୁକ୍ତ। ଏକ ଏକର ଜମିରେ ଛଅରୁ ଆଠ କୁଇଣ୍ଟାଲ ଅଦା ଲଗାନ୍ତୁ। ଦୁଇ ତିନିଟି ଆଖି ଥିବା ପନ୍ଦରରୁ ଉଣେଇଶ ଗ୍ରାମ ଓଜନର ଅଦା ଖଣ୍ଡ ବିହନ ଭାବେ ବ୍ୟବହାର କରନ୍ତୁ। ଜମିକୁ ଗୁଣ୍ଡ ଚାଷ କରି, ଏକ ମିଟର ଓସାର ଏବଂ ସୁବିଧା ଅନୁସାରେ ଲମ୍ବା ରଖି ପଟାଳି ତିଆରି କରନ୍ତୁ। ଲଗାଇବା ପୂର୍ବରୁ ଅଦା ଖଣ୍ଡଗୁଡ଼ିକୁ ଶତକଡ଼ା ୦.୨୫ ମାଙ୍କୋଜେବ, ୦.୧୫ କାର୍ବୋଣ୍ଡାଜିମ, ୦.୦୫ ମାଲାଥିଅନ ମିଶ୍ରିତ ପାଣିରେ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ଏବଂ ଲଗାଇବା ପରେ ଏକର ପ୍ରତି ଛଅଟନ ଗୋବର ଖତ ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରଚାଶ ଡିଗ୍ରୀ ଯବକ୍ଷାରଜାନ, ଚାଳିଶ କିଗ୍ରା ଫସଫରସ ଓ ଚାଳିଶ କିଗ୍ରା ପଟାସ ସାରକୁ ତିନିଥରରେ ପ୍ରୟୋଗ କରନ୍ତୁ। ଧାଡ଼ି ମଧରେ ୨୫ ସେମି ଦୂରତା ରଖି ପାଞ୍ଚ ସେମି ଗଭୀରରେ ବିହନ ଲଗାନ୍ତୁ। ତାହା ପରେ ପଟାଳିରେ ଶୁଖିଲା ନଡ଼ା ବିଛାଇଦିଅନ୍ତୁ।

## ଜୁସ୍‌ଠୁ ଭଲ ଚକୋଲେଟ୍



ବିଶେଷଜ୍ଞଙ୍କ ମୁତାବିକ ଚକୋଲେଟ୍‌ରେ ଅଧିକ ପରିମାଣରେ ଆଣ୍ଟି ଆକ୍ସିଡେଣ୍ଟ ଏବଂ ପିଲିଫେନୋଲ ରହିଛି, ଯାହା ମଣିଷକୁ କ୍ୟାନ୍ସରରୁ ବଞ୍ଚାଇବ । କେମେଷ୍ଟ୍ରି ସେଣ୍ଟ୍ରାଲ ଜର୍ଣ୍ଣାଲର ରିପୋର୍ଟ ମୁତାବକ ବିଶେଷଜ୍ଞମାନେ କୁହନ୍ତି ଡାର୍କ ଚକୋଲେଟ୍ ଏବଂ କୋକୋଆରେ ଫଳ ତୁଳନାରେ ଆଣ୍ଟି ଅକ୍ସିଡେଣ୍ଟ ଏବଂ ଫ୍ଲେବୋନୋଲର ପରିମାଣ ଅଧିକ ଥାଏ । ଏହି ବିଶେଷଜ୍ଞଙ୍କ ମତରେ



ଆମେରିକାର ଏକ ଚକୋଲେଟ କମ୍ପାନୀ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ଜୁସ୍ ଠାରୁ ଚକୋଲେଟ ବହୁ ଗୁଣରେ ଭଲ । ଏପରିକି ଏକ ଅଧ୍ୟୟନ ଅନୁଯାୟୀ ଚକୋଲେଟ୍‌ରେ ରହିଛି ଶକ୍ତିବର୍ଦ୍ଧକ ଗୁଣ । ତେଣୁ ଏହି କାରଣରୁ ଚକୋଲେଟ୍‌କୁ ସୁପରଫୁଡ୍ ଭାବେ ଅଭିହିତ କରିବା କଥା । ସୁପରଫୁଡ୍‌ରେ ଏଭଳି ତତ୍ତ୍ୱ ରହିଛି, ଯାହା କୋଷଗୁଡିକୁ ସୁସ୍ଥ ରଖେ । ଏଥିରେ ଆଣ୍ଟି ଅକ୍ସିଡେଣ୍ଟ ଏବଂ କମ୍ପାଉଣ୍ଡ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି । ସେଣ୍ଟର ଫର୍ ହେଲ୍‌ଥ ଆଣ୍ଡ ନ୍ୟୁଟ୍ରିସନର କିଛି ସ୍ୱାସ୍ଥ୍ୟ ମତରେ ଚକୋଲେଟକୁ ମଧ୍ୟ ସୁପର ଫୁଟ୍ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯିବା ଜରୁରୀ ।

## ଜଳରେ ଚାଲିବା ଶିଖୁଛନ୍ତି ଡଲ୍‌ଫିନ୍



ଡଲ୍‌ଫିନ୍ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀଙ୍କ ମଧ୍ୟରେ ସବୁଠାରୁ ବୁଦ୍ଧିମାନ ଜୀବ । ଖେଳପ୍ରିୟ ପ୍ରକୃତି ପାଇଁ ଡଲଫିନମାନେ ମନୁଷ୍ୟଙ୍କର ଅତି ପ୍ରିୟ ହୋଇଥାନ୍ତି । ସେମାନେ ଗଭୀର ସମୁଦ୍ରରେ ଅନେକ ସମୟରେ ଗୀତ ଗାଇ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାନ୍ତି । ତେବେ ଏହି ବୁଦ୍ଧିମାନ ଜୀବ ମାନେ ବର୍ତ୍ତମାନ ଜଳପୃଷ୍ଠରେ ନିଜ ଲାଞ୍ଜ ସାହାଯ୍ୟରେ ଚାଲିବା (ଟେଲ୍ ୱାକିଂ) ପାଇଁ ପରସ୍ପରକୁ ଶିକ୍ଷା ଦେଉଛନ୍ତି । ଏଥିପାଇଁ ସେ କାହାର ସାହାଯ୍ୟ ନେଉ ନାହାନ୍ତି । ଏହା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ । ମାତ୍ର ଜାଣିଲେ ଆହୁରି ଆଶ୍ଚର୍ଯ୍ୟ ହେବେ ଯେ, ସେମାନେ ଏହି କୌଶଳ କେବଳ ନିଜର ଖୁସି ପାଇଁ ଶିକ୍ଷା ଲାଭ କରୁଛନ୍ତି ବୋଲି ଅଷ୍ଟ୍ରେଲିଆର ତିମି ଏବଂ ଡଲ୍‌ଫିନ୍ ସଂରକ୍ଷଣ ସୋସାଇଟିର ଜୀବବିଜ୍ଞାନୀମାନେ କହିଛନ୍ତି । ମାଇକ୍ ବୋସ୍‌ଲେଙ୍କୁ ନେଇ ଏକ ଗବେଷକ ଦଳ ଅଡିଲେଡ୍‌ର ପୋର୍ଟ ନଦୀରେ ଥିବା ଡଲ୍‌ଫିନ୍ ମାନଙ୍କୁ ଦୀର୍ଘ ୨୪ ବର୍ଷ ଧରି ଅନୁଧ୍ୟାନ କରିଥିଲେ । ସେଠାରେ ୨ଟି ବୟସ୍କ ମାଇ ଡଲ୍‌ଫିନ୍ ବିଲି ଏବଂ ୱେଭ୍ ଚମକପ୍ରଦ ଭାବେ ନିଜ ଲାଞ୍ଜ ସାହାଯ୍ୟରେ ଜଳ ପୃଷ୍ଠରେ ଚାଲୁଥିବାର ଗବେଷକମାନେ ଦେଖିଥିଲେ । ଲଡ୍‌ଫିନ୍‌ମାନେ ଏହି ସମୟରେ ଅତ୍ୟନ୍ତ ଖୁସି ଥିବା ଜଣାପଡୁଥିଲେ ଏବଂ ଖୁସି ଦ୍ୱାରା ପ୍ରଲୋଭିତ ହୋଇ ଏପରି ଖେଳୁଥିଲେ ବୋଲି ବୋସ୍‌ଲେ କୁହନ୍ତି । ସେ କୁହନ୍ତି ହଲ୍‌ଫିନ୍ ମାନଙ୍କର ବଂଶଗତ ସାଂସ୍କୃତିକ ଦୃଷ୍ଟିକୋଣ ସହ ଏହି ଖେଳର ନିଶ୍ଚିତ କୌଣସି ସମ୍ପର୍କ ରହିଛି । ସଂସ୍କୃତି କହିଲେ କୌଣସି ସମ୍ପ୍ରଦାୟର ଶିକ୍ଷଣୀୟ ବ୍ୟବହାର ଲକ୍ଷଣାବଳୀକୁ ବୁଝାଇଥାଏ । ସଂସ୍କୃତି କହିଲେ କୌଣସି ସମ୍ପ୍ରଦାୟର ଶିକ୍ଷଣୀୟ ବ୍ୟବହାର ଲକ୍ଷଣାବଳୀକୁ ବୁଝାଇଥାଏ । ସଂସ୍କୃତି ସହ ଜଡିତ ଏହି ବ୍ୟବହାର ସେମାନଙ୍କ ସଂରକ୍ଷଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ । ଅନେକ ପ୍ରଜାତିର ପଶୁମାନଙ୍କ ନିକଟରେ ଏହି ଲକ୍ଷଣ ସବୁ ଦେଖା ଯାଇଥାଏ । ଉଦାହରଣ ସ୍ୱରୂପ ସିମ୍ପାଞ୍ଜି । ଟେଲ୍ ୱାକିଂ ଡଲ୍‌ଫିନ୍ ମାନଙ୍କର ଗୋଟିଏ ସଂସ୍କୃତିଗତ ବ୍ୟବହାର । ଏହା ସେମାନଙ୍କର ଏକ ପ୍ରକାର ଖେଳ, ଯାହା ମନୁଷ୍ୟଙ୍କ ନୃତ୍ୟ ସହ ସମାନ । ଟେଲ୍ ୱାକିଂ ମଣିଷ ଏବଂ ଡଲ୍‌ଫିନ୍‌ମାନଙ୍କ ମଧ୍ୟରେ ଥିବା ଚାଲିଚଳନଗତ ସାମଞ୍ଜସ୍ୟର ଏକ ଉଦାହରଣ ବୋଲି ବୋସ୍‌ଲେ କହିଛନ୍ତି ।

## ମହିଳାଙ୍କ ସ୍ମାର୍ଟ ଫୋନ୍ ନିଶା ଅଧିକ

ସ୍ମାର୍ଟ ଫୋନ ବ୍ୟବହାରରେ ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଅଭ୍ୟସ୍ତ। ପ୍ରତିଦିନ ବାଉନ ପ୍ରତିଶତ ମହଳିା ଚାରି ଘଣ୍ଟାରୁ ଅଧିକ ସମୟ ସ୍ମାର୍ଟ ଫୋନ ବ୍ୟବହାର କରୁଥିବା ବେଳେ ଏମାନଙ୍କ ନଜର ଫୋନ ସ୍କ୍ରିନ ଉପରେ ଥାଏ। ମାତ୍ର ପୁରୁଷମାନେ କେବଳ ଅବସର ସମୟରେ ସ୍ମାର୍ଟ ଫୋନ ବ୍ୟବହା କରୁଥିବା ଏହି ଅଧନରୁ ସ୍ପଷ୍ଟ ହୋଇଛି।



## ତ୍ୱଚା ଅତ୍ୟଧିକ ଶୁଷ୍କ ଦିଶୁଛି କି ? ହୋଇଥାଇପାରନ୍ତି ଏହି ସବୁ ରୋଗର ଶିକାର

ଋତୁ ବଦଳିବା ସଙ୍ଗେ ସଙ୍ଗେ ଆମ ତ୍ୱଚା ବି ବଦଳିଥାଏ। ଗ୍ରୀଷ୍ମ ସମୟରେ ତ୍ୱଚା ଟିକେ ତେଲିଆ ରହିଥାଏ ତ ଶୀତ ଦିନେ ସୁଖିଲା ଦିଶିଥାଏ। ଏବେ ଶୀତ ଦିନ ହୋଇଥିବାରୁ ତ୍ୱଚା ଟିକେ ଶୁଷ୍କ ରହିବା ସ୍ୱାଭାବିକ। ମାତ୍ର ମନେ ରଖନ୍ତୁ, ଆପଣଙ୍କ ତ୍ୱଚା ଯଦି ଆବଶ୍ୟକରୁ ଅଧିକ ସୁଖିଲା ଦିଶୁଛି ତ ଏହା କେବଳ ଋତୁର ପ୍ରଭାବ ନୁହେଁ। ଆପଣଙ୍କ ଶରୀରରେ ଥିବା ରୋଗର ସଂକେତ ଦେଇଥାଏ ତ୍ୱଚା। ଯଦି ଆପଣଙ୍କ ତ୍ୱଚା ସୁଖିଲା ହେବା ସହ କୁଣ୍ଡେଇ ହେଉଛି ତ ଆପଣ ଭିତରୁ ଅସୁସ୍ଥ ଅଛନ୍ତି। ଯଦି ଆପଣଙ୍କର ଲଗାତାର ତ୍ୱଚା ସଂପର୍କିତ ସମସ୍ୟା ଉପୁଜୁଛି ତ ଆପଣ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ତ୍ୱଚାର ରଂଗ ବଦଳିବା, ତ୍ୱଚାରେ କୁଣ୍ଡିଆ ପରି ଫଳିଯିବା, ବହୁତ ବେଶୀ କୁଣ୍ଡେଇ ହେବା କିମ୍ବା ତ୍ୱଚା ଅତ୍ୟଧିକ ସୁଖିଲା ଦିଶିବା ପରି ସମସ୍ୟା ଦେଖାଦେଲେ ଆପଣ ଅନ୍ୟ କିଛି ରୋଗର ଆଶଙ୍କା କରିପାରନ୍ତି। ଏହି ସବୁ କ୍ଷେତ୍ରରେ ଆପଣଙ୍କୁ ମଧୁମେହ, କିଡ୍‌ନିଜନୀତ ସମସ୍ୟା କିମ୍ବା ଥାଇରଏଡ୍ ଆଦି ହୋଇ ଥାଇପାରେ। ଜଣେ ସ୍ୱାସ୍ଥ୍ୟ ଗବେଷକଙ୍କ କହିବାନୁଯାୟୀ, ଯଦି ଆପଣଙ୍କ ତ୍ୱଚା ଲଗାତାର ୨ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ କୁଣ୍ଡେଇ ହେଉଛି ତ ଆପଣ ବିଶାଦ ପରି ସମସ୍ୟାର ଶିକାର ହୋଇପାରନ୍ତି। ଗବେଷକ ଆହୁରି ବି କହିଛନ୍ତି ଯେ ଲଗାତାର ତ୍ୱଚା ସୁଖିଲା ରହିଲେ ଆପଣଙ୍କ ତ୍ୱଚା ସଂକ୍ରମଣ ହୋଇ ଥାଇପାରେ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟିକସ ଓ ଦେଶ...

ବର୍ଷ ୨୦୨୩ ଅତିକ୍ରାନ୍ତ ହୋଇ ସାରିଛି, କିନ୍ତୁ ବର୍ଷର ଶେଷ ମାସ ଦେଶ ପାଇଁ ନେଇ ଆସିଛି ସୁଖବର- ଓ ଏଇ ମାସରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟର ପରିମାଣ ପାଖାପାଖୁ ୧.୬୫ ଲକ୍ଷ କୋଟି ଟଙ୍କା ହୋଇଛି । ଅର୍ଥ ମନ୍ତ୍ରଣାଳୟ ଭାଷାରେ, ଏହା ହେଉଛି ୨୦୨୩-୨୪ ଆର୍ଥିକ ବର୍ଷରେ ସପ୍ତମ ଥର, ଯେତେବେଳେ କି ଜିଏସ୍‌ଟି ରାଜସ୍ୱ ୧.୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଉପରୋକ୍ତ ଆର୍ଥିକ ବର୍ଷର ପ୍ରଥମ ନଅ ମାସ ଜିଏସ୍‌ଟି ଆଦାୟରେ ୧୨ ପ୍ରତିଶତ ବୃଦ୍ଧିକୁ ପରିଲକ୍ଷିତ କରିଥିଲା ଏବଂ ଟିକସ ଆଦାୟର ପରିମାଣ ୨୦୨୨-୨୩ରେ ମାସିକ ୧.୪୯ ଲକ୍ଷ କୋଟି ଟଙ୍କାରୁ ହାରାହାରି ୧.୬୬ ଲକ୍ଷ କୋଟି ଟଙ୍କା ହୋଇଥିଲା । ଦେଶରେ ଜିଏସ୍‌ଟି ଲାଗୁ କରାଯିବା ପରେ ପ୍ରାଥମିକ ଅବସ୍ଥାରେ ଏହା ଯେହେତୁ ଆଶାନୁରୂପ ଭାବରେ ଫଳ ପ୍ରଦାନ କରୁ ନଥିଲା, ତେଣୁ ସରକାରୀ ସ୍ତରରେ ଏହାକୁ ନେଇ ଯେଉଁ ନିରାଶା ଭାବ ଜାଗ୍ରତ ହୋଇଥିଲା, ତାହା ଏହି ବର୍ଷରେ ରାଜକୋଷକୁ ଉତ୍ତମ ଲାଭ ପ୍ରଦାନ କରିବାରେ ସକ୍ଷମ ହୋଇ ସେହି ଭାବନାକୁ ଦୂର କରି ପାରିଛି ଓ ଜିଏସ୍‌ଟି ରାଜସ୍ୱ ଆଦାୟର ବଜେଟ୍ ଉପରେ ପ୍ରଭାବ ରହିଥିବାରୁ ସାମ୍ପ୍ରତିକ ହାରରେ ଟିକସ ଆଦାୟ ଚଳିତ ବର୍ଷର ବଜେଟ୍‌କୁ ପ୍ରଭାବିତ କରିବାର ଆଶା ରହିଛି, ଯେଉଁଥିରେ ୮୦ ହଜାର କୋଟି ଟଙ୍କା ପାଖାପାଖୁ ଅତିରିକ୍ତ ପ୍ରବେଶ ଘଟିବା ଆଶା କରାଯାଉଛି । ଏକ ନିର୍ବାଚନୀ ବର୍ଷରେ ଏଇ ଖବର କେନ୍ଦ୍ର ସରକାରଙ୍କ ପାଇଁ ଆଶ୍ୱାସନାର ବାର୍ତ୍ତା ଆଣିବାର ସମ୍ଭାବନା ରହିଥିବା ବେଳେ ବର୍ଷର ଶେଷ ତ୍ରୈମାସିକୀରେ ଦେଖାଯିବାକୁ ଆଶା କରାଯାଉଥିବା ମାନ୍ଦାବସ୍ଥା ଲାଭ ଉପରେ ସାମାନ୍ୟ ପ୍ରଭାବ ପକାଇ ଏହାକୁ ମଧ୍ୟମ ଧରଣକୁ ନେଇ ଆସିପାରେ। ନଭେମ୍ବର ମାସରେ ହୋଇଥିବା ବ୍ୟବସାୟିକ କାରବାରକୁ ଡିସେମ୍ବରର ଜିଏସ୍‌ଟି ଆଦାୟରେ ହିସାବକୁ ନିଆଯାଇଥିବାରୁ ଜଣାପଡ଼େ ଯେ ଏହି ମାସରେ କାରବାର ତା'ର ଗତିଶୀଳତାକୁ ହରାଇଛି। ତେବେ ମୋଟାମୋଟି ଜିଏସ୍‌ଟି ଆଦାୟର ପରିମାଣ ସରକାରଙ୍କ ପାଇଁ ଆଶାଜନକ ହୋଇଥିବା କୁହାଯାଇପାରେ।

ଅପର ପକ୍ଷରେ, ଗତ ବର୍ଷ ଦେଶରେ ଧନୀ ବ୍ୟକ୍ତିମାନେ ଅଧିକ ଧନୀ ହୋଇଛନ୍ତି । ଭାରତୀୟ ତାଲିକାଭୁକ୍ତ ଡଲାର ବିଲିୟନାୟାର କମ୍ପାନୀମାନଙ୍କ ତାଲିକାରେ ମଧ ବୃଦ୍ଧି ଘଟିଛି- ୨୦୨୨ରେ ଏହି କମ୍ପାନୀମାନଙ୍କ ସଂଖ୍ୟା ୧୨୬ ଥିବା ବେଳେ ୨୦୨୩ରେ ଏହା ୧୫୨କୁ ବୃଦ୍ଧି ପାଇଛି । ଏହି କମ୍ପାନୀମାନଙ୍କର ମୋଟ ସମଷ୍ଟିଗତ ମୂଲ୍ୟ ପୂର୍ବ ବର୍ଷର ୭୩୯ ବିଲିଅନ୍ ଡଲାରରୁ ୧୬ ପ୍ରତିଶତ ବୃଦ୍ଧି ପାଇ ୮୫୮ ବିଲିଅନ୍ ଡଲାରରେ ପହଞ୍ଚିଛି । ଏକ ଦୈନିକ ସମ୍ବାଦପତ୍ରଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ ଏହି ତାଲିକାରେ କେତେକ ନୂଆ କମ୍ପାନୀଙ୍କର ପ୍ରବେଶ ଘଟିଛି। ସେହିପରି ଏହା ମଧ ଜଣାପଡ଼ିଛି ଯେ ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ଗୌତମ ଆଦାନୀଙ୍କ ବ୍ୟବସାୟର ମୋଟ ମୂଲ୍ୟରେ ପ୍ରାୟ ୨୯ ପ୍ରତିଶତ ହ୍ରାସ ଘଟି ସେ ୨ ନମ୍ବର ସ୍ଥାନକୁ ଖସି ଆସିଛନ୍ତି। ମୁକେଶ ଅମ୍ବାନୀ ଯଦିଓ ମାତ୍ର ୪.୭ ପ୍ରତିଶତର ଅଭିବୃଦ୍ଧି ଲାଭ କରିଛନ୍ତି, ତେବେ ସେ ସମସ୍ତଙ୍କ ଉପରେ ରହିଛନ୍ତି। ଏହି ସର୍ଭେରୁ କେବଳ ଯେ ସମ୍ପଦ ସୃଷ୍ଟି ହୋଇଛି, ତାହା ଜଣା ପଡ଼ିନାହିଁ, ବରଂ ସମାଜର କିମି ଲେୟାର ବା ଧନୀ ବ୍ୟକ୍ତିମାନଙ୍କର ସ୍ତରରେ ଯେ ଉନ୍ନତି ଘଟିଛି, ତାହା ସମ୍ମୁଖକୁ ଆସିଛି ; ସେମାନେ କୋଭିନିତ ସମସ୍ତ ପ୍ରକାରର କ୍ଷତି ବା ଅସୁବିଧାରୁ ମୁକୁଳି ଆସିଥିବା ଭଳି ମନେହୁଏ। ଜିଏସ୍‌ଟି ଆଦାୟକୁ ଭିତ୍ତିକରି ସରକାର ମଧ ଗୁରୁତ୍ୱାରୋପ କରିଛନ୍ତି ଯେ ବୈଶ୍ୱିକ କାରବାରରେ ମାନ୍ଦାବସ୍ଥା ସତ୍ତ୍ୱେ ଘରୋଇ ଉପଭୋଗ ବା କଞ୍ଜମ୍ପସନରେ ଦେଖା ଦେଇଥିବା ନମନୀୟତା ଦେଶର ଅର୍ଥନୀତିକୁ ଆଗେଇ ନେବାରେ ସହାୟକ ହୋଇଛି । ଏହାର ଏକ ସୂଚକ ହେଉଛି, ଦେଶରେ କାର୍ ବିକ୍ରି ସଂଖ୍ୟାରେ ବୃଦ୍ଧି - ଏହା ୨୦୨୩ରେ ପ୍ରଥମଥର ପାଇଁ ଚାରି ମିଲିଅନ୍ ସଂଖ୍ୟାକୁ ଅତିକ୍ରମ କରିଛି। ସାମଗ୍ରିକ ଭାବରେ ସ୍ଥୁଳ ଅର୍ଥନୀତିକ ସୂଚକଗୁଡ଼ିକ ମଧ ଦୃଢ଼ ଥିବା ଜଣାପଡୁଛି। ଦେଶରେ ୨୦୦୦ରୁ ୨୦୨୨ ମଧରେ ମୁଣ୍ଡପିଛା ଆୟରେ ବୃଦ୍ଧି ଘଟିଛି । ଏହା ୪୫୦ ଡଲାରରୁ ବୃଦ୍ଧି ପାଇ ୨,୩୮୯ ଡଲାର ହୋଇଛି। ପରନ୍ତୁ, ଏସବୁ ସତ୍ତ୍ୱେ ସମାଜର ତଳ ସ୍ତରର ଲୋକମାନଙ୍କ ନିମନ୍ତେ ଏହାର ପ୍ରଭାବ ଯେପରି ହେବା କଥା, ତାହା ହୋଇପାରି ନାହିଁ, ଅର୍ଥାତ୍ ସେମାନଙ୍କର ଆର୍ଥିକ ସ୍ଥିତିରେ ସମତାଳରେ ଉନ୍ନତି ଘଟିପାରି ନାହିଁ ଏବଂ ଆୟ ଓ ସମ୍ପଦ କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ଅସମାନତାର ବୃଦ୍ଧି ଘଟିଛି । ଏ ସମ୍ପର୍କରେ ଆଗରୁ ଅକ୍ସଫାମ୍ ଭଳି ଏନ୍‌ଜିଓ ମାନେ ତ ସୂଚନା ଦେଇ ଆସିଛନ୍ତି, ତେବେ ନିକଟରେ ନଭେମ୍ବର ମାସରେ ୟୁଏନ୍‌ଡିପିର ଏସିଆ-ପେସିଫିକ୍ ଡେଭଲପ୍‌ମେଣ୍ଟ ରିପୋର୍ଟ ଏହାକୁ ଦୋହରାଇଛି । ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୧ରେ ଶୀର୍ଷରେ ଥିବା ଦଶଜଣ ବ୍ୟକ୍ତିଙ୍କ ନିକଟରେ ଜାତୀୟ ଆୟର ୫୭ ପ୍ରତିଶତ ରହିଥିବା ବେଳେ ତଳେ ଥିବା ଅର୍ଦ୍ଧେକ ଲୋକଙ୍କ ନିକଟରେ ମାତ୍ର ୧୩ ପ୍ରତିଶତ ରହିଥିଲା, ଯେଉଁଥିରୁ ସହଜରେ ଅନୁମେୟ ଯେ ଆୟର ଆବଣ୍ଟନରେ କେତେ ପରିମାଣରେ ଅସମାନତା ରହିଛି । ଏକ ଦେଶର ପ୍ରଗତିର ଆକଳନ ନିମନ୍ତେ ସମ୍ପଦର ଅଭିବୃଦ୍ଧିକୁ ମାପ କରିବା ଏକ ଉପାୟ ହୋଇପାରେ, କିନ୍ତୁ ଏହି ସମ୍ପଦ ଆବଣ୍ଟନକାରୀ ନ୍ୟାୟକୁ ହାସଲ କରି ପାରିବ କି ନାହିଁ, ତାହା ମଧ ଗୁରୁତ୍ୱପୂର୍ଣ୍ଣ । ଆଉ ଏଥିପାଇଁ ଟିକସ ଧାର୍ଯ୍ୟ କରିବା ବୋଧହୁଏ ସରକାରଙ୍କ ହାତରେ ରହିଥିବା ଏକମାତ୍ର ସାଧନ । ତେଣୁ ସରକାର ସମାଜର ତଳ ସ୍ତରର ଲୋକମାନଙ୍କ ଉନ୍ନତି ନିମନ୍ତେ ଉପର ସ୍ତରର ଲୋକମାନଙ୍କ ଉପରେ ଟିକସ ଧାର୍ଯ୍ୟ କରିବା କଥା ଚିନ୍ତା କରି ପାରନ୍ତି।

## ବଜାରବାଦର ନିୟନ୍ତ୍ରଣ ଜରୁରୀ

### ଗୋପାଳ ମହାପାତ୍ର



ମଣିଷର ଆବଶ୍ୟକତା ସୀମିତ କିନ୍ତୁ ଇଚ୍ଛା ଅନନ୍ତ ବା ଅଧିକ । ଆଜିର ଦିନରେ ଯଦି ପ୍ରତିଦିନର କାର୍ଯ୍ୟର ସୂକ୍ଷ୍ମ ମୂଲ୍ୟାଙ୍କନ କରାଯାଏ ତେବେ ସ୍ପଷ୍ଟ ଜଣାପଡିବ ମଣିଷ ତାର ଆବଶ୍ୟକତାକୁ ନିୟନ୍ତ୍ରିତ କରିପାରୁନାହିଁ ବରଂ ବଜାର ମଣିଷକୁ ନିୟନ୍ତ୍ରିତ କରୁଛି । ଏବେ ମଣିଷର ପରସ୍ପରକୁ ସହଯୋଗ କରିବାର ପ୍ରକୃତି କମିଯାଉଛି ଏବଂ ସାମାଜିକ ବିଚାରର ସ୍ତର ହ୍ରାସପାଇବାରେ ଲାଗିଛି । ଏଭଳି ସମୟ ଆସିଛି ଯେଉଁ ସମୟରେ ବଜାର ମଣିଷର ଇଚ୍ଛାକୁ ବଢାଇ ଦେଉଛି । ମଣିଷ ଏମିତି ଅନେକ ସଂସାଧନର ଉପଯୋଗ କରୁଛି ଯାହା ବଜାରବାଦ ଆଡକୁ ମଣିଷକୁ ଟାଣିନେଉଛି । ଦେଖେଇହେବା ପାଇଁ ମଣିଷ କେତେକ ଜିନିଷର ବ୍ୟବହାର କରୁଛି ଯାହାର ଉପଯୋଗୀତା ମାତ୍ର କିଛି ଲୋକ କରିପାରନ୍ତି । ଏବେ ସମସ୍ତଙ୍କ ହାତରେ ଏଣ୍ଡ୍ରଏଡ ମୋବାଇଲ, ସମସ୍ତଙ୍କ ଘରେ କମ୍ପ୍ୟୁଟର, ଟିଭି ଏବଂ ଜୀବନକୁ କଥିତ ଭାବେ ସୁଗମ କରୁଥିବା ଇଲେକ୍ଟ୍ରୋନିକ୍ସ ଜିନିଷ ଅବଶ୍ୟ ଦେଖିବାକୁ ମିଳୁଛି । କିନ୍ତୁ ଏ ସବୁର ବାସ୍ତବିକ ଆବଶ୍ୟକତା କେତେ ସେ କଥାର ମୂଲ୍ୟାଙ୍କନ ମାତ୍ର କିଛି ଲୋକଙ୍କ ପାଖରେ ରହିଛି । ପରିବାରର ସବୁ ସଦସ୍ୟଙ୍କ ପାଖରେ ଏବେ ପହଞ୍ଚିଯାଉଛି ବଜାର ଏବଂ ସମସ୍ତଙ୍କୁ ନିୟନ୍ତ୍ରଣକୁ ନେଇଯାଉଛି । ବିଶେଷକରି ନୂଆପିଢୀଙ୍କୁ ବଜାର ନିଜ ଅକ୍ତିଆରକୁ ଅଧିକ ଭାବେ ନିୟନ୍ତ୍ରିତ କରିପାରୁଛି । ଛୋଟ ଛୁଆ ଯାହାର ସଂପୂର୍ଣ୍ଣ ମାନସିକ ବିକାଶ ହୋଇନି ସିଏ ବି ଟିଭି ମୋବାଇଲରୁ ଖାଇବା-ପିଇବା ଓ ଉପଯୋଗ କରାଯିବା ଜିନିଷର ବିଜ୍ଞାପନ ଦେଖି ବାପମାଙ୍କୁ ସେସବୁ ଜିନିଷ ଆଣିଦେବା ପାଇଁ ଜିଦ କରୁଛି । ଏଣୁ କଳ୍ପନା କରାଯାଇପାରେ ଯେ ପିଲାମାନେ କିପରି ବଜାରଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି । ଆଗାମୀ ଦିନରେ ଏ ସବୁ ପିଲା ଜୀବନରେ ଏସବୁ ଜିନିଷର ଆବଶ୍ୟକତାର ମୂଲ୍ୟାଙ୍କନ କରିବା ପାଇଁ କେବେ ଚିନ୍ତା କରିବେ କି ? କିଛି ବର୍ଷ ପଛକୁ ଚାଲିଯିବା । ୯୦ଦଶକରେ ଜଙ୍କ ଫୁଡ ଏବଂ ପ୍ୟାକେଟରେ ଥିବା ଖାଦ୍ୟ ବଜାରରେ ପ୍ରାୟତଃ ମିଳୁନଥିଲା । କିନ୍ତୁ ଏବେ ଏମିତି କୌଣସି ପରିବାର ନାହିଁ ଯେଉଁ ପରିବାରରେ ଜଙ୍କ ଫୁଡ ଓ ପ୍ୟାକେଟରେ ଥିବା ଖାଦ୍ୟର ବ୍ୟବହାର ହେଉନାହିଁ । ଏସବୁ ଖାଦ୍ୟର ନକରାତ୍ମକ ପ୍ରଭାବ ମଧ ପଡୁଛି ଓ ଲୋକେ ଅନେକ ରୋଗର ଶିକାର ହେଉଛନ୍ତି କିନ୍ତୁ ସେଥିରୁ କିଛି ଶିକ୍ଷାଲାଭ କରିପାରୁନାହାନ୍ତି ।

ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ସର୍ବଦା ଆଗକୁ ବଢିବା ପାଇଁ କରାଯାଇଥାଏ । କିନ୍ତୁ ଯେତେବେଳେ ଏହି ଜ୍ଞାନକୌଶଳ ଜୀବନରେ ଅଧିକ ଗୁରୁତ୍ୱପୂର୍ଣ୍ଣ ପାଲଟିଯାଏ ତାକୁ କ'ଣ ଆମେ ଆଗକୁ ବଢିବା ବା ବାସ୍ତବିକ ପ୍ରଗତି ବୋଲି କହିବା କି ? ଲୋକେ ଏବେ ଏ ସବୁ କଥାକୁ ଭୁଲିଯାଇ ଘଣ୍ଟା ଘଣ୍ଟା ଧରି ସାମାଜିକ ଗଣମାଧମରେ ନିଜର ବହୁମୂଲ୍ୟ ସମୟର ଅପବ୍ୟବହାର କରୁଛନ୍ତି । କିଛି ଲୋକ (ସଂସ୍ଥା) ନିଜର ସ୍ୱାର୍ଥ ପାଇଁ ଏମିତି ସବୁ ଜିନିଷ ବାବଦରେ ସାମାଜିକ ଗଣମାଧମରେ ପ୍ରଚାର କରୁଛନ୍ତି ଯାହା ଅନ୍ୟମାନଙ୍କୁ ମାନସିକ ଭାବେ ନିୟନ୍ତ୍ରିତ ମଧ କରିପାରୁଛି । ଏପରିକି ଲୋକଙ୍କୁ ସେମାନଙ୍କ ପ୍ରଚାରର ଜିନିଷ ସହ ଯୋଡି ହେବାକୁ ପ୍ରବର୍ତ୍ତାଇ ପାରୁଛନ୍ତି । ଏହା ସାମାଜିକ ଏବଂ ପାରିବାରିକ ବିଘଟଣର କାରଣ ପାଲଟୁଛି । ମଣିଷ ତାର ଅମୂଲ୍ୟ ଜୀବନ ସହ ମଧ ଖେଳ ଖେଳୁଛି । ଦେଖାଯାଉଛି ନାମୀ ଦାମୀ ବ୍ୟକ୍ତି ବିଶେଷ(କଳାକାର/ଖେଳାଳି) ଗୁଟୁକା, ପାନମସଲାର ବିଜ୍ଞାପନ କରୁଛନ୍ତି ଓ ସେସବୁ କମ୍ପାନୀଠାରୁ କୋଟି କୋଟି ଟଙ୍କା ନେଉଛନ୍ତି । ଏସବୁ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିଲେ ମଧ ବିଶିଷ୍ଟ ବ୍ୟକ୍ତିବିଶେଷ ବିଜ୍ଞାପନ କରୁଥିବାରୁ ଦେଶର କୋଟି କୋଟି ଲୋକ ସେମାନଙ୍କୁ ଅନୁସରଣ କରି ଏସବୁର ସେବନ କରନ୍ତି। ଏହାକୁ ବଜାରବାଦ କୁହାଯିବ ନାହିଁ ତ ଆଉ କ'ଣ କୁହାଯିବ ? ଏବେ ଅନେକ ପର୍ବପର୍ବାଣିର ବଜାରୀ କରଣ ହୋଇଗଲାଣି । ବଜାର ଏ ସବୁକୁ ଏତେ ପ୍ରୋତ୍ସାହିତ କରୁଛି ଯେ ଘରେ ଓ ଆଞ୍ଚଳିକ ସ୍ତରରେ ପାଳିତ ହେଉଥିବା ପର୍ବ ଏବେ ବହୁ ଆଡମ୍ବରରେ ରାଷ୍ଟ୍ରୀୟ ପର୍ବ ଭଳି ପାଳିତ ହେଉଛି ।

ଏସବୁ ପରେ ପାରିବାରିକ କ୍ଳେଶ ଏବଂ ଅସମାନତା ଅଧିକ ଭାବେ ବଢିବାରେ ଲାଗିଛି । ଏକାନ୍ନବର୍ତ୍ତୀ ପରିବାର ତ ଆଉ ଦେଖିବାକୁ ମିଳୁନି । ଅନେକ ପରିବାରରେ ଶାନ୍ତି ନାହିଁ। ଏହାର କାରଣ ହେଉଛି ବଜାରବାଦ ଏବେ ଜନମାନସ ଉପରେ ଭାରି ପଡିଯାଉଛି । ଏଣୁ ଏ ଦିଗରେ ଚିନ୍ତା କରିବା ଜରୁରୀ ଏବଂ ଲୋକେ ଆବଶ୍ୟକତା ଏବଂ ଇଚ୍ଛା ମଧ୍ୟରେ ପାର୍ଥକ୍ୟକୁ ବୁଝି ସେ ଅନୁସାରେ କାର୍ଯ୍ୟ କରିବା ଉଚିତ । ଜଣେ କି ଦିଜଣ ଏକଥା ଭାବିଲେ ହେବ ନାହିଁ ଯଦି ସାମୂହିକ ଭାବେ ଏ ଦିଗରେ କାର୍ଯ୍ୟ କରାଯିବ ତେବେ ଲୋକଙ୍କୁ ବଜାରବାଦ ଆଡକୁ ମୁହାଇବାରୁ ଅଟକାଇ ପାରିବେ । ଏବେ ଅଧିକ ଲୋକ ଯେଉଁ ମାନସିକ ପୀଡା ଏବଂ କୁଣ୍ଠାରେ ଦିନ କାଟୁଛନ୍ତି ତାକୁ ଆକଳନ କରିବା ମୁସ୍କିଲ୍ । ବଜାରବାଦର ନିୟନ୍ତ୍ରଣରୁ ନ ମୁକୁଳି ପାରିଲେ ଆଗାମୀ ପିଢୀକୁ ଭୟାନକ ଅବସ୍ଥା ଦେଇ ଗତି କରିବାକୁ ପଡିବ । ବଜାରବାଦକୁ ରୋକିବା ପାଇଁ ସମସ୍ତଙ୍କୁ ନୈତିକ ମୂଲ୍ୟ କଥା ଚିନ୍ତା କରିବାକୁ ପଡିବ ଏବଂ ସାମୂହିକ ସହଯୋଗର ଭାବନା ଲୋକଙ୍କ ମଧ୍ୟରେ ଜାଗ୍ରତ କରିବାକୁ ପଡିବ । ପରିବାରକୁ ଅଧିକ ସମୟ ଦେବାକୁ ପଡିବ । ଅନ୍ୟଥା ବଜାରବାଦର ନିୟନ୍ତ୍ରଣରୁ ମୁକ୍ତି ମିଳିବା କଷ୍ଟ ଓ ସର୍ବୋପରି କିଛି ବର୍ଷ ପରେ ମଣିଷ ପାଖରେ କିଛି ବିକଳ୍ପ ମଧ ନଥିବ ।

ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪

## ଜାତିର ପ୍ରତିଷେଧକ ଜାତି

### ଅଧ୍ୟାପକ ଗୋପବନ୍ଧୁ



କଣ୍ଟାକୁ କଣ୍ଟାରେ କଢାଯାଏ। ସର୍ପ ବିଷର ପ୍ରତିଷେଧକ ସର୍ପ ବିଷରୁ ତିଆରି କରାଯାଏ। ବସନ୍ତ ରୋଗର ପ୍ରତିଷେଧକ ବସନ୍ତ ରୋଗର ଜୀବାଣୁରୁ ତିଆରି ହୁଏ। ହୋମିଓପ୍ୟାଥି ଚିକିତ୍ସାରେ ରୋଗର ମାତ୍ରା ବଢାଇ ଚିକିତ୍ସା କରାଯାଏ। ଫଳରେ ଦେହରେ ସେହି ରୋଗ ବିରୁଦ୍ଧରେ ପ୍ରତିଷେଧକ ତିଆରି ହୁଏ। ଠିକ୍ ସେହିପରି ଭାରତବର୍ଷରେ ଜାତିପ୍ରଥା ରୂପକ ଯେଉଁ ଭୟଙ୍କର ବ୍ୟାଧି କାୟା ବିସ୍ତାର କରି ରହିଛି ତାହାର ସମାପ୍ତି ପାଇଁ ସେହି ଜାତିର ପ୍ରୟୋଗ ସର୍ବାପେକ୍ଷା ଅଧିକ ଫଳପ୍ରଦ ମାର୍ଗ। ଚିକିତ୍ସା ବିଜ୍ଞାନର ଭାଷାରେ ଏହାକୁ 'ଜାତି ଥେରାପି' ବୋଲି କୁହଯାଇ ପାରେ। ଏବେ ଦେଶରେ ଜାତି ଥେରାପିର ଆବଶ୍ୟକତା ପଡିଛି ଏହି ବ୍ୟାଧିରୁ ମୁକ୍ତି ପାଇଁ।

ସମ୍ବିଧାନ ନିର୍ମାତାମାନେ ଏକଥାକୁ ଠିକଭାବେ ବୁଝିଥିଲେ। ତେଣୁ ଜାତିକୁ ସ୍ୱୀକୃତିଦେଇ ଅନଗ୍ରସର ଜାତିସମୂହର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏମାନେ ଜାତିଗୋଷ୍ଠୀ ତିଆରିକରି ସଂରକ୍ଷଣ ମାଧ୍ୟମରେ ବିକଶିତ ହେବାର ବ୍ୟବସ୍ଥା କରିଥିଲେ। ଯାହା ଫଳରେ ସମ୍ବିଧାନ ସମ୍ମତଭାବେ ସାମାଜିକ ଓ ଆର୍ଥିକ ସ୍ଥିତିର ତାରତମ୍ୟକୁ ଦେଖି ଏମାନଙ୍କୁ ଏସଟି, ଏସସି ଓ ଓବିସି ଭାବେ ବର୍ଗୀକରଣ କରାଯାଇଛି। ଏଠାରେ ଜାତି ବିରୁଦ୍ଧରେ ଜାତିଗୋଷ୍ଠୀର ପ୍ରୟୋଗ ହୋଇଛି। ଅର୍ଥାତ୍ ଜାତି ଥେରାପିର ଉପଯୋଗ ହୋଇଛି। ଗୋଟିଏ କଥା ସ୍ପଷ୍ଟ ଯେ କେବଳ ଭାଷଣବାଜିରେ ଜାତି ହଟିବ ନାହିଁ। ଏହା ହଟିବ ଅନଗ୍ରସର ଜାତିସମୂହର ବିକାଶ ଓ ପ୍ରତ୍ୟେକ ବିଭାଗରେ ସେମାନେ ସମାନ ଭାଗୀଦାରୀ ପ୍ରାପ୍ତ ହେବା ଦ୍ୱାରା। କାରଣ ବର୍ତ୍ତମାନର ଜାତିବ୍ୟବସ୍ଥା ବଞ୍ଚିଛି ସାମାଜିକ ଓ ଆର୍ଥିକ ବିକାଶର ତାରତମ୍ୟରୁ ଜାତ ଅହଙ୍କାର ଯୋଗୁ। ଏହି ଅହଙ୍କାର ସେହିଦିନ ଧ୍ୱଂସହେବ ଯେଉଁଦିନ ଅନଗ୍ରସର ଜାତିସମୂହ ବିକଶିତ ହୋଇ ଅଗ୍ରସର ଜାତିସମୂହ ସହିତ ସମକକ୍ଷ ହୋଇଯିବେ।

ତେଣୁକରି ଯେଉଁମାନେ ଜାତି ଆଧାରରେ ସମାନ ଅଧିକାର ପାଇଁ ଲଢୁଛନ୍ତି ସେମାନଙ୍କୁ ଜାତିବାଦୀ ବୋଲି କୁହାଯାଇ ପାରିବ ନାହିଁ। ଅନେକ ସମୟରେ ଏମାନେ ପ୍ରଚଳିତ ସାମାଜିକ ତାଡନାର ଶୀକାର ହୋଇ ଜାତି ସଂଗଠନ ମାଧ୍ୟମରେ କିଛି ପାଇବାକୁ ଚେଷ୍ଟା କଲେ ତାଙ୍କୁ ଜାତିବାଦୀ ବୋଲି ଜୋରରେ ପ୍ରଚାର ହୁଏ। ଅନ୍ୟ ପକ୍ଷରେ ଜାତି ଆଧାରରେ ଏମାନଙ୍କୁ ତାଙ୍କ ସମାନ ଅଧିକାରରୁ ବଞ୍ଚିତ କଲେ ତାଙ୍କୁ ଜାତିବାଦୀ କୁହାଯାଏ ନାହିଁ। ବରଂ ଅଭିଯୋଗକାରୀ ପ୍ରଗତିବାଦୀର ଆଖ୍ୟା ନେଇ ସମାଜରେ ଘୂରିବୁଲନ୍ତି। ଯେଉଁ ଦଳିତମାନଙ୍କୁ ମନ୍ଦିର ପ୍ରବେଶ କରିବାକୁ ଦିଆଯାଏ ନାହିଁ ଓ ଧାର୍ମିକ କାର୍ଯ୍ୟକ୍ରମମାନଙ୍କରେ ଭାଗ ନେବାକୁ ଦିଆଯାଏ ନାହିଁ ସେମାନେ ଏ ଅଧିକାର ମାଗିଲେ ତାଙ୍କୁ ଜାତିବାଦୀ କୁହାଯାଏ। ଯେଉଁ ଆଦିବାସୀମାନେ ସଂଗଠିତ ହୋଇ ଜୀବନଧାରଣର ସର୍ବନିମ୍ନ ସୁବିଧା ସୁଯୋଗ ମାଗନ୍ତି ତାଙ୍କୁ ଜାତିବାଦୀ କୁହଯାଏ। ନିଜର ଆଦିମ ପରମ୍ପରା ମୁତାବକ ଜଳ, ଜମି ଓ ଜଙ୍ଗଲ ଉପରେ ଏମାନେ ଯେତେବେଳେ ସାମୂହିକ ମାଲିକାନା ଦାବିକରନ୍ତି ତାଙ୍କୁ ଜାତିବାଦୀ କୁହାଯାଏ। ଓବିସିମାନେ ନିଜର ସଂଖ୍ୟାନୁପାତରେ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ମାଗିଲେ ତାଙ୍କୁ ଜାତିବାଦୀ କୁହାଯାଏ। କୌଣସି ଜାତି ରାଜନୈତିକ ପ୍ରତିନିଧିତ୍ୱରୁ ବଞ୍ଚିତ ହୋଇ ପ୍ରତିନିଧିତ୍ୱ ଦାବୀ ଉଠାଇଲେ ସେ ଜାତିବାଦୀ। ଅଥଚ ଯେଉଁମାନେ ଏମାନଙ୍କୁ ଏ ସୁବିଧାରୁ ବଞ୍ଚିତ କରନ୍ତି ସେମାନେ ହେଉଛନ୍ତି ପ୍ରଗତିବାଦୀ ବୋଲି ଧାରଣା ସୃଷ୍ଟି କରନ୍ତି। ପ୍ରକୃତପକ୍ଷେ ଏମାନେ ହେଉଛନ୍ତି ଅସଲ ଜାତିବାଦୀ।

ପ୍ରଗତିବାଦୀ ମୁଖାତଳେ ଏମାନଙ୍କ ଜାତିବାଦୀ ଚେହେରା ଲୁଚିଥାଏ। ଏମାନେ ସମତାଭିତ୍ତିକ ସମାଜକୁ ଗ୍ରହଣ କରିପାରନ୍ତି ନାହିଁ। ସାମ୍ବିଧାନିକ ବ୍ୟବସ୍ଥାକୁ ମଧ୍ୟ ମାନନ୍ତି ନାହିଁ।

ପ୍ରଗତିବାଦୀ ମୁଖାତଳେ ଲୁଚିଥିବା ଏହି ଜାତିବାଦୀ ଗୋଷ୍ଠୀ ସଂରକ୍ଷଣ ବ୍ୟବସ୍ଥା ବିରୁଦ୍ଧରେତ ଜୋରସୋରରେ ପ୍ରଚାର କରନ୍ତି, କିନ୍ତୁ ଜାତି ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି ନାହିଁ। ଜାତିକୁ ହଟାଇବା ପାଇଁ ଏମାନଙ୍କ ନିକଟରେ କୌଣସି ଏଜେଣ୍ଡା ନଥାଏ। ଏମାନେ ପୁଣି ବହୁଭାଗରେ ବିଭକ୍ତ। କିଏ ହେତୁବାଦୀ ତ କିଏ ତର୍କବୁଦ୍ଧିବାଦୀ, କିଏ ବିଜ୍ଞାନବାଦୀ ତ କିଏ ମାନବବାଦୀ। ଜାତି କଥା କହିଲେ ଏମାନଙ୍କ ମୁହଁ ବନ୍ଦ ହୋଇଯାଏ। ବେଶୀ ପ୍ରଶ୍ନକଲେ କହନ୍ତି ଆମେ ଜାତିରେ ବିଶ୍ୱାସ କରୁନା। ତୁମ ପାଖରେ ଜାତିକୁ ଉଠାଇବା ପାଇଁ କିଛି ଏଜେଣ୍ଡା ଅଛି ନା ନାହିଁ ପ୍ରଶ୍ନ କଲେ ମୁହଁ ଚୁପ୍। ସଭା ସମିତିରେ ସିନା ଏମାନେ ଜାତିବାଦ ବିରୁଦ୍ଧରେ ଭାଷଣ ଦିଅନ୍ତି, କିନ୍ତୁ ଘରକୁ ଗଲେ ସବୁକିଛି ପୂର୍ବପରି। ନା ଏମାନେ ଦେହରେ ଥିବା ଜାତିଗତ ଚିହ୍ନକୁ ଛାଡିପାରନ୍ତି, ନା ନାମ ପଛର ଜାତିସୂଚକ ଟାଇଟେଲକୁ ଛାଡିପାରନ୍ତି। ଧର୍ମ ଓ ସଂସ୍କୃତିର ଆଳରେ ନିଜର ଜାତିଗତ ସ୍ୱତନ୍ତ୍ରତାକୁ ବଜାଇ ରଖିବାକୁ ପୂର୍ଣ୍ଣ ଚେଷ୍ଟା କରନ୍ତି।

ସ୍ୱାଧୀନତାର ଦୀର୍ଘ ବର୍ଷପରେ ବି ଜାତି ବ୍ୟବସ୍ଥା ତାର କଳୁଷିତ କାୟା ବିସ୍ତାର କରି ରଖିଛି ଏହି ଜାତିବାଦୀଙ୍କ ପାଇଁ। ଅନେକ ସମୟରେ ଜାତିବାଦକୁ ହଟାଇବା କଥା ନକହି ଏହାର ସପକ୍ଷରେ ଯୁକ୍ତି କରନ୍ତି। ଏହି ବ୍ୟବସ୍ଥାର ଗୁଣଗାନ କରନ୍ତି। ଧର୍ମ ଓ ସଂସ୍କୃତିର ଆବରଣ ପିନ୍ଧାଇ ଏହାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବାକୁ ଚେଷ୍ଟା କରନ୍ତି। ଯେଉଁମାନେ ପ୍ରକୃତରେ ଜାତିପ୍ରଥାର ବିରୋଧି ତାଙ୍କୁ ନାନାଭାବେ ଭର୍ତ୍ସନା କରନ୍ତି।

> ପ୍ରଗତିବାଦୀ ମୁଖାତଳେ ଲୁଚିଥିବା ଏହି ଜାତିବାଦୀ ଗୋଷ୍ଠୀ ସଂରକ୍ଷଣ ବ୍ୟବସ୍ଥା ବିରୁଦ୍ଧରେତ ଜୋରସୋରରେ ପ୍ରଚାର କରନ୍ତି, କିନ୍ତୁ ଜାତି ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି ନାହିଁ। ଜାତିକୁ ହଟାଇବା ପାଇଁ ଏମାନଙ୍କ ନିକଟରେ କୌଣସି ଏଜେଣ୍ଡା ନଥାଏ। ଏମାନେ ପୁଣି ବହୁଭାଗରେ ବିଭକ୍ତ। କିଏ ହେତୁବାଦୀ ତ କିଏ ତର୍କବୁଦ୍ଧିବାଦୀ, କିଏ ବିଜ୍ଞାନବାଦୀ ତ କିଏ ମାନବବାଦୀ। ଜାତି କଥା କହିଲେ ଏମାନଙ୍କ ମୁହଁ ବନ୍ଦ ହୋଇଯାଏ। ବେଶୀ ପ୍ରଶ୍ନକଲେ କହନ୍ତି ଆମେ ଜାତିରେ ବିଶ୍ୱାସ କରୁନା। ତୁମ ପାଖରେ ଜାତିକୁ ଉଠାଇବା ପାଇଁ କିଛି ଏଜେଣ୍ଡା ଅଛି ନା ନାହିଁ ପ୍ରଶ୍ନ କଲେ ମୁହଁ ଚୁପ୍। ସଭା ସମିତିରେ ସିନା ଏମାନେ ଜାତିବାଦ ବିରୁଦ୍ଧରେ ଭାଷଣ ଦିଅନ୍ତି, କିନ୍ତୁ ଘରକୁ ଗଲେ ସବୁକିଛି ପୂର୍ବପରି।

ଫଳ ସ୍ୱରୂପ ଦେଶରେ ଜାତିବାଦ କମିବାର ନାମ ନେଉନାହିଁ। ରାଜନୀତି ଜାତିବାଦକୁ ପ୍ରୋତ୍ସାହିତ କରିଆସିଛି। ଗୋଟିଏ ଦୁଇଟି ଜାତି ଏଥିପାଇଁ ଦାୟୀ। ସେମାନେ ସମସ୍ତ କ୍ଷମତା ନିଜ ହାତରେ ରଖିବାକୁ ଚାହାଁନ୍ତି। ଏମାନେ କଳେବଳେ କୌଶଳେ ରାଜନୈତିକ, ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାଁନ୍ତି। ଏହାହିଁ ମାରାତ୍ମକ ଜାତିବାଦ। ଯେଉଁମାନେ ନିଜର ସଂଖ୍ୟାନୁପାତିକ ଭାଗ ପାଇଁ ଲଢୁଛନ୍ତି ସେମାନଂକୁ କଦାପି ଜାତିବାଦୀ ବୋଲି କହିହେବ ନାହିଁ। ସେହିମାନଙ୍କୁ ଜାତିବାଦୀ ବୋଲି କୁହାଯିବ ଯେଉଁମାନେ ଅନ୍ୟମାନଙ୍କୁ ତାଙ୍କ ସଂଖ୍ୟାନୁପାତିକ ପ୍ରାପ୍ୟ ଦେଉ ନାହାଁନ୍ତି।

ଜାତିବ୍ୟବସ୍ଥାର ସମାପ୍ତି ପାଇଁ ଅନଗ୍ରସର ଜାତି ସମୂହର ବିକାଶ ଜରୁରୀ ହୋଇଥିବା ଯୋଗୁଁ ଏମାନେ ବିକାଶର ଲକ୍ଷ୍ୟ ନେଇ ସଙ୍ଗଠିତ ହେବା ଜରୁରୀ। ଏମାନେ ନିଜ ମଧ୍ୟରେ ଥିବା ଜାତି ବିଦ୍ୱେଷ ଓ ଜାତିଗତ ଭାବନାକୁ ସମାପ୍ତ କରିବା ଆବଶ୍ୟକ। ଏହା ନହେଲେ ଜାତିବାଦ ଭିନ୍ନରୂପରେ ଆତ୍ମପ୍ରକାଶ କରିବ। ଯେଉଁ ଅଗ୍ରସର ଗୋଷ୍ଠୀ ବିକାଶର ଚରମ ସୀମାରେ ପହଞ୍ଚିଛନ୍ତି ସେମାନେ ପଛକୁ ଦେଖିବା ଜରୁରୀ ଯେ କେଉଁମାନେ ବିକାଶର ଦୌଡରେ ପଛରେ ପଡିଯାଇଛନ୍ତି। ଏମାନେ ସାମ୍ବିଧାନିକ ବ୍ୟବସ୍ଥାକୁ ମାନିବା ଦରକାର ଓ ସମତାଭିତ୍ତିକ ସମାଜକୁ ସ୍ୱୀକାର କରିବା ଦରକାର। ଏହା ତାଙ୍କ ସାମାଜିକ ଓ ନାଗରିକତ୍ୱର ଦାୟିତ୍ୱ ମଧ୍ୟ। ଏହା ଛଡା ଜାତିବିହୀନ ସମାଜ ଗଠନ କରିବା ପାଇଁ ଏମାନଙ୍କୁ ଯୋଜନା ମଧ୍ୟ ପ୍ରସ୍ତୁତ କରିବାକୁ ପଡିବ। ଆବଶ୍ୟକ ହେଲେ ଧାର୍ମିକ ଓ ସାଂସ୍କୃତିକ ସଂଶୋଧନ ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏହା ନହେଲେ ଅନଗ୍ରସର ଜାତିସମୂହ ନିକଟରେ କଣ୍ଟାକୁ କଣ୍ଟାରେ କାଢ଼ିବ ସଦୃଶ୍ୟ ଜାତିକୁ ଜାତି ଦ୍ୱାରା ହଟାଇବା ପାଇଁ ଜାତି ଥେରାପିର ଆଶ୍ରୟ ନେବାକୁ ପଡ଼ିବ।

ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

## କବିତା କୋଣାର୍କ

### ସେ ଏକ ରତନ ନେବା ତା ଯତନ

#### ପ୍ରଶାନ୍ତ କୁମାର ଦାଶ



ଗାଆଁଠୁ ସହର ଖୁସିର ଲହର
ପୁଲକିତ ତନୁ ମନ
ହସୁଚି ରାତିରେ ଆକାଶ ଛାତିରେ
କୋଟି ତାରାମେଳେ ଜହ୍ନ ।

ପୁରୁଣା ବରଷ ଫେରିଗଲା ପରେ
ଆସିଛି ବରଷ ନୂଆ
ଭୋଜିଭାତ ଖାଇ ମଜା ମଉଜରେ
ନାଚୁଛନ୍ତି ସବୁ ଛୁଆ ।

ଶୀତ ତ ଥରୁଛି ଦେହ ଥରାଉଛି
ଶିଶିର ପଡୁଛି ଖସି
ଶୀତକୁ ନଡ଼ରି ମିଠା ଗୀତଟିଏ
ଚଢେଇ ଗାଉଚି ବସି ।

ପୁରୁଣା ଦିନର ସବୁ ଦୁଃଖ ଭୁଲି
ଚାଷୀ କଲାଣି ତା କାମ
ମେହେନତିକରି ଧରାକୁ କରିବ
ସୁଖର ସରଗଧାମ ।

ଆଶିଷ ଢାଳିବେ ସଭିଙ୍କ ମଥାରେ
କାଳିଆ ମଉଡମଣି
ସୁଖରେ କଟିବ ବରଷ ଓ ମାସ
ଦିନଯିବ ଗଣି ଗଣି ।

ସୁନାପିଲା ହେବେ ଆମ ରାଇଜର
ଗାଆଁ ସହରର ଶିଶୁ
ବଡହେଲେ ହେବେ କଳାକହ୍ନେଇ ସେ
ନାନକ କବୀର ଯୀଶୁ ।

କରିବେନି କାମ ଖଣି ଖାଦାନରେ
ଶିଶୁ ଶ୍ରମିକଟେ ସାଜି
ପାଠପଢି ହେବେ ଶିକ୍ଷକ ସେବକ
ବୈଜ୍ଞାନିକଟିଏ ଆଜି

ଚାଲ ମିଳି ମିଶି କରିବା ଆଦର
ସେନେହ ଶରଧା ଦେଇ
ଶିଶୁଟି ରତନ ନେବା ତା ଯତନ
ତା ପାଇଁ ଦରଦୀ ହେଇ ।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

### ପ୍ରେମ ନୁହେଁ କୌଣସି ଏକ ଋତୁ

#### ନୂତନ କୁମାର ବେହେରା

ପ୍ରେମ ନୁହେଁ କୌଣସି ଏକ ଋତୁ
ଆସୁଥିବ ଯାଉଥିବ ତା' ସମୟ ଅନୁସାରେ
ପ୍ରକୃତିର ନୀତି ନିୟମରେ ବନ୍ଧା ହୋଇ,
ପ୍ରେମ ତ ହୃଦୟର ଶୁଦ୍ଧ ପବିତ୍ର ଭାବ
ସର୍ବକାଳରେ ରହିଥାଏ ଶାଶ୍ୱତ ଚିରନ୍ତନ।

ଏ ପ୍ରେମ ଋତୁରାଜ ବସନ୍ତ ନୁହେଁ
ଫଗୁଣରେ ଆସି ତନୁମନେ ଭରି ଦେବ ରଙ୍ଗ
ଫୁଲର ସମ୍ଭାରରେ ଟାଣି ନେବ ନଜର,
ମୃଦୁ ମଳୟରେ ବିଞ୍ଚି ଦେବ ତା' ମଧୁ ମହକ
ପ୍ରାଣରେ ପୁଲକେ କରାଇବ ଆତ୍ମବିଭୋର
ପୁଣି ସଂଜକୁ ମଉଳି ଝଡ଼ି ପଡ଼ିବ ଅକାଳରେ।

ନୁହେଁ ସେ ନିଦାଘର ତପ୍ତ ଝାଞ୍ଜି ଖରା
ଜାଳିବ ଜଳାଇବ ନିଆଁର ଉତ୍ତାପ ଦେଇ
ଚାଲିଯିବ ତା' ଇଚ୍ଛାରେ କ୍ଷତାକ୍ତ ଆହତ କରି,
ଅବା ନୁହେଁ ଶ୍ରାବଣର ବର୍ଷା ଝର ଝର ବର୍ଷି
ବର୍ଷାଉଥିବ ଦୁଇ ଆଖିରୁ ଅସରା ଲୁହ
କି ନୁହେଁ ମାଘର ଛାତିଥରା ହାଡ଼ଭଙ୍ଗା ଶୀତ
ବାନ୍ଧି ରଖିବ ଶରୀରର ଆପାଦ ମସ୍ତକ।

ପ୍ରେମ ତ ପ୍ରାଣର ଚାଲୁଥିବା ନିଶ୍ୱାସ ପ୍ରଶ୍ୱାସ
ତା'ର ପ୍ରବାହରେ ସଞ୍ଚାରିତ ହୁଏ ଜୀବନ
ଜଣାଉଥାଏ ତାର ସତ୍ତା ହୃଦୟର ସ୍ପନ୍ଦନେ,
ଆୟୁଷର ଅବଧି ହୋଇଗଲେ ସମାପ୍ତ
ସଭିଙ୍କ ଅଜାଣତରେ ଚାଲିଗଲେ ଆସେ ମୃତ୍ୟୁ,
ସ୍ୱତନ୍ତ୍ର ରଖେ ବନ୍ଧନରେ ଅବା ମୁକ୍ତରେ
ପ୍ରେମ ଜୀବନ ସହିତ ଓତପ୍ରୋତ ଭାବେ ଜଡ଼ିତ।

ଜନ୍ମରୁ ମିଳେ ମା'ଠାରୁ ଅପର୍ଯ୍ୟାପ୍ତ ଅସରନ୍ତି
ଆତ୍ମୀୟସ୍ୱଜନ ସଂପର୍କୀୟ ବନ୍ଧୁ ବାନ୍ଧବଙ୍କଠାରୁ
ବୟସ କ୍ରମରେ ସମାଜର କୋଣ ଅନୁକୋଣରୁ,
ମିଳୁଥାଏ ଜଣକର ଗୁଣ ଚରିତ୍ରର ବିନିମୟେ
ଏ ପ୍ରେମରେ ନଥାଏ କିଛି ବି ମିଶ୍ରିତ ଖାଦ
ପ୍ରତାରଣା ଦେଇ କରିବ ତାର ସ୍ୱାର୍ଥ ପୂରଣ।

ହୁଏନା କେବେ କଳୁଷିତ ଆଣେନା ବିଷାଦ କିଛି
କାମିନୀ କାଞ୍ଚନର ମୋହ ମାୟାରେ ପଡ଼ି
ପ୍ରେମ ନୁହେଁ ଭାବ ପ୍ରବଣତାର ଓଲିକ ଆବେଗ,
ନାରୀ କି ପୁରୁଷ ସହିତ ଶାରୀରିକ ସଂପର୍କକୁ
ଭାବି ନେଲେ ପ୍ରେମ ଆସେ ଦ୍ୱନ୍ଦ ଜନ୍ମେ ବିକାର।

ପ୍ରେମ ଅନାବିଳ ନିଷ୍କଳଙ୍କ ସ୍ୱଚ୍ଛତାର ପରିପ୍ରକାଶ
ଏ ତ ସ୍ୱର୍ଗୀୟ ରହିଥାଏ ଜନ୍ମ ଜନ୍ମାନ୍ତର ଯାଏଁ
ପ୍ରକୃତ ପ୍ରେମ ରହିଥାଏ ଚିର ଅମର ଅକ୍ଷୟ
କାହାରି ଶକ୍ତି ନାହିଁ ପ୍ରେମକୁ କରିବ ଅନ୍ତ
କେବେ ବି ପ୍ରେମ ନୁହେଁ କୌଣସି ଏକ ଋତୁ
ବହୁ ରୂପ ନେଇ ବଦଳୁଥିବ ଥରକୁ ଥର
ସମୟ କ୍ରମେ ଦୂରେଇ ଯିବ ଅନ୍ତର ଭିତରୁ...।

କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

### ହେ ସମୟ !

#### ପ୍ରଦୋଷ କୁମାର ଦାସ

ହେ ସମୟ ମୋହର
ସୁଧା ଅଟ ପ୍ରତି ଜୀବନର।
ସାଥୀ ମୋର, ଚିର ସହଚର।
ପାଦେ ପାଦେ ମତେ
ଦିଅ ସହକାର।
ସମୟ ଚକ୍ରରେ
ହେଲେ ମୁଁ ଅଧୀର
ତୁମେ କିନ୍ତୁ ଥାଅ
ନିରବ ନିର୍ବିକାର।
ତୁମକୁ ବୁଝିବା ଡ ଦୁଷ୍କର
ନିଜକୁ ବୁଝାଇଲେ ଆପେ
ଲାଗେନା ଆତୁର।
କ୍ଷଣ କ୍ଷଣ ପ୍ରତି କ୍ଷଣ
ପ୍ରଭାବିତ ପ୍ରତି ପ୍ରାଣ।
ମୁଁ ଅକିଞ୍ଚନ ନିମିତ୍ତ ମାତର
ତୁମେ ଅଟ ସାକ୍ଷାତ ଈଶ୍ୱର।
ତୁମେ ହିଁ ମରମ ମୋହର
ତୁମେ ବି ମଲମ ମୋହର ।

ସ୍ତମ୍ଭକାର ନାଚୁଣୀ ଖୋର୍ଦ୍ଧା
ମୋ: ୬୩୭୦୪୯୫୯୪୪

# ୨୦୨୪ରେ ବହୁ ଆକାଂକ୍ଷିତ ସିନେମା



ସିନେପ୍ରେମୀମାନଙ୍କ ପାଇଁ ୨୦୨୩ ବର୍ଷ ବେଶ୍ ଉତ୍ସାହପୂର୍ଣ୍ଣ ଥିଲା। ୨୦୨୪ର ପଦାର୍ପଣ ସାଙ୍ଗକୁ ଆଗାମୀ ସମୟରେ ଆସିବାକୁ ଥିବା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରମାନଙ୍କ ମୁକ୍ତିଲାଭର ଅବଗଣନା ଆରମ୍ଭ ହୋଇଗଲାଣି। ଯାହା ଜଣାପଡୁଛି, ୨୦୨୪ ମସିହା ପୂର୍ବ ବର୍ଷ ଅପେକ୍ଷା ଅଧିକ ଉଦ୍ଦୀପନା ନେଇ ଆସିଛି। ଏ ବର୍ଷ ମୁକ୍ତିଲାଭ କରିବାକୁ ଥିବା ସିନେମାଗୁଡ଼ିକ ମଧ୍ୟରେ 'ସିଂହମ୍ ଏଗେନ୍', 'ଜୋକର: ଫୋଲି ଏ ଡ୍ୟୁକ୍ସ', 'ଫାଇଟର', 'ମାଡାମ୍ ୱେଭ୍', 'ପୁଷ୍ପା: ଦ ରୁଲ୍' ସମେତ ବହୁ ଜାତୀୟ ଏବଂ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଭରପୂର ମନୋରଞ୍ଜନର ପ୍ରତିଶ୍ରୁତି ନେଇ ଦର୍ଶକଙ୍କ ପାଖରେ ପହଞ୍ଚିବାକୁ ଅପେକ୍ଷା କରି ରହିଛନ୍ତି। ଏ ପରିପ୍ରେକ୍ଷୀରେ ଦ୍ୱିତୀୟ ସପ୍ତାହ ଅର୍ଥାତ୍ ଜାନୁଆରି ୧୨ରେ ମୁକ୍ତିଲାଭ କରିବାକୁ ଯାଉଛି ବିଜୟ ସେତୁପତି ଓ କାଟ୍ରିନା କୈଫ୍ ଅଭିନୀତ ରୋମାଞ୍ଚଭରା ଚଳଚ୍ଚିତ୍ର 'ମେରି ଖ୍ରୀଷ୍ଟମାସ'। ତାହାର ଠିକ୍ ଦୁଇ ସପ୍ତାହ ପରେ ୨୫ ତାରିଖରେ ଖେଳିବ ଦୀପିକା ପାଦୁକୋଣ ଓ ରତିକ ରୋଶନ ଅଭିନୟ କରିଥିବା 'ଫାଇଟର'। ତାହା ପରେ ଫେବ୍ରୁଆରି ୧୨ରେ ଦେଖିବାକୁ ମିଳିବ ଡାକୋଟା ଜନ୍ସନ୍ଙ୍କ ପରବର୍ତ୍ତୀ ଇଂରେଜୀ ଫିଲ୍ମ 'ମାଡାମ୍ ୱେବ'। ଏଥି ସହିତ ବିଜ୍ଞାନଭିତ୍ତିକ ଇଂରେଜୀ ସିନେମା 'ଡ୍ୟୁନ୍'ର ଦ୍ୱିତୀୟ ଭାଗ ମାର୍ଚ୍ଚ ପହିଲାରେ ମୁକ୍ତିଲାଭ କରିବ। ସେହିପରି ମେ'୨୪ରେ ପ୍ରେକ୍ଷାଳୟମାନଙ୍କରେ ଖେଳିବାକୁ ଅଛି ଅନ୍ୟତମ ଇଂରେଜୀ ସିନେମା 'କିଙ୍ଗଡମ୍ ଅଫ୍ ଦି ପ୍ଲାନେଟ୍ ଅଫ୍ ଦି ଏପ୍ସ'। ତାହାର ଦୁଇମାସ ପରେ ଅନ୍ୟତମ ବହୁପ୍ରତୀକ୍ଷିତ ଇଂରେଜୀ ସିନେମା 'ଡେଡ୍‌ପୁଲ୍ ୩'ର ମୁକ୍ତିଲାଭ ତାରିଖ ରହିଛି ଜୁଲାଇ ୨୬। ଅଗଷ୍ଟ ୧୫ରେ 'ପୁଷ୍ପା: ଦି ରୁଲ୍' ମାଧ୍ୟମରେ ଦର୍ଶକ ଆଲ୍ଲୁ ଅର୍ଜୁନ ଓ ରଶ୍ମିକା ମନ୍ଦାନାଙ୍କ ପ୍ରତ୍ୟାବର୍ତ୍ତନକୁ ଦେଖିବେ। ଅକ୍ଟୋବର ମାସରେ ଓସ୍କାର ବିଜେତା ଜୋକ୍ୱିନ୍ ଫିନିକ୍ସ ଅଭିନୀତ ଅନ୍ୟତମ ଇଂରେଜୀ ସିନେମା 'ଜୋକର: ଫୋଲି ଏ ଡ୍ୟୁକ୍ସ' ଆସିବ ବୋଲି ଆଶା କରାଯାଉଛି। ସେହିପରି ପ୍ରଭାଶ, ଦୀପିକା ପାଦୁକୋଣ, ଅମିତାଭ ବଚ୍ଚନ ଓ କମଲ ହାସନଙ୍କ ଭଳି ତାରକା ଖଚିତ ଅନ୍ୟତମ ବ୍ୟୟବହୁଳ ସିନେମା 'କଲ୍‌କି ୨୮୯୮ ଏଡି'କୁ ମଧ୍ୟ ଚଳିତବର୍ଷ ଶେଷଭାଗ ଆଡ଼କୁ ଦେଖିବାକୁ ମିଳିବ। କମଲ ହାସନଙ୍କ 'ଇଣ୍ଡିଆନ୍ ୨' ମଧ୍ୟ ବର୍ଷ ଶେଷ ଆଡ଼କୁ ଆସିବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ଲୋକପ୍ରିୟ ଅଭିନେତା ଅଜୟ ଦେବଗନ୍‌ଙ୍କ ଚର୍ଚ୍ଚିତ ସିନେମା 'ସିଂହମ୍'ର ତୃତୀୟ ଭାଗ 'ସିଂହମ୍ ଏଗେନ୍' ମଧ୍ୟ ଏ ବର୍ଷ ମୁକ୍ତିଲାଭ କରିବାର ସମ୍ଭାବନା ରହିଛି। ଏଥିରେ କରୀନା କପୁର, ଅକ୍ଷୟ କୁମାର ଓ ରଣବୀର ସିଂହଙ୍କ ସମେତ ନୂଆ କରି ସେମାନଙ୍କ ସହ ଯୋଗଦେଉଥିବା ଟାଇଗର ସ୍ରୋଫ୍ ଓ ଦୀପିକା ପାଦୁକୋଣଙ୍କ ଯୋଡ଼ି ମନୋରଞ୍ଜନକୁ ବହୁଗୁଣିତ କରିବ।

# ଗୋଆରେ ବାହାହେବେ ରକୁଲପ୍ରୀତ ସିଂ-ଜ୍ୟାକି ଭାଗନାନି

ବଲିଉଡ୍ ଅଭିନେତ୍ରୀ ରକୁଲ୍ ପ୍ରୀତ୍ ସିଂହଙ୍କ ପାଇଁ ୨୦୨୪ ବେଶ୍ ଖାସ୍ ହେବାକୁ ଯାଉଛି। ସେ ଏବର୍ଷ ବିବାହ ବନ୍ଧନରେ ବାନ୍ଧିହେବେ। ରକୁଲ୍ ତାଙ୍କର ଦୀର୍ଘ ଦିନର ପ୍ରେମିକ ପ୍ରଯୋଜକ ଜ୍ୟାକି ଭଗନାନିଙ୍କୁ ଫେବୃଆରୀ ୨୨ରେ ବାହାହେବେ ବୋଲି ଏବେ ଚର୍ଚ୍ଚା ହେଉଛି। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ବଲିଉଡର ଏହି ଲଭ୍‌ବାର୍ଡ ଗୋଆରେ ସାତଫେରା ନେବେ। ତେବେ ରକୁଲ୍ ଓ ଜ୍ୟାକିଙ୍କ ଏହି ବାହାଘର କେବଳ ବ୍ୟକ୍ତିଗତସ୍ତରରେ ସୀମିତ ରହିବ। ବାହାଘରରେ ଉଭୟଙ୍କ ପରିବାର ଲୋକେ ଯୋଗ ଦେବେ। ତେବେ ରକି ଏବେ ତାଙ୍କ ବ୍ୟାଚଲର ପାର୍ଟି ପାଇଁ ବ୍ୟାଙ୍କକ୍ ଯାଇଛନ୍ତି। ସେହିଭଳି ରକୁଲ୍ ମଧ୍ୟ ଫିଲ୍ମରୁ ବ୍ରେକ୍ ନେଇ ଥାଇଲ୍ୟାଣ୍ଡରେ ଛୁଟି କାଟୁଛନ୍ତି। ରକୁଲ୍‌ଙ୍କ କାମ କଥା କହିବାକୁ ଗଲେ ବହୁତ ଜଲ୍‌ଦି ସେ କମଲ ହାସନ୍‌ଙ୍କ 'ଇଣ୍ଡିଆନ୍-୨'ରେ ଦେଖାଯିବେ। ଏହାର ପ୍ରଥମ ପାର୍ଟ ୧୯୯୬ରେ ରିଲିଜ୍ ହୋଇଥିଲା। ସେହିଭଳି ଜ୍ୟାକିଙ୍କ ପ୍ରଯୋଜିତ 'ବଡ଼େ ମିଆଁ ଛୋଟେ ମିଆଁ' ରିଲିଜ୍ ଅପେକ୍ଷାରେ। ଏହି ଫିଲ୍ମ ୨୦୨୪ ଇଦ୍ ଅବସରରେ ରିଲିଜ୍ ହେବ। ଅକ୍ଷୟ କୁମାର, ସୋନାକ୍ଷୀ, ସିହ୍ନା, ପୃଥ୍ୱୀରାଜ୍ ସୁକୁମାରନ୍ ଏଥିରେ ଲିଡ୍ ରୋଲରେ ଦେଖାଯିବେ।



# ସିଦ୍ଧାର୍ଥଙ୍କ ପରେ ଏହି କଣ୍ଠଶିଳ୍ପୀଙ୍କ ପ୍ରେମରେ ଶେହନାଜ



ବିଗ୍ ବସ୍ ୧୩ରେ ନିଜ ଚୁଲବୁଲି ଅନ୍ଦାଜ ଓ ଖୋଲା ମନ ପାଇଁ ଶେହନାଜ ଗିଲ୍ ଦର୍ଶକଙ୍କ ପ୍ରିୟ ହୋଇପାରିଥିଲେ। ବିଗ୍ ବସ ଘରେ ରହିବା ପରେ ସୋ'ର ଉପସ୍ଥାପକ ସଲମାନଙ୍କର ମଧ୍ୟ ପ୍ରିୟ ହୋଇପାରିଥିଲେ ଶେହନାଜ। ସୋ' ଶେଷ ହେବା ପରେ ବି ଶେହନାଜଙ୍କ କ୍ରେଜ ଦର୍ଶକଙ୍କ ମଧ୍ୟରେ ରହିଛି। ସେ ଅନେକ ବଲିଉଡ ଫିଲ୍ମରେ ମଧ୍ୟ ନଜର ଆସିସାରିଛନ୍ତି। ତେବେ ବିଗ୍ ବସ୍ ୧୩ରେ ଶେହନାଜ ଅଭିନେତା ସିଦ୍ଧାର୍ଥ ଶୁକ୍ଲାଙ୍କ ନିକଟତର ହୋଇଥିଲେ ବି ଖୁବ କମ ସମୟ ପାଇଁ ଦୁହେଁ ସାଥିରେ ରହି ପାରିଥିଲେ। ଦୁହେଁ ଭଲ ବନ୍ଧୁଥିବା ବେଳେ ପରେ ଦୁହେଁ ବିବାହ କରିଥାନ୍ତେ ବୋଲି ଚର୍ଚ୍ଚା ବି ହୋଇଥିଲା। ହେଲେ ଏମଧ୍ୟରେ ସିଦ୍ଧାର୍ଥ ମୃତ୍ୟୁ ହେବାରୁ ଏକା ପଡ଼ିଯାଇଥିଲେ ଶେହନାଜ। ସିଦ୍ଧାର୍ଥ ଯିବା ପରେ ଏବେ ଶେହନାଜଙ୍କୁ ପୁଣି ଥରେ ଭଲପାଇବା ମିଳିଥିବା ଜଣାପଡ଼ିଛି। ଶେହନାଜଙ୍କ ଇନଷ୍ଟା ପୋଷ୍ଟ ପରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି। ଶେହନାଜ ଲୋକପ୍ରିୟ କଣ୍ଠଶିଳ୍ପୀ ଗୁରୁ ରନ୍ଧାୱାଙ୍କ ସହ ଏକ ଫଟୋ ସେୟାର କରିଛନ୍ତି, ଯାହାର କ୍ୟାପସନ ଦେଖି ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି। ଗୁରୁ ରନ୍ଧାୱାଙ୍କ ସହ ନିଜର ଆଗାମୀ ମ୍ୟୁଜିକ ଭିଡିଓର ପୋଷ୍ଟର ସେୟାର କରିଛନ୍ତି ଶେହନାଜ୍। ମ୍ୟୁଜିକ ଭିଡିଓର ନାମ ରହିଛି 'ସନରାଇଜ୍'। କିଛି ମାସ ତଳେ ଦୁହେଁ ମ୍ୟୁଜିକ ଭିଡିଓ 'ମୁନରାଇଜ'ରେ ନଜର ଆସିଥିଲେ। ସେହି ମ୍ୟୁଜିକ ଭିଡିଓଟି ସୁପରହିଟ୍ ହେବା ପରେ ଏବେ ପୁଣି ଥରେ ଦୁହେଁ ସାଥିରେ ନଜର ଆସିବେ। ପୋଷ୍ଟର ସେୟାର କରି ଶେହନାଜ ଲେଖିଛନ୍ତି, "ଏହା କେବଳ ଏକ ଗୀତ ନୁହେଁ, ଏହା ଏକ ସୁନ୍ଦର ଅନୁଭବ ଯାହାକୁ ଆମେ ଏକତ୍ର ଭଲପାଉ। ଆମକୁ ଭଲ ପାଇବା ଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ।" ତେବେ ଏଥିରେ ତାଙ୍କ ମ୍ୟୁଜିକ୍ ଭିଡିଓରେ ଦୁହିଁଙ୍କ ଯୋଡିକୁ ଦର୍ଶକଙ୍କ ଭଲପାଇବା ମିଳିବା ବିଷୟରେ କହିଛନ୍ତି।

## ନିମନ୍ତ୍ରଣ ପାଇ ବେଶ୍ ଖୁସି ଦୀପିକା: ଏହି କାରଣରୁ ପ୍ରକାଶ କଲେ ନିଜର ଦୁଃଖ

ରାମାନନ୍ଦ ସାଗରଙ୍କ ସିରିଏଲ 'ରାମାୟଣ'ରେ ସୀତା ମାଆଙ୍କ ଭୂମିକାରେ ଅଭିନୟ କରିଥିବା ଦୀପିକା ଚିଖିଲିଆଙ୍କୁ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନିମନ୍ତ୍ରଣ ମିଳିଛି। ପ୍ରଭୁ ଶ୍ରୀରାମଙ୍କ ମନ୍ଦିରକୁ ନିମନ୍ତ୍ରଣ ମିଳିଥିବାରୁ ବେଶ୍ ଖୁସି ଅଛନ୍ତି ଦୀପିକା। ୩୭ ବର୍ଷ ପରେ 'ରାମାୟଣ' ଧାରାବାହିକ ଜରିଆରେ ଦୀପିକା ପ୍ରତ୍ୟେକ ଘରେ ପ୍ରସିଦ୍ଧ ହୋଇଥିଲେ। ଆଜି ବି ଅନେକ ଲୋକ ତାଙ୍କୁ ସୀତା ବୋଲି ଭାବନ୍ତି ଏବଂ ତାଙ୍କୁ ପୂଜା କରନ୍ତି। ଜାନୁଆରି ୨୨ ତାରିଖରେ ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା ସମାରୋହ ପାଇଁ ଦୀପିକା ଚିଖିଲିଆ ବହୁତ ଉତ୍ସାହିତ ଅଛନ୍ତି ଏବଂ ଏହା ତାଙ୍କ ପାଇଁ ଏକ ଭାବପ୍ରବଣ ଦିନ ହେବ ବୋଲି କହିଛନ୍ତି। ଏହି କାର୍ଯ୍ୟ ପାଇଁ ନିମନ୍ତ୍ରଣ ପାଇ ଦୀପିକା ଖୁସି, କିନ୍ତୁ ସେ ଗୋଟିଏ କଥା ପାଇଁ ଦୁଃଖିତ। ଦୀପିକା ଚିଖିଲିଆ 'ଅଜ ତକ୍' ସହିତ ରାମ ମନ୍ଦିରର ସମାରୋହ ଏବଂ ନିମନ୍ତ୍ରଣ ବିଷୟରେ କହିଥିଲେ। ଯେଉଁଥିରେ ସେ ତାଙ୍କୁ ଦୁଃଖ ଦେଇଥିବା କଥା ବିଷୟରେ ବି କହିଥିଲେ। ଦୀପିକା କହିଛନ୍ତି ଯେ ରାମଜୀଙ୍କ ପାଖରେ ସୀତାଜୀଙ୍କ ପ୍ରତିମା ରଖାଯାଉ ନ ଥିବାରୁ ସେ ଦୁଃଖିତ। ଯେବେ କି ସେ ଆଗରୁ ଭାବୁଥିଲେ ଯେ ସୀତା ମଧ୍ୟ ପ୍ରଭୁ ରାମଙ୍କ ସହିତ ରହିବେ। ହେଲେ ବାସ୍ତବ କଥା ହେଉଛି ମୁଖ୍ୟ ମନ୍ଦିରରେ ଶ୍ରୀ ରାମଙ୍କ ଶିଶୁ ରୂପ ସ୍ଥାପନ କରାଯିବ। ସେଥିପାଇଁ ଅଯୋଧ୍ୟାରେ ପ୍ରଭୁ ରାମଙ୍କ ପ୍ରତିମୂର୍ତ୍ତି ସହିତ ସୀତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦୀପିକା ଚିଖାଲିଆ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିବେଦନ କରିଛନ୍ତି।

# ପିଲାଙ୍କୁ ଅପେକ୍ଷା କରି ରହିଛନ୍ତି ରଣବୀର-ଦୀପିକା: ଉଭୟଙ୍କୁ ଛୁଆ ପସନ୍ଦ ବୋଲି କହିଲେ 'ପଦ୍ମାବତ୍' ନାୟିକା



ମାଆ ବନିବାକୁ ଚାହୁଁଛନ୍ତି ଅଭିନେତ୍ରୀ ଦୀପିକା ପାଦୁକୋନ। ୨୦୧୮ ମସିହାରୁ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂହଙ୍କୁ ବିବାହ କରିଛନ୍ତି। ହେଲେ ଏଯାଏ ସେମାନଙ୍କର କୌଣସି ସନ୍ତାନସନ୍ତତି ହୋଇନାହାନ୍ତି। ଦୀପିକା ପାଦୁକୋନ ଓ ରଣବୀର ସିଂହ ହେଉଛନ୍ତ ବଲିଉଡ୍‌ର ପାୱାରଫୁଲ୍ କପଲ୍। ସେମାନଙ୍କ ବିବାହକୁ ପାଂଚ ବର୍ଷ ହେବା ପରେ ବି ଦୀପିକା ମାଆ ବନି ପାରିନଥିବାରୁ ନିରାଶ ହୋଇଛନ୍ତି ସେ ଦୁହିଁଙ୍କ ପ୍ରଶଂସକ। ନିକଟରେ ଏକ ସାକ୍ଷାତ୍‌କାର ଦେଇ ଦୀପିକା ପ୍ରଥମ ଥର ପାଇଁ ଫ୍ୟାମିଲି ପ୍ଲାନିଂ ଓ ପିଲାଛୁଆଙ୍କୁ ନେଇ କଥା ହୋଇଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ରଣବୀର ଓ ସେ ଦୁହେଁ ପିଲାଙ୍କୁ ଖୁବ୍ ଭଲପାଆନ୍ତି ଓ ସେମାନଙ୍କ ନିଜର ଏକ ପିଲା ଚାହାନ୍ତି ମଧ୍ୟ। କେଉଁଦିନ ସେହି ଶୁଭ ଦିନ ଆସିବ ସେମାନେ ଅପେକ୍ଷା କରି ରହିଛନ୍ତି। ଏହା ସହ ଦୀପିକା ଆହୁରି ବି କହିଛନ୍ତି ଯେ ତାଙ୍କ ପରିବାର ଲୋକ କୁହନ୍ତି ସେ ପିଲାବେଳେ ଯେପରି ଥିଲେ ଏବେ ବି ସେପରି ଅଛନ୍ତି। ଆଦୌ ବି ବଦଳି ନାହାନ୍ତି। ସେ ଜଣେ ସେଲିବ୍ରିଟି ହୋଇ ମଧ୍ୟ ତାହାର ପ୍ରଭାବ କେବେ ନିଜ ସଂପର୍କ ଉପରେ ପଡ଼ିବାକୁ ଦେଇନାହାନ୍ତି। ପ୍ରଥମେ ସେ ଜଣେ ଝିଅ ଓ ଭଉଣୀ ବୋଲି ନିଜକୁ ଭାବନ୍ତି। ନିଜର ପିଲା ହେଲେ ରଣବୀର ଓ ସେ ସେମାନଙ୍କ ପିଲାଙ୍କୁ ବି ସେହିପରି ସଂସ୍କାର ଦେବେ ବୋଲି ଦୀପିକା କହିଛନ୍ତି।

# ପରଦା: 'ଡ୍ରଗ୍ସ ଇନ୍ ପ୍ୟାକେଜ୍' ଠକେଇର ଶିକାର୍ ହେଲେ ବଲିଉଡ୍ ଅଭିନେତ୍ରୀ



ବଲିଉଡ୍ ଅଭିନେତ୍ରୀ ଅଞ୍ଜଳି ପାଟିଲଙ୍କୁ ମୁମ୍ବାଇ ପୁଲିସ ଅଫିସର ପରିଚୟ ଦେଇ ସାଇବର ଠକ ୫.୭୯ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଗତ ସପ୍ତାହରେ ଶ୍ରୀମତୀ ପାଟିଲଙ୍କୁ ଫେଡେକ୍ସ କୋରିଅର କମ୍ପାନୀର କର୍ମଚାରୀ ଦୀପକ ଶର୍ମା ବୋଲି ଦାବି କରୁଥିବା ଜଣେ ବ୍ୟକ୍ତିଙ୍କଠାରୁ ଫୋନ୍ ଆସିଥିଲା। ଶର୍ମା ଅଭିନେତ୍ରୀଙ୍କୁ ଜଣାଇଥିଲେ ଯେ ତାଇୱାନ ଅଭିମୁଖେ ଯାଉଥିବା ତାଙ୍କ ନାମରେ ପଞ୍ଜୀକୃତ ଏକ ପାର୍ସଲକୁ ସୀମା ଶୁଳ୍କ କର୍ତ୍ତୃପକ୍ଷ ଅଟକାଇଥିଲେ ଏବଂ ସେଥିରେ ଡ୍ରଗ୍ସ ଠାବ କରିଥିଲେ। କଲ୍ କରିଥିବା ବ୍ୟକ୍ତି ଏହା ମଧ୍ୟ ଦାବି କରିଥିଲେ ଯେ ପାର୍ସଲରୁ ଶ୍ରୀମତୀ ପାଟିଲଙ୍କ ଆଧାର କାର୍ଡ ମିଳିଥିଲା ଏବଂ ତାଙ୍କ ବ୍ୟକ୍ତିଗତ ସୂଚନାର ସମ୍ଭାବ୍ୟ ଅପବ୍ୟବହାରକୁ ରୋକିବା ପାଇଁ ମୁମ୍ବାଇ ସାଇବର ପୁଲିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଏହାପରେ ଅଞ୍ଜଳିଙ୍କୁ ମୁମ୍ବାଇ ସାଇବର ପୁଲିସ ପକ୍ଷରୁ ନିଜକୁ ଶ୍ରୀ ବାନାର୍ଜୀ ବୋଲି ପରିଚୟ ଦେଉଥିବା ଜଣେ ବ୍ୟକ୍ତି ସ୍କାଇପ୍ କଲ୍ କରିଥିଲେ। ବାନାର୍ଜୀ କହିଥିଲେ ଯେ ପାଟିଲଙ୍କ ଆଧାର କାର୍ଡ ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ତିନୋଟି ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ହୋଇଛି। ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ବାନାର୍ଜୀ ୯୬,୫୨୫ ଟଙ୍କା ପ୍ରସେସିଂ ଫି ମାଗିଥିଲେ। ଠକ ଅଧିକାରୀ ମନି ଲଣ୍ଡରିଂ ମାମଲାରେ ବ୍ୟାଙ୍କ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ପରିସ୍ଥିତିକୁ ଆହୁରି ଜଟିଳ କରିଥିଲେ। ମାମଲାକୁ ବନ୍ଦ କରିବା ଏବଂ ସମ୍ଭାବ୍ୟ ଆଇନଗତ ପରିଣାମକୁ ଏଡ଼ାଇବା ପାଇଁ ଶ୍ରୀମତୀ ପାଟିଲଙ୍କୁ ଅତିରିକ୍ତ ୪,୮୩,୨୯୧ ଟଙ୍କା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ବାଧ କରାଯାଇଥିଲା। ଏହାର କିଛି ଦିନ ପରେ ଠକେଇର ଶିକାର ହୋଇଛନ୍ତି ବୋଲି ସନ୍ଦେହ କରି ଶ୍ରୀମତୀ ପାଟିଲ ତାଙ୍କ ଘର ମାଲିକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ଡିଏନ୍ ନଗର ପୁଲିସକୁ ଜଣାଇଥିଲେ, ଯିଏ ତୁରନ୍ତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଶ୍ରୀମତୀ ପାଟିଲ ଫାଇଣ୍ଡିଂ ଫାନି (୨୦୧୪), ନ୍ୟୁଟନ୍ (୨୦୧୭) ଏବଂ କୌନ ପ୍ରବୀଣ ତାମ୍ବେ (୨୦୨୨) ଭଳି ଚଳଚ୍ଚିତ୍ରରେ ଅଭିନୟ କରି ବେଶ୍ ଜଣାଶୁଣା।

# କେବିସିର ଏମିତି ଏକ ଅଧ୍ୟାୟ ଯେଉଁଥିରେ ପ୍ରତିଯୋଗୀଙ୍କ ପାଦସ୍ପର୍ଶ କରିଥିଲେ ଅମିତାଭ

'କୌନ ବନେଗା କରୋଡପତି ସିଜନ- ୧୫' ଶେଷ ହୋଇଯାଇଛି। ଶେଷ ଅଧ୍ୟାୟରେ ଫ୍ୟାନ୍ସଙ୍କ ଠାରୁ ବିଦାୟ ନେବାବେଳେ ଅମିତାଭ ବଚ୍ଚନ ଭାବବିହ୍ୱଳ ହୋଇଯାଇଥିଲେ। ସୁପରଷ୍ଟାରଙ୍କୁ ଟେଲିଭିଜନ ପରଦାରେ ବାସ୍ତବରେ କାନ୍ଦୁଥିବା ଦେଖି ଅମିତାଭଙ୍କ ଫ୍ୟାନ୍ସମାନେ ଦୁଃଖୀ ହୋଇଯାଇଥିଲେ। 'କୌନ ବନେଗା କରୋଡପତି' ସୋ'ର ବ୍ୟବହାରକାରୀମାନଙ୍କ ପାଇଁ ଏହା ଏକ କୁଇଜ ସୋ' ନୁହେଁ ବରଂ ଇମୋସନର ସୋ'। କେବିସର ବିଭିନ୍ନ ସିଜନରେ ବିଭିନ୍ନ ପ୍ରକାର ଘଟଣା ଘଟିଥାଏ। ସିଜନ-୧୧ରେ କେବିସିରେ ଇନଫୋସିସର ପ୍ରତିଷ୍ଠାତା ଚେୟାରପର୍ସନ ସୁଧା ମୂର୍ତ୍ତି ପହଞ୍ଚିଥିଲେ। ଅମିତାଭ ସୁଧାଙ୍କୁ ସମ୍ମାନ ଜଣାଇବା ପାଇଁ ତାଙ୍କ ପାଦସ୍ପର୍ଶ କରି ସ୍ୱାଗତ କରିଥିଲେ। ବିଗବିଙ୍କ ଏହି ସ୍ୱଭାବ ଦେଖି ତାଙ୍କ ଫ୍ୟାନ୍ସମାନେ ଖୁବ ପ୍ରଶଂସା କରିଥିଲେ। ଏଥିସହିତ କେବିସି ସିଜନ-୧୪ରେ ଅଭିଷେକ ବଚ୍ଚନ ବାପା ଅମିତାଭ ବଚ୍ଚନଙ୍କୁ ସରପ୍ରାଇଜ ଦେଇଥିଲେ। କେବିସି ସେଟରେ ଅଭିଷେକ ବିଗ ବିଙ୍କ ଜନ୍ମଦିନକୁ ଆଡମ୍ବରରେ ପାଳନ କରିଥିଲେ। ଏହି ଅବସରରେ ଅଭିଷେକ ଉପସ୍ଥାପକ ଭାବେ ଚୌକିରେ ବସିଥିବା ବେଳେ ଅମିତାଭଙ୍କୁ ଗେଷ୍ଟ ଭାବେ ହଟସିଟରେ ବସାଇଥିଲେ। କେବିସି ସିଜନ-୧୫ର ଶେଷ ଅଧ୍ୟାୟରେ ଅମିତାଭ କହିଥିଲେ, 'ବନ୍ଧୁଗଣ। ଆମେ ବର୍ତ୍ତମାନ ଯାଉଛି। ଆଉ ଏହି ପର୍ଯ୍ୟାୟ ଦେଖିବାକୁ ମିଳିବ ନାହିଁ। ଆଉ ଆମେ ଏଠାକୁ ଆସିବୁ ନାହିଁ। ଏହି ମଞ୍ଚରେ ମୁଁ ଶେଷଥର ସମସ୍ତଙ୍କୁ କହିବାକୁ ଯାଉଛି ଶୁଭରାତ୍ରୀ।'



# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଡାକରା: କୁଳପତିଙ୍କ ମନମୁଖି କାର୍ଯ୍ୟ ବିରୋଧରେ କର୍ମଚାରୀଙ୍କ ଆନ୍ଦୋଳନ




ସମ୍ବଲପୁର, ୦୪/୧ (ନି.ପ୍ର): ଛଟେଇ ପ୍ରତିବାଦରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଡାକରା ଦେଇଥିଲେ । ମନଇଛା କାର୍ଯ୍ୟରୁ ଛଟେଇ କରିବା, ଛୁଟିଦିନ ଅଫିସ ନଆସିଲେ ଦରମା କାଟିବା, କର୍ମଚାରୀଙ୍କୁ ଗାଳିଗୁଲଜ, କର୍ମଚାରୀଙ୍କ ମଧ୍ୟରେ ପକ୍ଷପାତିତା, ଦରମା ସବୁ ମାସରେ ବିଳମ୍ବରେ ଦେବା ଆଦିର ପ୍ରତିବାଦରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଯେଉଁମାନଙ୍କୁ ବାହାର କରାଯାଇଛି, ସମସ୍ତଙ୍କୁ ପୁନଃ ନିଯୁକ୍ତି ଦିଆଯିବା ପାଇଁ ଦାବି କରାଯାଇଛି। ବିଗତ ୩ ବର୍ଷ ମଧ୍ୟରେ ପ୍ରାୟ ବହୁ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଏ ପର୍ଯ୍ୟନ୍ତ ମଧ୍ୟ ପ୍ରତି ମାସରେ କର୍ମଚାରୀଙ୍କୁ ବହିଷ୍କାର ଚିଠି ରୀତିମତ ଦିଆଯିବା ସହ ଅପଦସ୍ତ କରାଯାଉଛି। ଲିଖିତ ଆକାରରେ ଭୁଲ୍ ମାଗିବା ପାଇଁ ବାଧ୍ୟ କରାଯାଉଛି। ଏପରି ମାନସିକ ଚାପରେ କର୍ମଚାରୀମାନେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ବିନା କାରଣରେ କର୍ମଚାରୀମାନଙ୍କୁ ବାରମ୍ବାର ଚାକିରିରୁ ବାହାର କରିଦେବାର ଧମକ୍ ଦିଆଯାଉଛି। କୁଳପତି ନିଜ ବିଶେଷ ବ୍ୟକ୍ତିଙ୍କର ପରିବାର ଲୋକଙ୍କୁ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଛି। ନିଜର ବିଦ୍ୟାର୍ଥୀଙ୍କୁ ବିଶ୍ୱବିଦ୍ୟାଳୟରେ ଚାକିରି ଦେବା ସହ ଆହେତୁକ ଅନୁକମ୍ପା ଦେଖାଇ ତାଙ୍କର ଦରମା ବୃଦ୍ଧି କରାଯାଉଛି, ଯାହାକି ଅନ୍ୟ କର୍ମଚାରୀମାନଙ୍କ ସହ ପକ୍ଷପାତିତା ହେଉଥିବା ଆନ୍ଦୋଳନରତ କର୍ମଚାରୀମାନେ କହିଛନ୍ତି। ପରୀକ୍ଷା ତାରିଖ ଧାର୍ଯ୍ୟ କରାନଯାଇ ଫର୍ମପୂରଣର ସୂଚନା ପ୍ରକାଶ କରାଯାଉଛି, ଯାହା ଦ୍ୱାରା ଦୂରଦୂରାନ୍ତର ବିଦ୍ୟାର୍ଥୀ ଏବଂ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଛାତ୍ରଛାତ୍ରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ୧ ଜାନୁଆରି ଦିନ ସ୍ଥାୟୀ କ୍ୟାମ୍ପସରେ ରଖାଯାଇଥିବା ସମ୍ମିଳନୀରେ ସମସ୍ତ କର୍ମଚାରୀଙ୍କୁ ଖୋଲା ଭାବରେ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁଏଥି ସହିତ କର୍ମଚାରୀମାନଙ୍କୁ ରାତାରାତି ପୁଲିସ ମାଧ୍ୟମରେ ଉଠେଇ ନେବାକୁ ଧମକ ଦିଆଯାଉଛି, ଯାହାଦ୍ୱାରା କର୍ମଚାରୀଙ୍କ ପରିବାର ଭୟରେ ଦିନ କାଟୁଛନ୍ତି । ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

# ହଇଜା ମୃତକ ପରିବାରଙ୍କୁ ୨୦ଲକ୍ଷ କ୍ଷତିପୂରଣ ଦାବିରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ

ରାଉରକେଲା, ୦୪/୧ (ନି.ପ୍ର): ରାଉରକେଲା ସହରରେ ବ୍ୟାପିଥିବା ହଇଜାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରଙ୍କୁ ୨୦ ଲକ୍ଷ ଓ ଆକ୍ରାନ୍ତଙ୍କ ପରିବାରଙ୍କୁ ୫ଲକ୍ଷ ଲେଖାଏ କ୍ଷତିପୂରଣ ଦାବିକରି ଆଜି ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ଆରଏମସି ସମ୍ମୁଖରେ ଅଭିନବ ଉପାୟରେ ବିକ୍ଷୋଭ ସହ ଧାରଣା ଦିଆଯାଇଛି । ସକାଳୁ ସକାଳୁ ଆରଏମସି ସମ୍ମୁଖରେ ଅନେକ ଲୋକ ତଳେ ଓ ଖଟରେ ଶୋଇଛନ୍ତି ସେମାନଙ୍କୁ ସାଲାଇନ ଲାଗିଛି, ତା ପାଖରେ କଂଗ୍ରେସ ଦଳର ବିକ୍ଷୋଭ। ପାଖକୁ ଜିବାରୁ ଜଣାପଡିଥିଲା ଏହା ଏକ ଅଭିନବ ଉପାୟରେ ବିକ୍ଷୋଭ ।କଂଗ୍ରେସ ଦଳ କହିବା କଥା ସ୍ମାର୍ଟ ସିଟି ହେଲା ଅନେକ ଅନେକ ଖର୍ଚ୍ଚ ହେଲା, ଓାଟକୋ ହେଲା ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନାରେ ୮୬ କୋଟି ଖର୍ଚ୍ଚ ହେଲା ତା ପରେ ଯଦି ଏଭଳି ଯାଗାରେ ଲୋକେ ହଇଜାରେ ମୃତ୍ୟୁବରଣ କରିବେ ତେବେ ଏଠି କିଭଳି କାମ କରାଯାଇଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଖାଲି ସେତିକି ନୁହେଁ ହଇଜା ହେବା ପରେ ଚେତା ପଶିଲା ଫାଟିଥିବା ଫାଇପ ଗୁଡିକର ମରାମତି ଆରମ୍ଭ ହେଲା, ଆଗରୁ ଏ ବିଭାଗ କୁଆଡେ ଯାଇଥିଲା ବୋଲି ଦଳୀୟ ନେତା ମାନେ ପ୍ରଶ୍ନ କରିଛନ୍ତି ।ବର୍ତମାନ କେନ୍ଦ୍ରୀୟ ଦଳ ଯାଂଚ କରୁଛି ୪ଦିନ ପରେ ସେ ତାଙ୍କ ରିପୋର୍ଟ ପ୍ରଦାନ କରିବେ, ଏବେ ବି ଲୋକେ ହଇଜାରେ ଆକ୍ରାନ୍ତ ହୋଇ ଡାକ୍ତରଖାନା ଯାଉଛନ୍ତି, ସହରରେ ଆହୁରି ୫୦ରୁ ଅଧିକ ଯାଗାରେ ପାଇପ ଫାଟି ନାଳିରେ ପଡିଛି । ତେଣୁ ଏଭଳି ଅଭାବନୀୟ ସ୍ଥିତିରେ ଲୋକେ ଘରୋଇ ଓ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଯେଉଁ କ୍ଷତି ସହିଛନ୍ତି ସେ କ୍ଷତିତ ପୁରଣ ହୋଇପାରିବନି ଅନ୍ତ ତ ମୃତକ ପରିବାରଙ୍କୁ ରାଜ୍ୟ ସରକାର ୨୦ ଲକ୍ଷ ଓ ଆକ୍ରାନ୍ତଙ୍କ ପରିବାରଙ୍କୁ ୫ଲକ୍ଷ ଦେବା ଲାଗି ଦାବି କରାଯାଇଛି । ଏହି ବିକ୍ଷୋଭରେ ଜିଲ୍ଲା କଂଗ୍ରେସ ସଭାପତି ରଶ୍ମି ରଂଜନ ପାଢୀ,ସର୍ବଭାରତୀୟ କଂଗ୍ରେସର ସଭ୍ୟ ବୀରେନ ସେନାପତି,ବରିଷ୍ଠ ନେତା ବାଦଲ ଶ୍ରୀଚନ୍ଦନ,ସାବିର ହୁସେନଙ୍କ ସମେତ ଶତାଧିକ ମହିଳା , ଯୁବ , ଛାତ୍ର ନେତା କର୍ମୀ ମାନେ ଏଥିରେ ସାମିଲ ହୋଇଥିଲେ ।

## ସର୍ବ ଭାରତୀୟ କର୍ମଶାଳାରେ ଯୋଗଦେବେ ଭାଗବତପୁର ସରପଂଚ ପ୍ରିୟଙ୍କା ପ୍ରିୟଦର୍ଶିନୀ

କେନ୍ଦ୍ରାପଡ଼ା, ୦୪/୧ (ନି.ପ୍ର): ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ଡେଭଲପମେଂଟ ଓ ପଂଚାୟତିରାଜ(ଏସ୍ଆଇଆର୍‌ଡି ଆଣ୍ଡ ପିଆର୍) ପକ୍ଷରୁ ନୂଆଦିଲ୍ଲୀ ନୂଆ ସଂସଦ ଭବନରେ ଅନୁଷ୍ଠିତ ହେବାକୁ ଥିବା ସର୍ବ ଭାରତୀୟ କର୍ମଶାଳାରେ ଜିଲ୍ଲାର କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ସରପଂଚ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ ଯୋଗଦେବେ। ଏହି କର୍ମଶାଳାରେ ରାଜ୍ୟରୁ ୧୦ ଜଣ ମନୋନିତ ହୋଇଥିବା ବେଳେ ଭାଗବତପୁର ସରପଂଚ ଶ୍ରୀମତୀ ନାୟକ ମନୋନିତ ହୋଇଛନ୍ତି। ମହିଳା ନେତୃତ୍ୱ ଓ ଦକ୍ଷତା, ଅଭିଜ୍ଞତା ଓ ନୀତି ଆଦି ଉପରେ ଏହି କର୍ମଶାଳାରେ ଆଲୋଚନା ହେବ। ନୂଆଦିଲ୍ଲୀ ସ୍ଥିତ ନୂଆ ସଂସଦ ଭବନରେ ଆୟୋଜିତ ଏହି କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## କଟନି ଛଟନି ବନ୍ଦ କରିବାକୁ ବିଜେପିର ଦାବି

ଜୟପୁର, ୦୪/୧ (ନି.ପ୍ର): କଟନି ଛଟନି ବନ୍ଦ କରିବାକୁ ବିଜେପି ତରଫରୁ ଆଜି ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ଦାବି କରାଯାଇଛି। ମଣ୍ଡିରେ କଟନି ଛଟନି ବନ୍ଦ କରିବା ମଣ୍ଡି ସମସ୍ୟା ସମାଧାନ କରି ସୁରୁଖୁରୁରେ ଚଲାଇବା ଦାବି କରାଯାଇଥିଲା। ଏନେଇ ଜିଲା ଯୋଗାଣ ଅଧିକାରୀ ନିଜେ ମଣ୍ଡିକୁ ଯାଇ ସମୀକ୍ଷା କରିବେ ଏବଂ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେପି ନେତା ଗୌତମ ସାମନ୍ତରାୟ ଓ ନଗର ସଭାପତି ରାଧେଶ୍ୟାମ ପରିଡାଙ୍କ ନେତୃତ୍ୱ ଜିଲା ଯୋଗାଣ ଅଧିକାରି ଙ୍କୁ ସାକ୍ଷାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦୀନବନ୍ଧୁ ପ୍ରଧାନ, ନଳିନି ଦାସ, ରାମୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଶୀ ମଦ ଚାଲାଣ ବେଳେ ଚଢାଉ, ୨ ଗିରଫ

ଜୟପୁର, ୦୪/୧ (ନି.ପ୍ର): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଆଜି ଚଢାଉ କରି ୨ ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଦାମାପୁଟର ପୁରୁଷତ୍ତମ ଗୌଡ ଓ ସାନ ଓଜେଇ ଗ୍ରାମର ଗୋବିନ୍ଦ ହରିଜନ। ଅବକାରୀ ବିଭାଗ ଦୀମାପୁଟ ଓ ସାନ ଓଜେଇ ଗ୍ରାମ ରାସ୍ତାରେ ଚଢାଉ କରି ୧୬ ଲିଟର ଦେଶୀ ମଦ ଜବତ କରି ଦୁଇ ଅଭିଯୁକ୍ତ କୁ ଗିରଫ କରିଛି। ଦୁଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୂଚନା ଦେଇଛନ୍ତି ।

# ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ପାରିବାରିକ ବନ୍ଧୁମିଳନ

ବଲାଙ୍ଗୀର, ୦୪/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଏକ ପାରିବାରିକ ବନ୍ଧୁମିଳନ ଖୁଜେନପାଲି ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନୂତନ ବର୍ଷ ଉପଲକ୍ଷେ ପରିବାର ମିଳନ ଉତ୍ସବ ପାଳନ କରାଯାଇଥିଲା। ଏହି ବନ୍ଧୁମିଳନରେ ମୁଖ୍ୟ ଅତିଥି ଭାବରେ ସ୍ୱାମୀ ତେଜମୟାନନ୍ଦ ସରସ୍ୱତୀ ଯୋଗଦାନ କରିଥିଲେ। ଏହି ବୈଠକରେ ସଂଘର ସଭାପତି ଗୁରୁଶ୍ରୀ ଘାସିରାମ ମିଶ୍ର, ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ସଂପାଦକ ବସନ୍ତ ଆଚାର୍ଯ୍ୟ, ଉପ-ସଭାପତି ଶିବ ଶଙ୍କର ଖୁଆସ, ଧର୍ମପଦ ରଥ ସହଯୋଗୀ ସଭ୍ୟ ପ୍ରତାପ ଚନ୍ଦ୍ର ରଥ ମଂଚାସିନ ଥିଲେ। ସଂଘର ସଭାପତି ଡ. ମିଶ୍ର ସଭାପତିତ୍ୱ କରିଥିବା ବେଳେ ସ୍ୱାମୀ ତେଜୟାନନ୍ଦ ସରସ୍ୱତୀ ସମସ୍ତ ବରିଷ୍ଠ ନାଗରିକ ସଦସ୍ୟ ଓ ସଦସ୍ୟାମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଦେବା ସଙ୍ଗେ ସଙ୍ଗେ ଅନେକ ମହତବାଣୀ, ଧର୍ମ, ଦାନ, ସୁସ୍ଥ ରହିବା ପାଇଁ ଅନେକ ପରାମର୍ଶ ଦେଇଥିଲେ। ଜୀବନରେ ଯୋଗର ଉପକାରିତା ଓ ସଂଜମତା ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ସମାଜ ଉନ୍ନତିମୂଳକ କାର୍ଯ୍ୟରେ ଆଗେଇ ଆସିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱାମିଜୀ ତାଙ୍କ ବକ୍ତବ୍ୟରେ ବରିଷ୍ଠ ସଭ୍ୟ ଓ ସଭ୍ୟାଙ୍କୁ ତାଙ୍କ ପରିବାର ର ପିଲା ଛୁଆଙ୍କୁ ସଂସ୍କାର, ଭକ୍ତି ମାର୍ଗରେ ନିଜକୁ ସମର୍ପିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସଭାପତି ଡ. ମିଶ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ସ୍ୱାମୀଙ୍କ ଉପଦେଶ ନିଶ୍ଚିତ ଭାବରେ ସଂଘର ସମସ୍ତ ସଦସ୍ୟମାନେ ଅନୁପାଳନ କରି ଆଦର୍ଶ ଜୀବନ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ମାତୃଛାୟା ଅନୁଷ୍ଠାନ ତରଫରୁ ରଶ୍ମି ପାତ୍ର ଓ ପୁଷ୍ପାଞ୍ଜଳୀ ମେହେର ସ୍ୱାଗତ ସଂଗଠିତ ପରିବେଷଣ କରିଥିଲେ। ସୁଶ୍ରୀ ଶ୍ରୀନିକା ଆଚାର୍ଯ୍ୟ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ସଂଘର ସଂପାଦକ ଶ୍ରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ଉପଦେଷ୍ଟା ମନ୍ଦିର ପରିସରରେ ପ୍ରସାଦ ସେବନର ବ୍ୟବସ୍ଥାରେ ସହଯୋଗ କରିଥିଲେ। ଶେଷରେ ସହଯୋଗୀ ଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିବା ସଙ୍ଗେ ସଙ୍ଗେ ସଭା ସାଂଗର ଅନୁମତି ନେଇଥିଲେ। ମନ୍ଦିର ପ୍ରାଙ୍ଗଣ ସମସ୍ତ ସଦସ୍ୟ ଓ ସଦସ୍ୟା ବନ୍ଧୁ ମିଳନରେ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିଥିଲେ।

# କେନ୍ଦ୍ରାପଡ଼ା ପୌରସଂସ୍ଥାର ୪ ଗୋଟି ପ୍ରକଳ୍ପ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୦୪/୧ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଦ୍ୱାରା ପୌରାଂଚଳର ବିଭିନ୍ନ ସ୍ଥାନରେ ୪ ଗୋଟି ପ୍ରକଳ୍ପ ବୁଧବାର ଉଦ୍‌ଘାଟନ ହୋଯାଇଛି । କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପଗୁଡିକୁ ଉଦ୍‌ଘାଟନ କରିଥିବାବେଳେ ପୌର ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ, ଉପାଧ୍ୟକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଏମଇ ଦିଲିପ କୁମାର ସେଠୀ, ଜେଇ ସୁଧାଂଶୁ ବେହେରା, ଆସିଷ୍ଟାଣ୍ଟ ଇଂ ବିଜୟ କେତନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଓଡିଶୋ ମୌଜା ଗୋପ ଠାରେ ୨ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟରେ ମଳ ଉପଚାର କେନ୍ଦ୍ର ନିର୍ମାଣ ହୋଇଛି । ଏଥି ସହିତ ଏକ ରାସ୍ତା ମଧ୍ୟ ଏହି କେନ୍ଦ୍ରରୁ ବାହାରି ପୌରାଂଚଳର ୭ ନଂ ୱାର୍ଡ ଶ୍ରୀ ଅରବିନ୍ଦ ସ୍କୁଲ ଦେଇ ସହରର ମୁଖ୍ୟ ରାସ୍ତାକୁ ସଂଯୋଗ କରିବ। ୨୦ ଲକ୍ଷ ଟଙ୍କା ବ୍ୟୟରେ ହଜାରି ବଗିଚା ଠାରେ ଦ୍ରବ୍ୟ ପୃଥିକରଣ କେନ୍ଦ୍ର, ୩୫ ଲକ୍ଷ ଟଙ୍କା ବ୍ୟୟରେ ଚାଟରାପାଟଣା ଠାରେ ଗୋବିନ୍ଦଜୀଉ ପାର୍କ ଏବଂ ୨୦ ଲକ୍ଷ ଟଙ୍କା ବ୍ୟୟରେ ଆଉ ଏକ ଦ୍ରବ୍ୟ ପୃଥିକରଣ କେନ୍ଦ୍ର କଜଳା ଠାରେ ନିର୍ମାଣ କରାଯିବ। ଏହି ପ୍ରକଳ୍ପଗୁଡିକ ନିର୍ମାଣ ହେଲେ ସହରବାସୀ ବହୁ ଉପକୃତ ହେବେବୋଲି ଜଣାପଡିଛି ।

# ମଣ୍ଡିରେ ଜମୁଛି ବେନାମୀ ଚାଷୀଙ୍କ ଭିଡ଼: ରାୟଗଡ଼ା ଜିଲ୍ଲାର ୧୪ଟି ମଣ୍ଡିରେ ୫୮,୩୪୦ କୁଇଣ୍ଟାଲ ଧାନ କ୍ରୟ



ରାୟଗଡ଼ା, ୦୪/୧ (ନି.ପ୍ର): ରାୟଗଡ଼ା ଜିଲ୍ଲାର ୧୪ଟି ମଣ୍ଡି ଖୋଲାଯାଇଥିବା ବେଳେ ମଣ୍ଡିରେ ଚାଷୀଙ୍କ ଭିଡ଼ ମଧ୍ୟ ପରିଲକ୍ଷିତ ହେଉଛି। ବିଷମକଟକ ଲ୍ୟାମ୍ପସରେ ସର୍ବାଧିକ ଚାଷୀ ଧାନ ବିକ୍ରି କରିଥିବା ବେଳେ ଚନ୍ଦ୍ରପୁର ଲ୍ୟାମ୍ପସରେ ଜଣେ ବି ଚାଷୀ ଧାନ ବିକ୍ରି କରିନାହାନ୍ତି। ଟୋକନ ପାଇଥିବା ଚାଷୀମାନେ ନିଜର ଧାନକୁ କିପରି ଶୀଘ୍ର ମଣ୍ଡିରେ ବିକ୍ରି କରିବେ ସେନେଇ ତତ୍ପରତା ଦେଖାଉଥିବା ଦେଖିବାକୁ ମିଳିଛି। ଦଲାଲମାନେ କିନ୍ତୁ ମଣ୍ଡିରେ ସକ୍ରିୟ ହୋଇ ଉଠିଥିବା ଜଣାପଡିଛି। ଦଲାଲମାନେ ଖରିଦ କରିଥିବା ଧାନଗୁଡ଼ିକ କିପରି ମଣ୍ଡିରେ ବିକ୍ରି କରିବେ ସେନେଇ ଚାଷୀଙ୍କ ସହ ସଲାସୁତରା ହେଉଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି। ଏନେଇ ଯୋଗାଣ ବିଭାଗ ଅଜଣା ନା ଜାଣିଶୁଣି ଚୁପ ରହୁଛି ତାହା ତଦନ୍ତ ସାପେକ୍ଷ। ଜିଲ୍ଲାର ୨୦ ହଜାର ଚାଷୀ ରହିଛନ୍ତି।ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବେନାମୀ ବାହାରିଥିଲେ। ସାଟେଲାଇଟର ତଦନ୍ତ ପରେ ମଧ୍ୟ କିଛି ବେନାମୀ ଚାଷୀ ରହିଯାଇଥିବା କୁହାଯାଉଛି, ଯାହାଫଳରେ ଏମାନେ ନିଜର ଦୁଇ ନମ୍ବର ଧାନକୁ ମଣ୍ଡିରେ ବିକ୍ରି କରି ଲକ୍ଷାଧିକ ଟଙ୍କା କମାଇବାର ଯୋଜନା କରିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଯଦି କଡ଼ାକଡ଼ି ଯାଞ୍ଚ କରାଯିବ ତେବେ ସବୁ ବେନାମୀ ଚାଷୀ ଧରାପଡିବେ। ମଣ୍ଡି ଆରମ୍ଭ ହେବାର ୧୪ ଦିନ ମଧ୍ୟରେ ରାୟଗଡା ଓ ଗୁଣୁପୁର ସର୍କଲରେ ୧୧୪୧ ଜଣ ଚାଷୀଙ୍କ ଠାରୁ ମୋଟ ୫୮,୩୪୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଜଣାପଡ଼ିଛି। ରାୟଗଡ଼ା ସର୍କଲର ୬ଟି ଲ୍ୟାମ୍ପସ ମଧ୍ୟରୁ ରାୟଗଡା ଲ୍ୟାମ୍ପସ ତରଫରୁ ଜେମାଦେଇ ପିପିସିରେ ୪୯ ଜଣ କୃଷକ ୨୯୦୩ କୁଇଣ୍ଟାଲ ଧାନ ବିକ୍ରି କରିଥିବା ବେଳେ ଆରଏମସି ଠାରେ ୬୯ ଜଣ ଚାଷୀ ୩୬୨୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଏମପିସିଏସ ରାୟଗଡାର ତରଫରୁ ତିନୋଟି ସ୍ଥାନରେ ଧାନ କ୍ରୟ କରାଯାଇଥିଲା। ସେଥିମଧ୍ୟରୁ ଜେମାଦେଇ ପିପିସିରେ ୪ ଜଣ ଚାଷୀଙ୍କ ଠାରୁ ୨୭୨ କୁଇଣ୍ଟାଲ, ପିପିଲଗୁଡ଼ା ପିପିସିରେ ୨୧ ଜଣ ଚାଷୀଙ୍କ ଠାରୁ ୧୦୨୭ କୁଇଣ୍ଟାଲ ଏବଂ ରାୟଗଡ଼ା ପିପିସିରେ ୨୪ ଜଣ ଚାଷୀ ୧୫୦୪ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସେହିପରି କଲ୍ୟାଣସିଂହପୁର ଲ୍ୟାମ୍ପସ ତରଫରୁ ତିନୋଟି ସ୍ଥାନ ମଧ୍ୟରୁ କଲ୍ୟାଣସିଂହପୁର ପିପିସିରେ ୨୭ ଜଣ ୨୭୨୫ କୁଇଣ୍ଟାଲ, ମାଝିଗୁଡ଼ା ପିଲିସିରେ ୬୨ ଜଣ ୪୦୩୦ କୁଇଣ୍ଟାଲ ଏବଂ ସିକରପାଇ ପିପିସିରେ ୫୮ ଜଣ ୨୫୩୭ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। କୋଲନରା ଲ୍ୟାମ୍ପସରର ତିନୋଟି ସ୍ଥାନ ମଧ୍ୟରୁ ମୁକୁନ୍ଦପୁର ପିପିସିରେ ୫୩ ଜଣ ଚାଷୀ ୨୫୬୧ କୁଇଣ୍ଟାଲ, ଲେକାପାଇ ପିପିସିରେ ୧୫୦ ଚାଷୀ ୭୫୮୩ କୁଇଣ୍ଟାଲ ଏବଂ ଥେରୁବାଲି ପିପିସିରେ ୭୦ ଜଣ ଚାଷୀ ୨୫୯୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। କାଶୀପୁର ଲ୍ୟାମ୍ପସରେ ୩ ଜଣ ଚାଷୀ ୭୩ କୁଇଣ୍ଟାଲ ଏବଂ ଟିକିରି ଲ୍ୟାମ୍ପସରେ ୯ ଜଣ ଚାଷୀ ୪୧୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଗୁଣୁପୁର ସର୍କଲର ଗୁଣୁପୁର ଲ୍ୟାମ୍ପସରେ ୩୭ ଜଣ ଚାଷୀ ୧୫୮୯ କୁଇଣ୍ଟାଲ ଧାନ ବିକ୍ରି କରିଥିବା ବେଳେ ପୁଦପୁର ଲ୍ୟାମ୍ପସରେ ୮୪ ଜଣ ୬୦୦୪ କୁଇଣ୍ଟାଲ, ଗୁଡାରି ଲ୍ୟାମ୍ପସରେ ୨ ଜଣ ୫୨ କୁଇଣ୍ଟାଲ, ରାମନାଗୁଡା ଲ୍ୟାମ୍ପସରେ ୭୭ ଜଣ ଚାଷୀ ୩୭୪୯ କୁଇଣ୍ଟାଲ, ବିଷମକଟକ ଲ୍ୟାମ୍ପସରେ ୨୬୮ ଜଣ ଚାଷୀ ୧୨୫୧୮ କୁଇଣ୍ଟାଲ, ମୁନିଗୁଡା ଲ୍ୟାମ୍ପସରେ ୧୭ ଜଣ ଚାଷୀ ୯୫୦ କୁଇଣ୍ଟାଲ, ଅମ୍ବାଦଳା ଲ୍ୟାମ୍ପସରେ ୫୭ ଜଣ ଚାଷୀ ୨୫୩୮ କୁଇଣ୍ଟାଲ ଏବଂ ଚନ୍ଦ୍ରପୁର ଲ୍ୟାମ୍ପସରେ କେହି ଜଣେ ମଧ୍ୟ ଚାଷୀ ମଣ୍ଡିକୁ ଆସିନଥିବା ଜଣାପଡିଛି।

## ମାଡମାରି ଛଡାଇ ନେଲେ ଟଙ୍କା: ଥାନାରେ ମାମଲା

କୋରେଇ, ୦୪/୧ (ନି.ପ୍ର):ପାଣିକୋଇଲି ଛକରେ ମାଡମାରି ଟଙ୍କା ଛଡାଇନେବାର ଅଭିଯୋଗ ପରେ ପୁଲିସ ଏକ ମାମଲା ୪/୨୪ ରୁଜୁ କରି ତଦନ୍ତ ଜାରି ରଖିଛି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ମତାବାଦ ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ପୁଅ ଶମ୍ଭୁନାଥଙ୍କ ଅଭିଯୋଗ ମୁତାବକ ସେ ପାଣିକୋଇଲିକୁ ତାଙ୍କ ଧାନକଟା ମେସିନର ଚାଳକ ଓ ଖଲାସୀ ପାଇଁ ଖାଦ୍ୟ ନେବାକୁ ଆସିଥିଲେ । ହୋଟେଲରୁ ଖାଦ୍ୟ ନେଇ ଏକ ବାଇକରେ ଫେରୁଥିବା ବେଳେ ପାଣିକୋଇଲି ଆଙ୍କୁଲା ରାସ୍ତାରେ ତାଙ୍କୁ ନମିଟିକରି ଗ୍ରାମର ପୂର୍ଣ୍ଣାନନ୍ଦ କବିଙ୍କ ତିନି ପୁଅ ଟୁଲୁ, ନିଲୁ ଓ ଚନ୍ଦ୍ର ଅଟକାଇ ଗାଳିଗୁଲଜ କରିଥିଲେ । ଏଥି ସହିତ ତାଙ୍କୁ ନିର୍ଦ୍ଦୟ ଭାବେ ମାଡମାରିଥିଲେ । ତାଙ୍କ ନିକଟରେ ଥିବା ମେସିନ ଆଦାୟ ପଇସା ୨୫ ହଜାର ୭ଶହ ଟଙ୍କା ଛଡାଇନେଇଥିଲେ। ବାଇକଟି ତଳେ ପଡିବାରୁ ଖାଦ୍ୟକୁ କୁକୁର ଟାଣିନେଇ ଖାଇଥିଲେ । ଫଳରେ ନିରୁପାୟ ହୋଇ ଶମ୍ଭୁ ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।

# ରାଜ୍ୟରେ ଗୁଟ୍‌ଖା ନିଷିଦ୍ଧକୁ ୧୧ବର୍ଷ ପୂରିଲା: କିଛି ବଦଳିନି, ସବୁକିଛି ପୂର୍ବ ଭଳି ଚାଲିଛି

ଭୁବନେଶ୍ୱର, ୦୪/୧ (ନି.ପ୍ର): ଓଡ଼ିଶାରେ ଗୁଟ୍‌ଖା ନିଷିଦ୍ଧକୁ ୧୧ବର୍ଷ ପୂରିଛି। ୨୦୧୩ ମସିହା ଜାନୁଆରି ୧ ତାରିଖରେ ରାଜ୍ୟ ସରକାର ଗୁଟ୍‌ଖାର ଉତ୍ପାଦନ, ବିକ୍ରି ଉପରେ ରୋକ୍ ଲଗାଇଥିଲେ। ଗୁଟ୍‌ଖା ନିଷିଦ୍ଧର ଗୋଟିଏ ଦଶନ୍ଧି ପରେ ବି ରାଜ୍ୟରେ ଖୁଲମଖୁଲା ଗୁଟ୍‌ଖା ବିକ୍ରି ଚାଲିଛି। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଦୋକାନରେ ମାଳ ମାଳ ଗୁଟ୍‌ଖା ପ୍ୟାକେଟ୍ ଝୁଲୁଛି। ଗୁଟ୍‌ଖା ବନ୍ଦ ପାଇଁ ରାଜ୍ୟ ସରକାରଙ୍କ ଧରପଗଡ଼ କେବଳ ଧର୍ମକୁ ଆଖିଠାର ବୋଲି କୁହାଯାଇପାରେ। ତମାଖୁ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ତମାଖୁ ଓ ଅନ୍ୟ ତମାଖୁ ଉତ୍ପାଦ (କୋଟ୍‌ପା)ଆଇନ,୨୦୦୩ କାର୍ଯ୍ୟକାରୀ ହୋଇଛି। ଗତ ୧୦ବର୍ଷରେ ରାଜ୍ୟରେ ୧ଲକ୍ଷ ଉଲ୍ଲଂଘନକାରୀଙ୍କଠାରୁ କୋଟିଏ ଟଙ୍କା ଜରିମାନା ଆଦାୟ ହେଲାଣି। ହେଲେ ସ୍ଥିତିରେ ସୁଧାର ଆସୁନାହିଁ। ସ୍ଥିତି ସୁଧାରିବା ଲାଗି ରାଜ୍ୟ ସରକାର ଏବେ ନିଜସ୍ୱ ଜନସ୍ୱାସ୍ଥ୍ୟ ଆଇନ ପ୍ରଣୟନ ପାଇଁ ଯୋଜନା କଲେ। ହେଲେ ଏହାର ବିଶେଷ ଅଗ୍ରଗତି ହୋଇପାରିଲା ନାହିଁ।

ତମାଖୁ ସେବନକୁ ନେଇ ହୋଇଥିବା ୩ଟି ବିଭିନ୍ନ ସର୍ଭେରେ ରାଜ୍ୟର ସ୍ଥିତି ଚିନ୍ତାଜନକ ରହିଛି। ଜରିମାନା ଆଦାୟ ବଢୁଛି ହେଲେ, ତମାଖୁ ନିୟନ୍ତ୍ରଣରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ପରିଣାମସ୍ୱରୂପ ରାଜ୍ୟରେ ମୁଖଗହ୍ୱର କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଅଭିନେତା ସାତ୍ୟକୀ ମିଶ୍ର ଗୁଟ୍‌ଖା ସେବନ ପାଇଁ କର୍କଟରେ ଆକ୍ରାନ୍ତ ହୋଇଥିବା ଗଣମାଧ୍ୟମରେ କହିଥିଲେ। ଗୁଟ୍‌ଖା ବର୍ଜନ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ପ୍ରତିବର୍ଷ ମୁଖଗହ୍ୱର କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୧୮-୧୯ରେ ଆଚାର୍ଯ୍ୟ ହରିହରର ହେଡ୍ ଓ ନେକ୍ ଅଙ୍କୋଲୋଜି ବହିର୍ବିଭାଗ(ଓପିଡି)କୁ ୪୩୦୯ ଜଣ, ୨୦୧୯-୨୦ରେ ୫୮୧୭ ଜଣ ଓ ୨୦୨୦-୨୧ରେ ୩୧୮୧ଜଣ ଚିକିତ୍ସା ପାଇଁ ଆସିଛନ୍ତି। ଏହା କେବଳ ଗୋଟିଏ ହସ୍ପିଟାଲର ଚିତ୍ର। ଏଥିରୁ ରାଜ୍ୟବ୍ୟାପୀ ଥିବା କର୍କଟ ଚିକିତ୍ସା କେନ୍ଦ୍ରକୁ କେତେ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଥିବେ ତାହା ଅନୁମାନ କରାଯାଇପାରେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ୍‌ଏଫ୍‌ଏଚ୍‌ଏସ୍‌ରେ ତମାଖୁ ସେବନ ସଂପର୍କରେ ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ଏଥିରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ତମାଖୁ ସେବନ କରିଥିବା କୁହାଯାଇଛି। ଏନ୍‌ଏଫ୍‌ଏଚ୍‌ଏସ୍-୩ରେ ୩୧.୪% ମହିଳା ତମାଖୁ ସେବନ କରୁଥିବା ବେଳେ ଏନ୍‌ଏଫଏଚ୍‌ଏସ୍-୪ରେ ଏହା ୧୭.୩%କୁ ବୃଦ୍ଧି ପାଇଥିବା ଦେଖାଯାଇଥିଲା। ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ୨୬%ରେ ପହଞ୍ଚିଛି। ଯଦି ବିଶ୍ୱ ଯୁବ ତମାଖୁ ସର୍ଭେ (ଜିୱାଇଟିଏସ୍)-୨୦୧୯କୁ ବିଚାରକୁ ନିଆଯାଏ ତାହାଲେ ରାଜ୍ୟର ୬.୨% ଯୁବପିଢ଼ି ତମାଖୁ ସେବନ କରୁଛନ୍ତି। ଏଥିରେ କେବଳ ଧୂମପାନ କରୁଥିବା ଯୁବକଙ୍କ ହାର ୫.୩% ଥିବା ବେଳେ ଯୁବତୀଙ୍କ ହାର ରହିଛି ୩.୯%। ରାଜ୍ୟରେ ତମାଖୁ ସେବନର ହାରାହାରି ବୟସ ୧୦.୨ବର୍ଷ ରହିଛି। ବିଦ୍ୟାଳୟରେ ପଢ଼ିବା ସମୟରୁ ହିଁ ପିଲାମାନେ ତମାଖୁର କୁଅଭ୍ୟାସରେ ପଡୁଛନ୍ତି। ଏହି ତଥ୍ୟକୁ ବିଚାରକୁ ନେଇ ସ୍ୱାସ୍ଥ୍ୟ ବିଭାଗ ବିଦ୍ୟାଳୟକୁ ତମାଖୁମୁକ୍ତ କରିବା ପାଇଁ ଅଣ୍ଟା ଭିଡ଼ିଛି। ଗୋଟିଏ ବିଦ୍ୟାଳୟକୁ ତମାଖୁମୁକ୍ତ କରିବା ପାଇଁ ପ୍ରାୟ ୮ଟି ମାନଦଣ୍ଡ ରହିଛି। ତମାଖୁମୁକ୍ତ ବିଦ୍ୟାଳୟ ତାଲିକାରେ ଆସିବାକୁ ହେଲେ ୨୦୦ ମିଟର ଭିତରେ ଯେ କୌଣସି ପ୍ରକାର ତମାଖୁର ବିକ୍ରି ନି?ଷିଦ୍ଧ ହେବ। ଉପଯୁକ୍ତ ସାଇନ୍‌ଏଜ୍, ପିଲା ଓ ଶିକ୍ଷକମାନଙ୍କୁ ସଚେତନତା କରିବା ଭଳି ମାନଦଣ୍ଡ ପୂରଣ କରିବା ଜରୁରୀ। ଏହାର ନିରୀକ୍ଷଣ ପାଇଁ ଜିଲ୍ଲାସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିସନ୍ ପକ୍ଷରୁ ଗ୍ରାମାଞ୍ଚଳରେ ଏଥିପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି। ତେବେ ସ୍ୱାସ୍ଥ୍ୟ ବିଭାଗକୁ ପ୍ରବର୍ତ୍ତନ ଦାୟିତ୍ୱ ଦିଆଯାଇଥିବାରୁ ଅନେକ କ୍ଷେତ୍ରରେ ସମସ୍ୟା ଉପୁଜୁଛି। ଅନେକ ମାମଲା ମଧ୍ୟ କୋର୍ଟରେ ଦାୟର କରିବାରେ ସମସ୍ୟା ଉପୁଜୁଥିବା ଜଣାପଡ଼ିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଗତ ୧୦ବର୍ଷ ଭିତରେ କୋଟ୍‌ପା ଆଇନରେ ୧କୋଟି ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏଥିରେ ସ୍କୁଲ ଓ କଲେଜର ୧୦୦ ମିଟର ବ୍ୟବଧାନରେ ତମାଖୁ ବିକ୍ରି, ସର୍ବସାଧାରଣ ସ୍ଥାନରେ ଧୂମପାନ ସାମିଲ ରହିଛି। ଗୁଟ୍‌ଖା ସେବନ ରୋକିବା ପାଇଁ ସ୍କୁଲ ଓ ଗ୍ରାମାଞ୍ଚଳରେ ସରପଞ୍ଚମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହାସହ ବିମାନ ବନ୍ଦର, ହୋଟେଲ ଇତ୍ୟାଦିରେ ରହିଥିବା 'ନୋ ସ୍ମୋକିଂ ଜୋନ୍' ବନ୍ଦ କରିବା ଲାଗି କେନ୍ଦ୍ର ସରକାରଙ୍କ ନିକଟରୁ ବାରମ୍ବାର ପତ୍ର ଲେଖାଯାଉଛି। ତମାଖୁ ନିୟନ୍ତ୍ରଣରେ ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟର ମଧ୍ୟ ବଡ଼ ଭୂମିକା ରହିଛି ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ରାଜ୍ୟ ସରକାରଙ୍କ ମୋ ଘର ଯୋଜନା ମାହାଙ୍ଗାରେ ବିଫଳ

ସାଲେପୁର, ୦୪/୧ (ନି.ପ୍ର): ରାଜ୍ୟ ସରକାରଙ୍କ ମୋ ଘର ଯୋଜନା କେବଳ କାଗଜପତ୍ରରେ ସୀମିତ । ଏହା ସାଧାରଣ ଗରିବ ଲୋକଙ୍କୁ ଭୂଆଁ ବୁଲାଇବା ଲାଗି ଏକ ସୁପରିକଳ୍ପିତ ଯୋଜନା । ଯାହାକୁ ସାଲେପୁର ଓ ମାହାଙ୍ଗା ବ୍ଲକ ଅଂଚଳର ଜନସାଧାରଣ ବୁଝିଲେଣି । ସରକାରଙ୍କ ଅନେକ ଯୋଜନା ସାଧାରଣ ଲୋକଙ୍କ ନିକଟରେ ପହଂଚିପାରୁ ନାହିଁ । ଏଥିପାଇଁ ସ୍ଥାନୀୟ ଅଂଚଳର ନେତା, କର୍ମୀ ଓ ବ୍ଲକ ପ୍ରଶାସନ ଦାୟୀ ବୋଲି ଅଭିଯୋଗ ସର୍ବସାଧାରଣରେ ହେଉଛି । ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ଥିବା ମୋ ସରକାର କକ୍ଷ ଖୋଲେ ନାହିଁ । କର୍ମଚାରୀମାନେ ମଧ୍ୟ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସନ୍ତି ନାହିଁ । ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ତା.୭.୧୨.୨୦୨୩ ରିଖରେ ପ୍ରଦାନ ସୂଚନା ତଥ୍ୟରୁ ମୋ ଘର ଯୋଜନାର ଗୁମର ପଦାରେ ପଡିଛି । ମାହାଙ୍ଗା ବ୍ଲକର ମୋଟ ୩୭ ଗୋଟି ପଂଚାୟତରୁ ୪ହଜାର୮୦୨ ଜଣ ମୋ ଘର ଯୋଜନାରେ ଋଣ ପାଇବା ପାଇଁ ଆବେଦନ କରିଥିଲେ । ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ପରେ ମୋଟ ୩ହଜାର୨୦୫ ଜଣ ମୋ ଘର ଯୋଜନାରେ ଋଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବିଭିନ୍ନ ବ୍ୟାଙ୍କକୁ ଋଣ ପ୍ରଦାନ କରିବା ପାଇଁ ଅନୁମୋଦନ କରାଯାଇଛି । ହେଲେ ବ୍ୟାଙ୍କ ଋଣ ଦେଉ ନାହିଁ। ଏ ସଂପର୍କରେ ତା.୯.୧୧.୨୦୨୩ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କଟକଙ୍କୁ ସୂଚନାତଥ୍ୟ ମଗାଯାଇଥିଲା। ଜିଲ୍ଲାପାଳଙ୍କ କାର ?ୟାଳୟ ଚିଠି ନଂ ୧୪୬୮, ତା. ୧୪.୧୧.୨୦୨୩ ରିଖରେ ମାହାଙ୍ଗା ବ୍ଲକ ବିଡିଓଙ୍କୁ ଆବଶ୍ୟକୀୟ ସୂଚନା ତଥ୍ୟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜଣାଇଥିଲା । ହେଲେ କେତେ ଜଣ ମୋଘର ଯୋଜନାରେ ବର୍ତମାନସୁଦ୍ଧା ଋଣ ପାଇଛନ୍ତି ସେ ତଥ୍ୟ ବ୍ଲକ ପ୍ରଶାସନ ନିକଟରେ ନଥିବା ଏବେ ଚର୍ଚ୍ଚା ହେଉଛି । ତେବେ ମୋ ଘର ଯୋଜନା ମାହାଙ୍ଗା ବ୍ଲକରେ ବିଫଳ ହୋଇଛି ।

# ଏମବିକେ ମାନଙ୍କର କମ୍ପ୍ୟୁଟର ତାଲିମ




ଖଇରା, ୪/୧ (ନି.ପ୍ର): ଖଇରା ବ୍ଲକ ଆଳଦା ସ୍ଥିତ ସରକାରୀ ସିକୃତି ପ୍ରାପ୍ତ ଅଗ୍ରଣୀ କମ୍ପ୍ୟୁଟର ଅନୁଷ୍ଠାନ ଏକ୍ସଲ୍ୟାଣ୍ଟ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରରେ ୨୦ ଦିନିଆ କମ୍ପ୍ୟୁଟର ତାଲିମ ଶେଷ ହୋଇଛି । ଓଡିଶା ସରକାର ତଥା ଓକେସିଲ ଦ୍ୱାରା ଅନୁମୋଦିତ ତାଲିମ ଡିସେମ୍ବର ୧୨ରୁ ଆରମ୍ଭହୋଇ ଆଜି ଶେଷ ହୋଇଛି । ଏଥିରେ ଖଇରା ବ୍ଲକରୁ ୩୭ ଜଣ ଓ ଔପଦା ବ୍ଲକରୁ ୪ ଜଣ ଏମବିକି ତାଲିମ ନେଉଥିଲେ । ଏମବିକେ ମାନଙ୍କୁ କମ୍ପ୍ୟୁଟର ବିଭିନ୍ନ ପ୍ରକାରର ଶିକ୍ଷା ଦେବା ସହିତ ମୋବାଇଲର ଆବଶ୍ୟକିୟ ପାଠ୍ୟକ୍ରମ ମଧ୍ୟ ଶିକ୍ଷାଦିଆ ଯାଇଥିଲା । ଏଥିରେ ଅନୁଷ୍ଠାନର ଅଧକ୍ଷ ସଞ୍ଜୟ କୁମାର ପଣ୍ଡା,ମୁଖ୍ୟ ପରିଚାଳକ ଧନଞ୍ଜୟ ପଣ୍ଡା, ଅଧ୍ୟାପକ ଶୁଶାନ୍ତ କୁମାର ଶଙ୍ଖୁଆ, ସହକର୍ମୀ ସବିତା ସେଣ୍ଠ, ଉର୍ବସୀ ଦାସ, ରଞ୍ଜିତା ନାୟକ, ଅନ୍ନପୂର୍ଣ୍ଣା ଜେନା, ପୁଷ୍ପା ବାରିକ ସହଯୋଗ କରିଥିଲେ । ଏତେ ଦିନ ଧରି ଚାଲିଥିବା ତାଲିମ କୁ ଜୀବିକା ମିସନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ନିହାର ରଞ୍ଜନ ଜେନା, ବ୍ଲକ ପ୍ରୋଜେକ୍ଟ କୋଡିନେଟର ପ୍ରସନ୍ନ କୁମାର ପୁହାଣ ତଦାରଖ କରିଥିଲେ ।

# ସ୍ୱାସ୍ଥ୍ୟସେବା ଚେରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ

ବାଲେଶ୍ୱର, ୪/୧ (ନି.ପ୍ର): ଦୀର୍ଘବର୍ଷଧରି ରୋଗୀସେବାକୁ ପ୍ରାଧାନ୍ୟ ଦେଇ ଆସୁଥିବା ବାଲେଶ୍ୱର ସ୍ୱାସ୍ଥ୍ୟସେବା ଚେରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସଭାନେତ୍ରୀ ଡା. ମୀରାପତିଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଭେଷଜ, ଶଲ୍ୟ, ଯକ୍ଷ୍ମା, ଛାତିରୋଗ ଓ ଅନ୍ୟାନ୍ୟ ୱାର୍ଡ଼ରେ ଦୁଃସ୍ଥ ରୋଗୀମାନଙ୍କୁ ସଂପାଦକ ବିଶିଷ୍ଟ ଶିକ୍ଷାବିତ୍ ଅନନ୍ତ କୁମାର ପ୍ରଧାନଙ୍କ ଉପସ୍ଥିତିରେ ୧୪୦ଟି କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ନାୟକ ଶୁଭ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟର ସଦସ୍ୟ ଦୀନବନ୍ଧୁ ଲେଙ୍କା, ରବୀନ୍ଦ୍ର ପ୍ରହରାଜ, ଭାସ୍କର ବାରିକ, ରବି ପାଣିଗ୍ରାହୀ, ପୁରୁଷମ ବେହେରା ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ଡାକ୍ତରଖାନାର କର୍ମଚାରୀ ମୀରା ଲେଙ୍କା ଓ ଅନ୍ୟାନ୍ୟ କର୍ମଚାରୀମାନେ ପ୍ରତି ୱାର୍ଡ଼ର ଦୁଃସ୍ଥ ରୋଗୀମାନଙ୍କୁ ଚିହ୍ନଟ କରିବାରେ ସହାୟତା କରିଥିଲେ। ଶୀତ ପ୍ରକୋପ ବଢ଼ିଥିବାବେଳେ ଦୁଃସ୍ଥ, ଅସହାୟ ରୋଗୀମାନେ କମ୍ବଳ ପାଇବାପରେ ଅନୁଷ୍ଠାନକୁ କୃତଜ୍ଞତା ଜଣାଇଥିଲେ।

# ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ



ପାରାଦୀପ, ୪/୧ (ନି.ପ୍ର): ସାଧାରଣ ଜନତାଙ୍କ ମଧ୍ୟରେ ସଡକ ସୁରକ୍ଷା ସମ୍ପର୍କରେ ସଚେତନା ସୃଷ୍ଟି କରିବା ନିମନ୍ତେ ଜାନୁୟାରୀ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସଚେତନତା ସପ୍ତାହ ପାଳନ କରାଯାଉଅଛି। ଏହି ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସଡକ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ ଆଜି ହୋଇଛି। ଏହି ଅବସରରେ ଗୁରୁବାର ଦିନ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ ପତାକା ଦେଖାଇ ଏହି ସଡକ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ଆଂଚଳିକ ପରିବହନ ଅଧିକାରୀ କଟକ ଓ ଜଗତସିଂହପୁରଙ୍କ ସମେତ ଇଫକୋର ବରିଷ୍ଠ ପ୍ରବନ୍ଧକ ପି.ଏସ୍. ନିଳାମ୍ବରନ୍, ମହାପ୍ରବନ୍ଧକ (ଇପିସି ଓ ସୁରକ୍ଷା) ଆର.କେ.ପାଣ୍ଡେ, ଯୁଗ୍ମ ପ୍ରବନ୍ଧକ କେ.ମୋହନ ରାଓ, ଯୁଗ୍ମ ପ୍ରବନ୍ଧକ (ଇପିସି ଓ ସୁରକ୍ଷା) ଆର.କେ.ସ୍ୱାଇଁ, ମାନବ ସମ୍ବଳ ମୁଖ୍ୟପ୍ରବନ୍ଧକ ବି.କେ.ପରିଡା, ଇଫକୋ ଅଫିସର୍ସ ଆସୋସିଏସନ ସଭାପତି ଦେବାଶିଷ ମହାନ୍ତି, ସାଧାରଣ ସମ୍ପାଦକ ସୁବାଶିଷ ମିଶ୍ର, ଇଫକୋ କର୍ମଚାରୀ ସଂଘ ସଭାପତି ତୁଷାର ରଂଜନ ସାମନ୍ତରାୟ, ସାଧାରଣ ସମ୍ପାଦକ ଆର.କେ. ଓଝାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତଥିଲେ । ଏହି ଅବସରରେ ଅନୁଷ୍ଠିତ ରୋଡ୍ ସୋକୁ ମାର୍ଗ ଦର୍ଶନ ଦେଇଥିଲେ ବିଶିଷ୍ଟ ଚିତ୍ରଶିଳ୍ପୀ ଅଭୟ କୁମାର ଦାସ ଏବଂ ସହଯୋଗୀ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଇଫକୋର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଆଂଚଳିକ ପରିବହନ ଅଧିକାରୀ କଟକ ଓ ଜଗତସିଂହପୁରଙ୍କ ମିଳିତ ସହଯୋଗରେ ଏହି ରଥ କେନ୍ଦ୍ରାପଡା, ଜଗତସିଂହପୁର ଓ କଟକ ଜିଲ୍ଲା ପରିକ୍ରମା କରିବ।

# ଓଡ଼ିଶାର ୭ଟି ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମିଳିବା ନେଇ ଖୁସି ପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୪/୧ (ନି.ପ୍ର): ଓଡ଼ିଶାର ୭ଟି ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ବହୁତ ଗର୍ବର ବିଷୟ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଖାଉଟି ବ୍ୟାପାର ଏବଂ ଖାଦ୍ୟ ଓ ସାଧାରଣ ବିତରଣ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳର ସ୍ୱାଦିଷ୍ଟ ମଗଜି, କୋରାପୁଟ ଜିଲ୍ଲାରେ ଜନଜାତି ସମୁଦାୟଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା କଳାଜିରା ଚାଉଳ, ମୟୂରଭଞ୍ଜର କାଇ ଚଟଣୀ, ନୟାଗଡ଼ କଂଟେଇମୁଣ୍ଡି ବାଇଗଣ, ଖଜୁରୀ ଗୁଡ଼ ସମେତ ଡଙ୍ଗରିଆ କନ୍ଧ ଏମ୍ବ୍ରୋଡରୀ ସାଲ୍ ଓ ଲାଞ୍ଜିଆ ସୌରା ଚିତ୍ରକଳାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ବହୁତ ଗର୍ବର ବିଷୟ । ଓଡ଼ିଶାରେ ଉତ୍ପାଦିତ ହେଉଥିବା ପ୍ରତ୍ୟେକ ଖାଦ୍ୟ ସାମଗ୍ରୀ ତଥା କଳା ଏବଂ ଉତ୍ପାଦର ସ୍ଥାନ ସ୍ୱତନ୍ତ୍ର। ଏ ସବୁର ପ୍ରଚାର ପ୍ରସାର ସହ ବିଶ୍ୱବିଦିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀକୁ ଜାତୀୟ ସ୍ତରରେ ସ୍ୱୀକୃତି ଦେଇ ସ୍ଥାନୀୟ ଅର୍ଥନୀତି ବଢାଇବା ଦିଗରେ ନିରନ୍ତର ସମର୍ଥନ ଦେଉଥିବାରୁ ଶ୍ରୀ ପ୍ରଧାନ ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋୟଲଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ମୟୂରଭଂଜ ମିଶ୍ରଣ ଦିବସ ପାଳିତ



ଉଦଳା , ୪/୧ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ସ୍ୱେଚ୍ଛାସେବୀ ସଂଗଠନ 'ବନସାଥୀ କେନ୍ଦ୍ର' ତରଫରୁ ମୟୂରଭଂଜ ମିଶ୍ରଣ ଦିବସ ନାବରା ଗ୍ରାମ ଠାରେ ପାଳିତ ହୋଇ ଯାଇଛି । ପ୍ରକାଶ ଥାଉକି ସ୍ୱାଧିନତାର ଦୁଇବର୍ଷ ପରେ ୧୯୪୯ ମସିହା ଜାନୁୟାରୀ ୧ ତାରିଖ ଦିନ ମୟୂରଭଂଜ ରାଜ୍ୟ ଓଡ଼ିଶାର ଏକ ଜିଲ୍ଲା ଭାବରେ ପରିଗଣିତ ହୋଇଥିଲା । ଏଥିପାଇଁ ଭାରତ ସରକାର ଓ ମୟୂରଭଂଜର ସେ ସମୟର ମହାରାଜା ପ୍ରତାପ ଚନ୍ଦ୍ର ଭଂଜ ଦେଓଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହାକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଜାନୁୟାରୀ ମାସ ୧ ତାରିଖ ଦିନ ବନସାଥୀ କେନ୍ଦ୍ର ତରଫରୁ ଏହି ଦିବସ ପାଳିତ ହୋଇ ଆସୁଅଛି । ବନସାଥୀ କେନ୍ଦ୍ରର ପ୍ରତିଷ୍ଠାତା ଅବସରପ୍ରାପ୍ତ ଶିକ୍ଷକ ନରୋତମ ଦାସ ଏହି ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହ ଆଜିର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସଂଗଠକ ମନୋରଂଜନ ମଲିକ, ଆଶିଷ ମଲିକ, ନରେନ୍ଦ୍ର ମହାକୁଡ଼, ସୁବ୍ରତ କୁମାର ମହାନ୍ତି, ପଦୁ ଦାସ ପ୍ରମୁଖ ଯୋଗ ଦେଇ ରାଜା ଶାସନ ସମୟର ମୟୂରଭଂଜ ଓ ବର୍ତମାନର ମୟୂରଭଂଜ ସମ୍ପର୍କରେ ଏକ ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ବନସାଥୀ କେନ୍ଦ୍ରର ସଂପାଦକ କୃପାସିନ୍ଧୁ ପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।


OFFICE OF THE SUPERINTENDING ENGINEER,
JAMBHIRA CANAL DIVISION, MORADA,
AT/PO-MORADA, DIST-MAYURBHANJ.
Mail ID- eejcdivisionmorada@gmail.com
***

AUCTION SALE NOTICE NO. 05/2023-24 of SE, JCD, Morada

| | | |
|---|---|---|
| 1 | No. of Work | Total 01 nos. of work |
| 2 | Estimated Cost | Rs. 2,50,705.00 |
| 3 | E.M.D. | Rs.2500.00 |
| 4 | Period of Completion | 01(One) Month from the date of issue of work order. |
| 5 | Date & Time of availability of bid document in the office of the undersigned | From 10.30AM of 08.01.2024 |
| 6 | Last date/time for receipt of bid in the office of the undersigned. | Upto 5.30PM of 17.01.2024 |
| 7 | Date of opening of bid | 18.01.2024 at 11.30AM |
| 8 | Name & Address of the O.I. Q | Office of the Superintending Engineer, Jambhira Canal Division, Morada, Mayurbhanj- 757020. |

Superintending Engineer,
Jambhira Cabal Division
Moroda

OIPR: 32440/11/0004/2324


# ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ

ଭଦ୍ରକ, ୪/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଭଦ୍ରକ ଜିଲ୍ଲାରୁ ୧୪୬ ଜଣଙ୍କୁ ନେଇ ଆୟୋଜିତ ତୀର୍ଥ ଯାତ୍ରାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତୀର୍ଥ ଯାତ୍ରାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ସମ୍ମାନିତ ଅତିଥିଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ୍, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ପ୍ରମୁଖଙ୍କ ଦ୍ୱାରା ପତାକା ପ୍ରଦର୍ଶନ ପରେ ବରିଷ୍ଠ ନାଗରିକମାନଙ୍କୁ ନେଇ ତୀର୍ଥଯାତ୍ରାରେ ୪ଟି ବସ୍ ଯାତ୍ରାରମ୍ଭ କରିଥିଲା । ଏହି ଯାତ୍ରାରେ ଭଦ୍ରକ ବ୍ଲକରୁ ୩୯ଜଣ, ବାସୁଦେବପୁରରୁ ୧୨ , ଭଣ୍ଡାରିପୋଖରୀ ରୁ ୧୯, ବନ୍ତ ରୁ ୧୮, ଚାନ୍ଦବାଲି ରୁ ୨୦, ଧାମନଗରରୁ ୨୦ ଓ ତିହିଡ଼ିରୁ ୧୮ ଜଣ ଏହି ଯାତ୍ରାରେ ସାମିଲ ଅଛନ୍ତି । ସେମାନଙ୍କ ମଧ୍ୟରୁ ୬୨ଜଣ ମହିଳା ଓ ୮୪ ଜଣ ପୁରୁଷ ଅଛନ୍ତି । ବସ୍ ଦ୍ୱାରା ସେମାନେ ବାଲେଶ୍ୱରରେ ପହଞ୍ଚି ସେଠାରେ ରାତ୍ରୀ ଯାପନ ପରେ ୫ ତାରିଖ ରେଳ ଦ୍ୱାରା ଉଜ୍ଜୟିନୀ-ଓମ୍‌କାରେଶ୍ୱର ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିବେ । ଏହି ଯୋଜନା ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ନିୟମ କାନୁନ୍ ଅନୁସରଣ ପୂର୍ବକ ତୀର୍ଥ ଯାତ୍ରା ନିମନ୍ତେ ୧୪୬ଙ୍କୁ ବଛା ଯାଇଥିଲା । ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ଏହି କାର୍ଯ୍ୟ ନଭେମ୍ବର ୧ରେ ଦରଖାସ୍ତ ଗ୍ରହଣ ଦିନ ଠାରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏହି ଯାତ୍ରା ପାଇଁ ସେମାନଙ୍କୁ ପ୍ରଶାସନିକ ବ୍ୟବସ୍ଥାରେ ଘରୁ ଅଣାଯାଇ ଜଳଯୋଗ, ମଧ୍ୟାହ୍ନଭୋଜନ ବ୍ୟବସ୍ଥା ସହ ଡ଼ାକ୍ତରୀ ପରୀକ୍ଷା ପରେ ପ୍ରେରଣ କରାଯାଇଛି । ୬ ଦିନିଆ ତୀର୍ଥ ଯାତ୍ରାରୁ ଫେରିଲା ପରେ ସେହିପରି ବାଲେଶ୍ୱରରୁ ବସ୍ ଯୋଗେ ଭଦ୍ରକ ଅଣାଯାଇ ସେମାନଙ୍କ ଘରେ ପହଞ୍ଚାଇ ଦିଆଯିବ। ସୂଚନା ଯୋଗ୍ୟକି ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କ ସମଗ୍ର ଜୀବନ କାଳରେ ଗୋଟିଏ ଥର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥଯାତ୍ରା କରିବାର ସୁଯୋଗ ନେଇପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବଳ ଗୋଟାଉଛି...

ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଆନ୍ଧ୍ର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବାର ଅଛି। ତା'ସହିତ ଏଥର ଲୋକସଭା ନିର୍ବାଚନ ମଧ ହେବ। ତା'ପୂର୍ବରୁ ଆନ୍ଧ୍ର ପ୍ରଦେଶରେ କଂଗ୍ରେସ ନିଜ ସ୍ଥିତିକୁ ସଜାଡ଼ିବାକୁ ଚାହୁଁଛି। ଶର୍ମିଳା କଂଗ୍ରେସରେ ମିଶିବା ପରେ ଦଳ ତାଙ୍କୁ ଆନ୍ଧ୍ର ପ୍ରଦେଶରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବାକୁ ଚିନ୍ତା କରୁଛି। ସେହିଭଳି ଯେଉଁମାନେ ଜଗନ ମୋହନ ରେଡ୍ଡୀଙ୍କ ୱାଇଏସ୍ଆର କଂଗ୍ରେସ ଛାଡ଼ି କଂଗ୍ରେସରେ ମିଶିବାକୁ ଚାହୁଁଛନ୍ତି, ଦଳ ସେମାନଙ୍କୁ ମଧ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଛି। ଶର୍ମିଳା ୱାଇଏସ୍ଆର କଂଗ୍ରେସରେ ଥିଲେ। କିନ୍ତୁ ଭାଇ ଜଗନ ମୋହନ ରେଡ୍ଡୀଙ୍କ ସହିତ ତାଙ୍କର ମତାନ୍ତର ହୋଇଥିଲା। ସେ ୨୦୨୧ରେ ସେ ୱାଇଏସ୍ଆର କଂଗ୍ରେସ ଛାଡ଼ି ୱାଇଏସ୍ଆର ତେଲଙ୍ଗାନା ପାର୍ଟି ଗଠନ କରିଥିଲେ। ଭାଇଙ୍କ ସହିତ ତାଙ୍କର ରାଜନୀତିକ ମତ ପାର୍ଥକ୍ୟ ଥିବା ତଥା ତେଲଙ୍ଗାନାରେ ୱାଇଏସ୍ଆର କଂଗ୍ରେସର କୌଣସି ପ୍ରଭାବ ନଥିବା ଦର୍ଶାଇ ସେ ନୂଆ ଦଳ ଗଠନ କରିଥିଲେ ଓ କେ ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ପ୍ରଚାର ଚଳାଇଥିଲେ। ତେବେ ଚଳିତ ବର୍ଷ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ସେ ଲଢ଼ି ନଥିଲେ। ରାଜ୍ୟରେ କଂଗ୍ରେସର ଭଲ ସ୍ଥିତିରେ ଅଛି ଓ ନିର୍ବାଚନ ଜିତିବ କହି ସେ ନିର୍ବାଚନ ଲଢ଼ି ନଥିଲେ।

## ନିଲମ୍ବନ ହଟିବା ପରେ ...

ବିଧାୟକ ମହମ୍ମଦ ମୋକିମ ଓ ପୂର୍ବତନ ବିଧାୟକ ଚିରଞ୍ଜିବ ବିଶ୍ୱାଳଙ୍କ ସମେତ ବରିଷ୍ଠ ନେତାମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବାକୁ ଦଳ ନିଷ୍ପତ୍ତି ନେଇଛି । ଖୁବଶୀଘ୍ର ଏନେଇ ନିର୍ଦ୍ଦେଶନାମା ଜାରି ହେବ ବୋଲି ସେ କହିଛନ୍ତି । ଆସନ୍ତା ୬ତାରିଖରେ ଦଳର ନୂଆ ରାଜ୍ୟ ପ୍ରଭାରୀ ଡଃ ଅଜୟ କୁମାର ଆସିବେ ବୋଲି ମଧ ସେ ସୂଚନା ଦେଇଛନ୍ତି । ତେବେ ୨୦୧୯ ସାଧାରଣ ନିର୍ବାଚନରେ ପରାଜିତ ହେବାପରଠୁ ସାଂଗଠନିକ କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ଚିରଞ୍ଜିବ ବିଜେଡିରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । କଂଗ୍ରେସ ତାଙ୍କୁ ଦଳରୁ ନିଲମ୍ବିତ କରିଥିବାରୁ ସେ ବିଜେଡିରେ ସାମିଲ ହୋଇପାରୁନଥିଲେ । ମାତ୍ର ନିଲମ୍ବନ ହଟିବା ପରେ ଓ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ତାଙ୍କ ସମର୍ଥକଙ୍କ ମହଲରୁ ସୂଚନା ମିଳିଛି । ଶ୍ରୀ ବିଶ୍ୱାଳ ଗତ ସାଧାରଣ ନିର୍ବାଚନରେ ପରାଜିତ ହେବାପରଠୁ ଅର୍ଥାତ୍ ଦୀର୍ଘ ପ୍ରାୟ ସାଢ଼େ ୪ବର୍ଷ ଧରି ସାଂଗଠନିକ କାର୍ଯ୍ୟରେ ସକ୍ରିୟ ନାହାନ୍ତି କିମ୍ବା ନିଜର ନିର୍ବାଚନମଣ୍ଡଳୀ ଜଗତସିଂହପୁରରେ ମଧ ବିଶେଷ ଦୃଶ୍ୟମାନ ହେଉନାହାନ୍ତି । ତେଣୁ ସେ ଆଗାମୀ ନିର୍ବାଚନ ଲଢ଼ିବେ କି ନାହିଁ ତାହା ମଧ ସନ୍ଦେହଘେରରେ ରହିଛି । ଅବଶ୍ୟ ନିଲମ୍ବିତ ଚିରଞ୍ଜିବଙ୍କୁ ବିଜେଡି ନିଜ ସହ ସାମିଲ କରିବ କି ନାହିଁ ତାହା ଏବେବି ପ୍ରଶ୍ନବାଚୀ ହୋଇ ରହିଛି । ଯଦିଓ ବିଜେଡିରେ ସାମିଲ ହେବା ପ୍ରସଙ୍ଗରେ ଚିରଞ୍ଜିବ ଏପର୍ଯ୍ୟନ୍ତ ନିରବ ରହିଛନ୍ତି ଓ ଆଗାମୀ ଦିନରେ ନିର୍ବାଚନ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ କରିନାହାନ୍ତି ତେଣୁ ତାଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ନାନାଦି ଚର୍ଚ୍ଚା ଲାଗି ରହିଛି । ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପତ୍ନୀ ପୂର୍ବତନ ବିଧାୟିକା ହେମା ଗମାଙ୍ଗ ଆସନ୍ତା ୭ତାରିଖରେ କଂଗ୍ରେସରେ ସାମିଲ ହେବେ ବୋଲି ଘୋଷଣା କରିଛନ୍ତି । ତାଙ୍କୁ ଏନେଇ ଏଆଇସିସିରୁ କ୍ଲିଅରାନ୍ସ ମିଳିଛି ଓ ଭୁବନେଶ୍ୱରରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହେବେ । ମାତ୍ର ତାଙ୍କ ପୁଅ ଶିଶିର ଗମାଙ୍ଗ ଓ ପତି ଗିରିଧର ଗମାଙ୍ଗ କଂଗ୍ରେସରେ ସାମିଲ ହେବାକୁ ସମୟ ଲାଗିବ ବୋଲି ସେ ସୂଚନା ଦେଇଛନ୍ତି । ଶିଶିର କହିଛନ୍ତି ଯେ,ତାଙ୍କ ମା' ୭ତାରିଖରେ କଂଗ୍ରେସରେ ସାମିଲ ହେବେ । ସେମାନେ ମଧ କଂଗ୍ରେସରେ ସାମିଲ ହେବେ । ଗତ ୪-୫ମାସ ଧରି ଏନେଇ ଆଲୋଚନା ଚାଲିଛି । ଗାନ୍ଧି ପରିବାର ଓ ଏଆଇସିସି ପକ୍ଷରୁ ମଧ ସେମାନଙ୍କ ଘରବାହୁଡ଼ାକୁ ସବୁଜ ସଙ୍କେତ ମିଳିଛି । ତେବେ ଖୁବଶୀଘ୍ର ଏନେଇ ତାରିଖ ଘୋଷଣା ହେବ ବୋଲି ସେ କହିଛନ୍ତି । କଂଗ୍ରେସର ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଅଜୟ କୁମାର ଆସନ୍ତା ୬ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଦଳର ବରିଷ୍ଠ ନେତାମାନଙ୍କୁ ଭେଟିବା ସହ ସାଂଗଠନିକ ସ୍ଥିତି ଓ କାର୍ଯ୍ୟକ୍ରମର ସମୀକ୍ଷା କରିବେ । ଏହି ଗସ୍ତ ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ମହମ୍ମଦ ମୋକିମ୍ ଓ ଚିରଞ୍ଜିବ ବିଶ୍ୱାଳଙ୍କ ନିଲମ୍ବନ ନିର୍ଦ୍ଦେଶ ପ୍ରତ୍ୟାହାର ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ପୁଣି ଆନ୍ଦୋଳନକୁ ...

ସାମିଲ ହେବେ । ଏନେଇ ରାଜ୍ୟ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ସୂଚନା ଦେଇଛନ୍ତି। ଏନେଇ ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି, ସରକାର ଆଜି ପର୍ଯ୍ୟନ୍ତ ଆମ ଦାବି ଶୁଣୁ ନାହାନ୍ତି, ଭୂଆଁ ବୁଲାଉଛନ୍ତି। କେନ୍ଦ୍ର ସରକାର ଲାଗୁ କରିଥିବା ନୂଆ ଆଇନ୍ ଅନୁଯାୟୀ, ଦୁର୍ଘଟଣା ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ୍, ୭ ଲକ୍ଷ ଟଙ୍କା ଜରିମାନା ଦେବା ନିୟମ ଆଣିବାକୁ ଯାଉଛନ୍ତି। ଏପରି ସ୍ଥିତି ଉପୁଜିଲେ କୌଣସି ବି ଡ୍ରାଇଭର ଏତେ ଟଙ୍କା ଦେବା ସମ୍ଭବ ନୁହଁ। ସେହିପରି ରାଜ୍ୟ ସରକାରଙ୍କ ନିକଟରେ ଗତ ଥର ଆମର ୧୦ଟି ଦାବି ଥିଲା। ସେଥିରୁ ଗୋଟିଏ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଲେ। ହେଲେ ତାହାକୁ ଆଜି ପର୍ଯ୍ୟନ୍ତ ପୂରଣ କରି ପାରି ନାହାନ୍ତି। ତେଣୁ ଆଜିଠୁ ସମଗ୍ର ଦେଶରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଆରମ୍ଭ ହେବ ବୋଲି କହିଛନ୍ତି ପ୍ରଶାନ୍ତ ମେଣ୍ଡୁଲି । ଏହାବାଦ ଦୁର୍ଘଟଣା ହେଲେ ଗୁରୁତରଙ୍କୁ ତୁରନ୍ତ ମେଡିକାଲ ନେବାକୁ କେନ୍ଦ୍ର ସରକାର ଡ୍ରାଇଭରମାନଙ୍କୁ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏପରି ସ୍ଥିତିରେ ଆମେ ଗାଡ଼ିରୁ ଓହ୍ଲାଇଲେ ଲୋକେ ଆମକୁ ପିଟି ମାରିଦେବେ। ସେପରି ସ୍ଥଳରେ ଆମ ଜୀବନ ସୁରକ୍ଷାର ଗ୍ୟାରେଣ୍ଟି କିଏ ଦେବ । ଏଥିସହ ଅଧିକାଂଶ ଦୁର୍ଘଟଣା ମଦ ଯୋଗୁ ଘଟୁଥିବାରୁ ସରକାର ମଦ ଦୋକାନ କାହିଁକି ବନ୍ଦ କରୁ ନାହାନ୍ତି ବୋଲି ପ୍ରଶ୍ନ ପଚାରିଛନ୍ତି ବ୍ରହ୍ମପୁର ଟ୍ରକ୍ ଆସୋସିଏଶନ ସଦସ୍ୟ । କେନ୍ଦ୍ର ସରକାରଙ୍କ ହିଟ ଆଣ୍ଡ ରନକୁ ନେଇ ହୋଇଥିବା ନୂଆ ଆଇନ୍ ଓ ଦୀର୍ଘ ଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି ସଂଘ । ଗତକାଲି ଏନେଇ ଦିଲ୍ଲୀର ଜନ୍ତର ମନ୍ତର ଠାରେ ସବୁ ରାଜ୍ୟର ଡ୍ରାଇଭର ସଂଘଙ୍କର ମିଳିତ ବୈଠକ ହୋଇଥିଲା । କେନ୍ଦ୍ର ସରକାର ନିକଟରେ ୩ ନୂଆ ଅପରାଧିକ ଆଇନ ପ୍ରଣୟନ କରିଛନ୍ତି। ଯଦି କୌଣସି ଟ୍ରକ୍ କିମ୍ବା ଡମ୍ପର ଡ୍ରାଇଭର କାହା ଉପରେ ଗାଡ଼ି ମାଡ଼ କରନ୍ତି ଏବଂ ତାଙ୍କର ମୃତ୍ୟୁ ହୋଇଯାଏ, ତା'ହେଲେ ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ମିଳିବ। ଏଥିସହ ସେମାନଙ୍କୁ ୭ ଲକ୍ଷ ଟଙ୍କା ଜରିମାନା ମଧ ଦେବାକୁ ପଡିବ। ପୂର୍ବରୁ ଯେଉଁ ଆଇନ୍ ଥିଲା ସେଥିରେ ହିଟ୍ ଆଣ୍ଡ ରନ୍ ମାମଲାରେ ଫସିଥିବା ଡ୍ରାଇଭରଙ୍କୁ ବେଶ୍ ଅଳ୍ପ ଦିନ ମଧରେ ଜାମିନ ମିଳି ଯାଉଥିଲା। ଆଉ ଦୁଇ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା। ଏବେ ଏହି ଆଇନ୍ ବିରୋଧରେ ଡ୍ରାଇଭରମାନେ ରାସ୍ତାକୁ ଓହ୍ଲାଇବା ସହ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରିଛନ୍ତି।

## ବାଙ୍ଗିରିପୋଷି ଘାଟିରେ...

କରାଯାଉଥିବା ବେଳେ ତାଙ୍କୁ ମଧ ଉଦ୍ଧାର କରିବା ସମ୍ଭବପର ହୋଇ ପାରିନି। ଟ୍ରକ ଦୁଇଟି ଯାକ କେନ୍ଦୁଝରର ପଟୁ ଘାଟି ରାସ୍ତା ଓହ୍ଲାଉ ଥିବା ବେଳେ ସେମାନେ କେଉଁଠି କୁ ଯାଉଥିଲେ ଏବଂ କେଉଁଠାରୁ ଆସୁଥିଲେ ତାହା ସଠିକ ଜଣା ପଡ଼ିନାହିଁ। ଉଭୟ ଗାଡ଼ି ଡ୍ରାଇଭରଙ୍କ କିଛି ପତ୍ତା ମିଳିନାହିଁ। ଘାଟି ରାସ୍ତାରେ ଯାତାୟତରେ ବାଧା ସୃଷ୍ଟି ହୋଇଥିବା ବେଳେ ଘଟଣାସ୍ଥଳରେ ବାଙ୍ଗିରିପୋଷି ପୁଲିସ ପହଞ୍ଚିଛି।

## ଅଯୋଧ୍ୟା ନଯିବାକୁ ...

ମୁଁ କ'ଣ ସେଠି ଛିଡା ହୋଇ ତାଳି ମାରି ଜୟ ଜୟକାର କରିବି ? ମୋ ପଦର ମଧ ମର୍ଯ୍ୟାଦା ରହିଛି । ରାମ ମନ୍ଦିରର ପ୍ରତିଷ୍ଠା ଶାସ୍ତ୍ର ଅନୁସାରେ ହେବା ଉଚିତ । କିନ୍ତୁ ଏଭଳି ଅୟୋଜନକୁ ମୁଁ ଯିବି ନାହିଁ' । ଶଙ୍କରାଚାର୍ଯ୍ୟ ଆହୁରି ମଧ କହିଛନ୍ତି, 'ମୋତେ ଯେଉଁ ନିମନ୍ତ୍ରଣ ପତ୍ର ଦିଆଯାଇଛି ସେଥିରେ ମୁଁ ଏବଂ ଅନ୍ୟ ଜଣଙ୍କୁ ଯିବାକୁ ଅନୁମତି ରହିଛି । ଏହା ବ୍ୟତୀତ ଆଉ କିଛି ବି ଯୋଗାଯୋଗ କରାଯାଇନାହିଁ । ଏହି କାରଣରୁ ମୁଁ ସେ ଆୟୋଜନକୁ ଯିବିନାହିଁ । ଶ୍ରୀରାମ ମନ୍ଦିରକୁ ନେଇ ଯେଭଳି ଭାବେ ରାଜନୀତି ହେଉଛି ତାହା ଗ୍ରହଣୀୟ ନୁହେଁ' । ଏହାସହ ଧର୍ମସ୍ଥଳ ଗୁଡିକୁ ଯେଭଳି ନବୀନକରଣ କରାଯାଇ କରିଡର ବନାଯାଉଛି ତାକୁ ନେଇ ମଧ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ।

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ...

ତୁରନ୍ତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ରିଲିଜ କରିବାକୁ ଅନୁରୋଧ କରିଛି। ଏହାଦ୍ୱାରା ବନ୍ୟା କ୍ଷତିଗ୍ରସ୍ତ ଜିଲ୍ଲାରେ ରିଲିଫ ଓ ରିହ୍ୟାବିଲଟେସନ କାର୍ଯ୍ୟ କରାଯାଇ ପାରିବ। ପ୍ରଧାନମନ୍ତ୍ରୀ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।" ତାମିଲନାଡୁର କ୍ରୀଡ଼ା ମନ୍ତ୍ରୀ ଭାବେ କାମ କରୁଥିବା ଉଦୟନିଧି ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ପାଇଁ ମଧ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭ ଚେନ୍ନାଇରେ ଜାନୁଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଛି। ଏଥିସହ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗୋଟିଏ କଫି ଟେବୁଲ ବୁକ ଉପହାର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଟ୍ରଫି ଗେମ୍ସ ୨୦୨୩ ଓ ଏସିଆନ ପୁରୁଷ ହକି ଚାମ୍ପିୟନଶିପ ସଫଳତାର ସହ ତାମିଲନାଡୁରେ ଆୟୋଜନ ହୋଇଥିବାରୁ, ସେ ସମ୍ପର୍କିତ ତଥ୍ୟ ଉକ୍ତ ବହିରେ ରହିଛି। ଦୁଇ ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦି ତାମିଲନାଡୁ ଯିବା ସହ ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ କରିଥିଲେ। ଏହି ସମୟରେ ସେ ବନ୍ୟା ପୀଡ଼ିତ ଲୋକଙ୍କୁ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଡିପ୍ ଫେକ୍‌ରୁ ବର୍ତ୍ତିବାକୁ ତାଲିମ ନେବେ ପୋଲିସ୍

ଭୁବନେଶ୍ୱର, ୪/୧ (ନି.ପ୍ର): ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏଆଇ ପ୍ରଯୁକ୍ତି ବିଦ୍ୟାକୁ ଅସ୍ତ୍ର କରି ବହୁଳ ମାତ୍ରାରେ ଡିପ୍ ଫେକ୍ ତଥା ଅବିକଲ୍ ନକଲ୍ ଫଣ୍ଡା ଆପଣାଇପାରନ୍ତି ଦୁର୍ବୃତ୍ତ। ଏଭଳି ଆଶଙ୍କା ଥିବାରୁ ସମ୍ଭାବ୍ୟ ସମସ୍ୟାକୁ ପ୍ରତିହତ ପାଇଁ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିଛି କମିଶନରେଟ୍ ପୋଲିସ । ନିଷ୍ପତି ଅନୁଯାୟୀ, କମିଶନରେଟ୍ ପୋଲିସର ବଛା ବଛା ଅଫିସରଙ୍କୁ ଚୟନ କରି ଡିପ୍ ଫେକ୍ ସଂପର୍କରେ ଦିଆଯିବ ତାଲିମ। ଏକ ସଫ୍ଟୱେର୍ କମ୍ପାନୀର ୨୦ ସାଇବର୍ ଏକ୍ସପର୍ଟ ସଂପୃକ୍ତ ଅଫିସରଙ୍କୁ ତାଲିମ ଦେବେ।

ଶୁକ୍ରବାର, ଜାନୁଆରୀ ୫, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ବୈଜ୍ଞାନିକ ମନୋଭାବକୁ ଉଜ୍ଜିବୀତ କରିଥାଏ ବିଜ୍ଞାନ ମେଳା

ବଡ଼ସାହି , ୪/୧ (ନି.ପ୍ର): ବୈଜ୍ଞାନିକ ମନୋଭାବକୁ ଉଜ୍ଜିବୀତ କରିଥାଏ ବିଜ୍ଞାନ ମେଳା ଓ ଶିଶୁମେଳା ପିଲାଙ୍କ ବୌଦ୍ଧିକ, ଶାରିରୀକ ଓ ମାନସିକ ବିକାଶର ମୁଖ୍ୟ ଉପାଦାନ ବୋଲି ବାଣୀପୀଠ ମହୋତ୍ସବର ତୃତୀୟ ଦିବସରେ ଉତ୍କଳ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସଂକୁଳ ସ୍ତରୀୟ ବିଜ୍ଞାନ ଓ ଶିଶୁମେଳା କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯୋଗଦେଇ ମାନ୍ୟବର ଜଳସମ୍ପଦ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱେଶ୍ୱର ଟୁଡୁ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ଉତ୍କଳ ଶିକ୍ଷା ପରିଷଦର ସଂପାଦକ ଯୋଗେନ୍ଦ୍ର ଦାଶ ସଭାମୁଖ୍ୟ ଥିବାବେଳେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, ସ୍ୱତନ୍ତ୍ର ଅତିଥି ଭାବେ କବୟିତ୍ରୀ ତଥା ନଗରପାଳ ପ୍ରମିଳା ପଣ୍ଡା, ମୁଖ୍ୟବକ୍ତା ଭାବେ ଯୁଗଶ୍ରୀ ଯୁଗନାରୀର ସଂପାଦିକା ମମତା ମହାପାତ୍ର ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଂପାଦକ ଇଂ ମନୋଜ ଦଳବେହେରା, ବିଶିଷ୍ଟ ପରିବେଶବିତ୍ ସନ୍ତୋଷ ମହାନ୍ତି ଓ ଡଃ ନିରୋଜ କୁମାର ପୋଥାଳ ଯୋଗଦାନ କରି ମଣିଷ ଦୀର୍ଘଜୀବୀ ହେବାପାଇଁ ପ୍ରଥମେ ପରିବେଶକୁ ସଜାଡିବା ଆବଶ୍ୟକ ଏଥିପାଇଁ ପିଲାମାନଙ୍କୁ ପ୍ରଥମେ ସଚେତନ କରିବା ଆବଶ୍ୟକ ରହିଛି ବୋଲି ମତ ଉପସ୍ଥାପନ କରିଥିଲେ। ଏହି ମେଳାରେ ବଡ଼ସାହି ସଂକୁଳ ଅନ୍ତର୍ଗତ ୨୦ଟି ଶିକ୍ଷା କେନ୍ଦ୍ରର ଦୁଇ ଶହରୁ ଉର୍ଦ୍ଧ ପିଲା ଅଂଶଗ୍ରହଣ କରିଥିଲେ। ଭାରତ ମାତା, ସ୍ୱାମୀ ବିବେକାନନ୍ଦ ଓ ଜଗତର ନାଥ ଜଗନ୍ନାଥଙ୍କ ଠାରେ ଜ୍ଞାନ ଜ୍ୟୋତି ପ୍ରଜ୍ୱଳନ କରି ଉତ୍ସବ ଉଦ୍ଘାଟନ ହୋଇଥିଲା। ଶାନ୍ତି ପ୍ରବୀର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ସଚୀନ୍ଦ୍ର କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପରେ ପରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସର୍ବଶେଷରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲି ଅନ୍ୟବାଦ ଅର୍ପଣ କରିଥିଲେ।

# ପାରାଦ୍ୱୀପ ଦୋଛକିଠାରେ ସଡ଼କ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ




ପାରାଦ୍ୱୀପ, ୪/୧ (ନି.ପ୍ର): ଆଞ୍ଚଳିକ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ଜଗତସିଂହପୁର ଆନୁକୂଲ୍ୟରେ ପାରାଦ୍ୱୀପ ଦୋଛକି ନିକଟରେ ସଡ଼କ ଦୃଘଟଣା ଜନିତ ସଡ଼କ ସୁରକ୍ଷା ସପ୍ତାହ ଦିବସ ପାଳିତ ହୋଇଯାଇଅଛି। ଏହି ସଡ଼କ ସୁରକ୍ଷା ଜନିତ ଜନ ସଚେତନତା କାର୍ଯ୍ୟକ୍ରମ ଓ ଜନ ସଚେତନ ଶୋଭାଯାତ୍ରାକୁ ସମାଜସେବୀ ଡ଼ଃ ସୁନାକର ବେହେରାଙ୍କ ସଂଯୋଜନାରେ ଆୟୋଜିତ କରାଯାଇଥିଲା।ଓଡିଶା ଡ୍ରାଇଭର ମହାସଂଘ ଜିଲ୍ଲା ଶାଖା ଜଗତସିଂହପୁର ଓ କୁଜଙ୍ଗ ବ୍ଲକ ଶାଖାର ମିଳିତ ସହଯୋଗରେ ଡ୍ରାଇଭର ଭାଇମାନଙ୍କ ସହିତ ସ୍ଥାନୀୟ ଜନସାଧାରଣ ଏକତ୍ରିତ ହୋଇ ଏକ ଜନ ସଚେତନତା ରାଲି ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସଡ଼କ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଶେଷରେ ଦୋଛକି ଠାରେ ଏକ ସଭା ଆୟୋଜନ କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ପ୍ରତେକ ଦିନ ଘଟୁଥିବା ସଡ଼କ ଦୃଘଟଣାକୁ ଏଡାଇବା ନିମନ୍ତେ ଆଜିର ଏହି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ବୋଲି ଡଃ ବେହେରା ସୂଚନା ଦେଇଥିଲେ। ଆଜିର ସଡ଼କ ସୁରକ୍ଷା ଜନସଚେତନତା କାର୍ଯ୍ୟକ୍ରମରେ ଓଡିଶା ଡ୍ରାଇଭର ମହାସଂଘ ବ୍ଲକ ସଭାପତି ସନ୍ତୋଷ କୁମାର ସାହୁ ସଭାପତିତ୍ୱକରି ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜଗତସିଂହପୁର ଜିଲ୍ଲା ଟ୍ରାଫିକ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଯୋଗଦେବା ସହିତ ମୁଖ୍ୟ ବକ୍ତାଭାବେ ଦେବଦୁତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ କୁମାର ତରାଇ ଓ ସଂମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଓଡିଶା ଡ୍ରାଇଭର ମହାସଂଘ ଜିଲ୍ଲା ଉପଦେଷ୍ଟା ଜଗବନ୍ଧୁ ସାମଲ , ଜିଲ୍ଲା ସମ୍ପାଦକ ଚନ୍ଦ୍ରକାନ୍ତ ଦାସ, ବ୍ଲକ କୋଷାଧକ୍ଷ ମଳୟ ରଞ୍ଜନ ସୁତାର, ସମ୍ପାଦକ ଅରୁଣ କୁମାର ପଣ୍ଡା ଯୋଗଦେଇ ଥିଲେ।ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାପାତ୍ର ଅଭିଭାଷଣରେ ସଡ଼କ ଦୃଘଟଣାକୁ କିପରି ପ୍ରତିହତ କରି ପାରିବା ସେ ଦିଗରେ ସରକାରଙ୍କ ବିଭିନ୍ନ ନୀତିନିୟମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ଲକ ଥାନାର ପୋଲିସ ଅଧିକାରୀ ବୃନ୍ଦ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଭାଇ ଭଉଣୀ ଓ ବିଭିନ୍ନ ଗଣମାଧମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୩-୨୪

ବାରିପଦା, ୪/୧ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶାଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷା ବର୍ଷ ୨୦୨୩-୨୪ରେ "ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ" ଅଦ୍ୟ ତା:୦୫.୦୧.୨୦୨୪ ରିଖ ଠାରୁ ତା:୦୭.୦୧.୨୦୨୪ ରିଖ ପର୍ଯ୍ୟନ୍ତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାରିପଦାଠାରେ ଆୟୋଜନ କରାଯାଉଅଛି । ଏଥିରେ ୩୦ ଗୋଟି ଜିଲ୍ଲାରୁ ମୋଟ ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ କରାଯିବ । ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି, ମାନ୍ୟବର ରାଜ୍ୟସଭା ସାଂସଦ ମମତା ମହାନ୍ତ, ମାନ୍ୟବର ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ପ୍ରମୁଖ ଉକ୍ତ ଦିବସ ଗୁଡିକରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବାର କାର୍ଯ୍ୟସୂଚୀ ରହିଛି । ସେହିପରି ସ୍ୱତନ୍ତ୍ର ଅତିଥି ଭାବରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଆଶ୍ୱତୀ ଏସ. ଉଦଘାଟନୀ ଉତ୍ସବରେ ଯୋଗଦାନ କରିବେ । ସମ୍ମାନିତ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷ। ଭାରତୀ ହାଁସଦା, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାର୍ଣ୍ଡି, ମାନ୍ୟବର ବିଧାୟକ ଉଦଳା ଭାସ୍କର ମଢେଇ, ମାନ୍ୟବର ବିଧାୟକ ସାରସକଣ। ଡ. ବୁଢାନ ମୁର୍ମୁ, ମାନ୍ୟବର ବିଧାୟକ ବଡସାହି ସନାତନ ବିଜୁଳି, ମାନ୍ୟବର ବିଧାୟକ ବାରିପଦା ପ୍ରକାଶ ସୋରେନ, ମାନ୍ୟବର ବିଧାୟକ ମୋରଡା ରାଜକିଶୋର ଦାସ, ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ମାନ୍ୟବର ବିଧାୟକ ରାଇରଙ୍ଗପୁର ନବ ଚରଣ ମାଝୀ, ମାନ୍ୟବର ବିଧାୟକ ଯଶିପୁର ଗଣେଶ ରାମ ସିଂ ଖୁଣ୍ଟିଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ରୂପଭାନୁ ମିଶ୍ର, ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶୁଶାନ୍ତ କୁମାର ଦାସ, ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟାର, ବରିଷ୍ଠ ବୈଜ୍ଞାନିକ କେ.ଭି.କେ. ଯଶିପୁର ଡ. ଦୀପକ କୁମାର ମହାନ୍ତି ପ୍ରମୁଖ ଉକ୍ତ ଦିନ ଗୁଡିକରେ ଯୋଗଦାନ କରିବେ । ମନୋଜ କୁମାର ପାଢୀ, ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡିଶାଙ୍କ ସଭାପତିତ୍ୱରେ ଉକ୍ତ ଦିନଗୁଡ଼ିକର ସଭା ଗୁଡିକ ପରିଚାଳିତ ହେବ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଗୁଡିକ ଆୟୋଜନ କରାଯାଉଅଛି । ଏଣୁ ସମସ୍ତ ଜନସାଧାରଣ, ଛାତ୍ରଛାତ୍ରୀ, ବିଜ୍ଞାନପ୍ରେମୀ ମାନଙ୍କୁ ଅନୁରୋଧ କରାଯାଉଅଛିକି ଉକ୍ତ ଦିନ ଗୁଡିକରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନେ ଆଣିଥିବା ବିଜ୍ଞାନ ପ୍ରକଳ୍ପ ଗୁଡିକ ବୁଲି ଦେଖିବା ସହିତ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରି ନିଜର ବହୁମୂଲ୍ୟ ମତାମତ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଆଶା କରୁଅଛୁ ।



# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ବାଲେଶ୍ୱରରେ ପହଞ୍ଚିଲେ ୫ ଜିଲ୍ଲାର ତୀର୍ଥଯାତ୍ରୀ

ବାଲେଶ୍ୱର, ୪/୧ (ନି.ପ୍ର): ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା- ୨୦୨୩-୨୪ ଅନ୍ତର୍ଗତ ଆଜି ପୂର୍ବାହ୍ନ ଘ. ୨ ଟା ସମୟରେ ପର୍ଯ୍ୟାୟ କ୍ରମେ ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ, କେନ୍ଦୁଝର ଓ ଯାଜପୁର ଆଦି ୫ ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଆଜି ବାଲେଶ୍ୱରର ପଦ୍ମାବତୀ ପାର୍କ ଠାରେ ପହଞ୍ଚିଛନ୍ତି ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଓ ଏହି ପରିପ୍ରେକ୍ଷୀରେ ପଦ୍ମାବତୀ ପାର୍କର ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ ସାମ୍ବାଦିକ ସମ୍ମିଳନୀ କରି ଆସନ୍ତା ୫ ତାରିଖରେ ହେବାକୁ ଥିବା ଯାତ୍ରା ତଥା ତତ୍ ସମ୍ବନ୍ଧିତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ବରିଷ୍ଠ ନାଗରିକଙ୍କ ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି ଓ ଜାନୁଆରୀ ୫ ତାରିଖ ଦିନ ସକାଳ ପ୍ରାୟ ଘ. ୧୧.୩୦ ମି ସମୟରେ ବାଲେଶ୍ୱର ରେଳ ଷ୍ଟେସନ ଠାରୁ ତୀର୍ଥଯାତ୍ରୀମାନେ ଉଜେ ?ନ-ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିବେ । ଏହି ଯୋଜନା ଅନ୍ତର୍ଗତ ୯୭୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ସମ୍ମିଳିତ ଜିଲ୍ଲାଗୁଡିକର ୩୦ ଜଣ ଏସ୍କର୍ଟ ଅଧିକାରୀ ରେଳ ବିଭାଗ ଯୋଗାଇଦେଉଥିବା ସ୍ୱତନ୍ତ୍ର ରେଳ ଯୋଗେ ଯାତ୍ରା କରିବେ ଓ ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି ।

# ପ୍ରଥମ ସଚ୍ଚିଦାନନ୍ଦ ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ଭଦ୍ରକ, ୪/୧ (ନି.ପ୍ର): ପ୍ରଥମ ସଚ୍ଚିଦାନନ୍ଦ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାରଠାରୁ ଭଦ୍ରକ କଲେଜ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବରିଷ୍ଠ କ୍ରୀଡ଼ାବିତ୍ ନୀଳମାଧବ ଦାସ ଓ ଭାରତୀୟ ସେନା ବାହିନୀର ସବ୍‌ମେଜର କିରନ୍‌ଜିତ୍ ସିଂ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଟୁର୍ଣ୍ଣାମେଣ୍ଟର ଆୟୋଜକ ତଥା ଯୁବନେତା ଜ୍ୟୋତି ପ୍ରକାଶ ମହାନ୍ତି ଉପସ୍ଥିତ ରହି ଉଦ୍‌ଘାଟନୀ ମ୍ୟାଚ୍‌ର ଖେଳାଳୀମାନଙ୍କ ସହ କରମର୍ଦ୍ଦନ କରି ଖେଳାଳୀଙ୍କୁ ଉତ୍ସାହିତ କହିଥିଲେ। ପ୍ରଥମ ମ୍ୟାଚରେ ସ୍ଥାନୀୟ ଜଗନ୍ନାଥପୁରର ରାଧାଗୋବିନ୍ଦ କ୍ଲବ ଅସ୍ତଳର କ୍ଷେମସାଗର ଟିମ୍‌କୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସେହି କ୍ରମରେ ପୁରୁଣାବଜାର ଏକାଡେମୀ ଦ୍ୱିତୀୟ ମ୍ୟାଚ୍‌ରେ ଚାରିଘରିଆର ମଧୁ କ୍ଲବକୁ ପରାସ୍ତ କରି ସେମିଫାଇନାଲକୁ ଉଠିଛି। ତୃତୀୟ ମ୍ୟାଚରେ ରୟାଲ ଷ୍ଟାର ବାଇପାସ୍, ମଉଦାର ଜୟ ହନୁମାନ କ୍ଲବକୁ ପରାସ୍ତ କରିଥିବା ବେଳେ ଚରମ୍ପାର ଡେଲ୍‌ଟା ଟିମ୍ ପୁରୁଣାବଜାରର ବନ୍‌ଜାରା ଟିମ୍‌କୁ ହରାଇ ସେମିଫାଇନାଲ ରାସ୍ତା ପକ୍କା କରିଛି। ଶୁକ୍ରବାର ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟର ସମସ୍ତ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ପର୍ଯ୍ୟାୟ କ୍ରମେ ଫ୍ଲଡ ଲାଇଟ୍‌ରେ ଅନୁଷ୍ଠିତ ହେବ। ଏହା ବ୍ୟତୀତ ମିଡ଼ିଆ ଏକାଦଶ ଏବଂ ଓକିଲ ଏକାଦଶଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ ଖେଳାଯିବ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟର ବିଜେତା ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯିବାକୁ ଥିବା ବେଳେ ପରାଜିତ ଟିମ୍‌କୁ ନଗଦ ଅର୍ଥ ୫ ହଜାର ଟଙ୍କା ପ୍ରଦାନ କରାଯିବ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ପାରା ଆଥ୍‌ଲେଟ୍ ରାଖାଲ କୁମାର ସେଠୀଙ୍କ ସହ ବହୁ ବରିଷ୍ଠ ପଦାଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ଣ୍ଣାମେଣ୍ଟେଟି ଜଗନ୍ନାଥପୁର କ୍ରିକେଟ୍ କ୍ଲବର ସମସ୍ତ ସଦସ୍ୟଙ୍କ ମିଳିତ ପ୍ରଚେଷ୍ଟାରେ ପ୍ରଥମ ଥର କରି ଆରମ୍ଭ ହୋଇଛି।

# ଜଳ ସଂପଦ ବିଭାଗରେ ଯୋଗଦେଲେ ୪୪୧ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର, ୪/୧ (ନି.ପ୍ର): ଜଳ ସଂପଦ ବିଭାଗରେ ଯୋଗଦେଲେ ୪୪୧ ସିଭିଲ ଜେଇ। ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ କନିଷ୍ଠ ଯନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇ କହିଥିଲେ ଯେ ସମାଜର ସବୁ ବର୍ଗ ଉପରେ ଜଳସଂପଦ ବିଭାଗର ପ୍ରଭାବ ଅଛି। ୫ଟି ନୀତି ଅନୁସରଣ ସହ ଟେକ୍ନୋଲୋଜିର ପ୍ରୟୋଗ କରନ୍ତୁ। ନୂଆ ଉପାୟରେ ଗୁରୁତର ସମସ୍ୟାର ସମାଧାନ କରନ୍ତୁ।

# ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ



ବାସୁଦେବପୁର, ୪/୧ (ନି.ପ୍ର): ବାସୁଦେବପୁର ଗାନ୍ଧୀ ତଥା ଓଡ଼ିଶାର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ପାଳିତ ହୋଇଯାଇଛି । ଏହି ସଭାରେ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦର ସଭାପତି ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ । ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବ କୁ ଉଦଘାଟନ କରିଥିଲେ ଓ ସଂଗ୍ରାମୀ ଗୌରାଙ୍ଗ ମହାନ୍ତି ଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଶିକ୍ଷାବିତ୍ ଅବସରପ୍ରାପ୍ତ ଅଧକ୍ଷ ଭାଗିରଥି ମହାନ୍ତି ମୁଖ୍ୟ ବକ୍ତା ଭାବେ ଏବଂ ସମାଜସେବୀ ବୈଲୋଚନ ଜେନା, ଅବସରପ୍ରାପ୍ତ ଜିଲ୍ଲାପାଳ ଧନଞ୍ଜୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ସୁଧାଂଶୁ ଶେଖର ମିଶ୍ର, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ଗଣେଶ ଚନ୍ଦ୍ର ପଣ୍ଡା , ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲିକ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ସାମ୍ବାଦିକ ରଞ୍ଜନ ନାୟକ ଅତିଥି ପରିଚୟ, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ବେଦ ପାଠ ଓ ନିତ୍ୟାନନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ । ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ, ସମାଜସେବୀ ପ୍ରଶାନ୍ତ ନାୟକ, କବି ରଘୁନାଥ ମହାନ୍ତି, ଶିଶୁ ସାହିତ୍ୟିକ ତପନ ମିତ୍ର, ସ୍ମୃତି ସଂସଦ ସଭ୍ୟ ହିମାଂଶୁ ପାଣିଗ୍ରାହୀ, ନିଗମାନନ୍ଦ ପଣ୍ଡା, ଅନନ୍ତ ପ୍ରସାଦ ପୋଇ, ସଞ୍ଜୀବ ପାଣିଗ୍ରାହୀ, ଜୟନ୍ତ ଜେନା, କୈଳାସ ମହାପାତ୍ର, କବି ପ୍ରହଲ୍ଲାଦ ବାରିକ, ଶିକ୍ଷକ ନିର୍ମଳ ମିଶ୍ର, ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି , ସାମ୍ବାଦିକ ବୈଲୋଚନ ସାହୁ, ନାରାୟଣ ପ୍ରସାଦ ବାରିକ, ରମାକାନ୍ତ ଡାଙ୍ଗୁଆ, ଗୌତମ ଦେ, ସତ୍ୟକାନ୍ତ ନାୟକ, ପ୍ରଶାନ୍ତ ଦାସ, ଉଦୟ ଜେନା ପ୍ରମୁଖ ଏହି ସଭାରେ ଯୋଗ ଦେଇଥିଲେ । ମିରାକଲ ପବ୍ଲିକ ସ୍କୁଲର ଛାତ୍ର ଛାତ୍ରୀ ଗୌରାଙ୍ଗ ସଙ୍ଗୀତ ପରିବେଷଣ କରିଥିଲେ । ଗୌରାଙ୍ଗ ମହାନ୍ତି ଙ୍କ ପୁତ୍ର ମାନସ ରଞ୍ଜନ ମହାନ୍ତି, ପୁତ୍ର ବଧୂ ରେଖା ପଟ୍ଟନାୟକ ଏହି ଉତ୍ସବକୁ ପରିଚାଳନା କର ିବାରେ ସହଯୋଗ କରିଥିଲେ।

# ସେଲ ରାଉରକେଲା ଇସ୍ପାତ କାରଖାନାର ଆରସିଏଲ ବିଭାଗର କର୍ମଚାରୀ ପୁରସ୍କୃତ

ରାଉରକେଲା : ସେଲ ରାଉରକେଲା ଇସ୍ପାତ କାରଖାନାର ଆରସିଏଲ ବିଭାଗରେ ଜାନୁୟାରୀ ୧ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୁଣବତ୍ତା ବିଭାଗର ମୁଖ୍ୟ ମହା ପ୍ରବନ୍ଧକ ଶ୍ରୀ ଆତିଶ ଚନ୍ଦ୍ର ସରକାର ବିଭାଗର ୭ ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ଯୋଜନା ଅଧୀନରେ ପୁରସ୍କାର ପ୍ରଦାନ କରିବା ସହିତ ୨୫ ଜଣ ଠିକା ଶ୍ରମିକଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ସରକାର, ବିଭାଗରେ କାର୍ଯ୍ୟରତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଠିକା ଶ୍ରମିକଙ୍କୁ କାର୍ଯ୍ୟସ୍ଥଳୀରେ ତଥା ରାସ୍ତାରେ ସୁରକ୍ଷା ନିୟମ ଅନୁପାଳନ ସଙ୍ଗେସଙ୍ଗେ ବ୍ୟବହାରିକ ସୁରକ୍ଷା ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉପସ୍ଥିତ କର୍ମଚାରୀମାନଙ୍କୁ ଆଗଭର ହୋଇ ବିଭାଗର ଉନ୍ନତି ପାଇଁ ଯେକୌଣସି ପ୍ରସଙ୍ଗ / ପରାମର୍ଶ ଉପସ୍ଥାପନ କରିବାକୁ ପ୍ରୋତ୍ସାହିତ କରିଥିଲେ। ସାବାସ ପୁରସ୍କାର ପ୍ରଦାନ କରାଯାଇଥିବା ପ୍ରକଳ୍ପଗୁଡିକ ହେଲା ଆସିଷ୍ଟାଣ୍ଟ କେମିଷ୍ଟ ଶ୍ରୀ ରାଜେନ୍ଦ୍ର କୁମାର ଜେନା ଏବଂ ସିନିୟର ଟେକନିସିଆନ ଶ୍ରୀ ଶ୍ରୀଧର ଖାଟୁଆଙ୍କ ନେତୃତ୍ୱ ରେ ଏସଏମଏସ-୨ ଲ୍ୟାବର ଓଇଏସ ମେସିନର ପୁନରୁଦ୍ଧାର, ଆର ସି ଏଲ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଅଙ୍କିତା ବିଲୁଙ୍ଗ ଏବଂ ମୁଖ୍ୟ ସେମ୍ପଲର ଶ୍ରୀ ଆର ସେଠୀ ଙ୍କ ଦ୍ୱାରା ସମ୍ପାଦିତ 'ସିଣ୍ଟରିଂ ପ୍ଲାଣ୍ଟ-୨ ଲ୍ୟାବକୁ ଡି ଟି ଆଇ ମେସିନର ସଫଳ ସ୍ଥାନାନ୍ତରଣ ଏବଂ ଏହାର ରୂପାୟନ" ଏବଂ ବିଭାଗର ମ୍ୟାନେଜର ସୁଶ୍ରୀ ଖୁସବୁ ମିଶ୍ର, ଟେକନିସିଆନ, ଶ୍ରୀ ଘନଶ୍ୟାମ ଓଝା ଏବଂ ସିନିୟର ଟେକନିସିଆନ ଶ୍ରୀ ମଥାନ ମୁରଲୀଧରଙ୍କ ଦ୍ୱାରା 'ବ୍ଲାଷ୍ଟ ଫର୍ଣ୍ଣେସ-୫ ଲ୍ୟାବରେ ଆର ଏଲ ଆର ଡି ଆଇ ମେସିନର ପୁନରୁଦ୍ଧାର କାର୍ଯ୍ୟ" । ଏହି କାର୍ଯ୍ୟ କ୍ରମକୁ ଆର ସି ଏଲ ବିଭାଗର ଏଜିଏମ୍ ସୁଶ୍ରୀ ନିବେଦିତା ସାମଲ ସଂଯୋଜନା କରିଥିବାବେଳେ ଆର ସି ଏଲ ବିଭାଗର ଜିଏମ ଶ୍ରୀ ଆଶିଷ ରଂଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ରିଣିପଦାରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବସ୍ତା , ୪/୧ (ନି.ପ୍ର): ବସ୍ତା ବ୍ଲକ ମୁକୁଳିସି ଗ୍ରାମ ପଞ୍ଚାୟତ ର ରିଣିପଦାରେ ମାରାଙ୍ଗ ଗୁରୁ ଆଥଲେଟିକ୍ସ ଆସୋସିଏସନ ତରଫରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ସମାପ୍ତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ରେ ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାର ୧୬ ଟି ଟିମ ଭାଗନେଇଥିଲେ। ଫାଇନାଲ ଖେଳ ପୂର୍ବରୁ ବିଭିନ୍ନ ଆଦିବାସୀ ବାଦ୍ୟଯନ୍ତ୍ର ଓ ପାରମ୍ପରିକ ପୋଷାକରେ ଗ୍ରାମବାସୀ ମାନେ କଳସ ଶୋଭାଯାତ୍ରା ସହ ଅତିଥିମାନଙ୍କୁ ପାଛୋଟି ଆଣିଥିଲେ। ଏକ ଚିତ୍ତାକର୍ଷକ ମ୍ୟାଚ ରେ ରୁଦ୍ରାଂଶ କ୍ଲବ ରସରାଜ କ୍ଲବକୁ ୧-୦ ରେ ପରାସ୍ତ କରିଥିଲେ। ରବିନ୍ଦ୍ର ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ସମାଜସେବୀ ଶ୍ୟାମାପ୍ରସାଦ ବେହେରା, ପରମାନନ୍ଦ ମହାପାତ୍ର, ବଡ ଖବରର ସିଇଓ ଜିତେନ୍ଦ୍ର ରାୟ, ବସନ୍ତ ବାରିକ ସରପଞ୍ଚ ଅମିତ ବିଶ୍ୱାଳ, ରାସବିହାରୀ ଦାସ ଅଧିକାରୀ,ନାଏବ ସରପଞ୍ଚ ରଞ୍ଜିତା ପରିଡା,ରବୀନ୍ଦ୍ର ବିଶ୍ୱାଳ ସାମ୍ବାଦିକ ସୁଶାନ୍ତ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇ ବିଜେତାଙ୍କୁ ତିରିଶ ହଜାର ଓ ରନର ଟିମକୁ କୋଡିଏ ହଜାର ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ରଞ୍ଜନ ମୁର୍ମୁ ଙ୍କ ସହ ଗୁଲିମାଡ ସୋରେନ,ସୁରେନ୍ଦ୍ର ମୁର୍ମୁ ଓ ମୋହନ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ର ମଧ୍ୟାନ୍ତର ଓ ସଭା ଆରମ୍ଭ ରେ ପାରମ୍ପରିକ ଆଦିବାସୀ ନୃତ୍ୟ ଶିଶୁ କଳାକାର ମାନେ ପ୍ରଦର୍ଶିତ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo